ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ............

ବାଲେଶ୍ୱର ■ ସୋମବାର ୨୮ ସେପ୍ଟେମ୍ବର ୨୦୨୦ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 28 SEPTEMBER 2020
Vol.No. 30 ■ No. 246 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019

SAI SADHANA SCIENCE HIGHER SECONDARY SCHOOL, UDALA
A Fully +2 Science Residential College
Dibyasingpur, Udala,
Dist: Mayurbhanj





2nd Admission is going on
SUMMER COURSE:- 2nd Batch Admission
Starts from: Dt.19.03.2020 and Class Starts
From:- 2nd April (Thursday)
ଏହି SUMMER COURSE FEE କେବଳ ମାତ୍ର
୪୦୦୦ଟଙ୍କା ରେ ଖାଇବା,ରହିବା ଓ ପଢିବା ର ସୁବ୍ୟବସ୍ଥା ରହିଛି ।
For better development of students are taught by highly and well experienced faculties.
Contact No: 9437294587, 9438232419, 9437443950,

# କୃଷକ ସଶକ୍ତ ହେଲେ, ମଜବୁତ୍ ହେବ ଆତ୍ମନିର୍ଭର ଭାରତର ମୂଳଦୁଆ : ମୋଦି



ନୂଆଦିଲ୍ଲୀ,୨୭।୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ଲୋକପ୍ରିୟ ରେଡିଓ କାର୍ଯ୍ୟକ୍ରମ 'ମନ କି ବାତ୍' ଜରିଆରେ ଦେଶବାସୀଙ୍କୁ ଆଜି ସମ୍ବୋଧିତ କରିଛନ୍ତି । କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ଭିନ୍ନ ଭିନ୍ନ ପ୍ରସଙ୍ଗ ଉପରେ ନିଜର ମନ୍ତବ୍ୟ ରଖିଛନ୍ତି । ଆଜିର କାର୍ଯ୍ୟକ୍ରମରେ ଲୋକଙ୍କ କାହାଣୀ ଶୁଣିବାଠାରୁ ଆରମ୍ଭ କରି ମହାତ୍ମାଗାନ୍ଧୀ, ଭଗତ ସିଂହଙ୍କ ସମେତ କୃଷକମାନଙ୍କ ବିଷୟରେ ମଧ୍ୟ ମୋଦି କହିଛନ୍ତି । କାର୍ଯ୍ୟକ୍ରମରେ କୃଷି ବିଲ୍ ବାବଦରେ ମଧ୍ୟ ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଅବଗତ କରାଇଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଦେଶବାସୀଙ୍କୁ କରୋନା ଭୂତାଣୁ ସଂକ୍ରମଣଠାରୁ ନିଜକୁ ରକ୍ଷା କରିବାକୁ ଅପିଲ କରିଛନ୍ତି । ଏନେଇ ସବୁ ପ୍ରକାର ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି । ଔଷଧ ନ ବାହାରିବା ପର୍ଯ୍ୟନ୍ତ ବେପରୁଆ ହେବା ଆଦୌ ଉଚିତ୍ ନୁହେଁ ବୋଲି ମୋଦି କହିଛନ୍ତି । ମହାତ୍ମାଗାନ୍ଧୀ ସ୍ମରଣ କରି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ଆଜିର ସମୟରେ ବାପୁଜୀଙ୍କ ବିଚାରଧାରର ଅଧିକ ପ୍ରାସଙ୍ଗିକତା ରହିଛି । ଅକ୍ଟୋବର ୨ ଆମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ତଥା ପବିତ୍ର ଦିବସ ଅଟେ । ସେହିପରି ଶହିଦ ଭଗତ ସିଂହଙ୍କୁ ମନେପକାଇ ମୋଦି କହିଛନ୍ତି ଯେ, ଜଣେ ୨୩ ବର୍ଷୀୟ ଯୁବକଙ୍କୁ ଦେଖି ଇଂରେଜ ଶାସକ ଡରିଯାଇଥିଲେ । ଆସନ୍ତାକାଲି ଅର୍ଥାତ ସେପ୍ଟେମ୍ବର ୨୮ରେ ଆମେ ଶହିଦ୍ ବୀର ଭଗତ ସିଂହଙ୍କ ଜୟନ୍ତୀ ପାଳନ କରିବା । ଏଣୁ ସମସ୍ତ ଦେଶବାସୀଙ୍କ ସମେତ ସାହସ ଓ ବୀରତାଙ୍କ ପ୍ରତିମୂର୍ତ୍ତି ବୀର ଭଗତ ସିଂହଙ୍କୁ ମୁଁ ପ୍ରଣାମ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ହରିୟାଣାର ଜଣେ କୃଷକ ଭାଇ ମୋତେ କହିଲେ ଯେ ଏକଦା ମଣ୍ଡି ବାହାରେ ତାଙ୍କୁ ଫଳ ଓ ପନିପରିବା ବିକ୍ରି କରିବା ଲାଗି ସମସ୍ୟା ହେଉଥିଲା । ହେଲେ ୨୦୧୪ରେ ଫଳ ଓ ପନିପରିବା ବିକ୍ରି କରିବା ଲାଗି ସମସ୍ୟା ହେଉଥିଲା । ହେଲେ ୨୦୧୪ରେ ଫଳ ଓ ପନିପରିବାକୁ ଏପିଏମସି ଆଇନରୁ ବାଦ୍ ଦିଆଯିବା ଦ୍ୱାରା ତାଙ୍କୁ ଏବଂ ତାଙ୍କ ଆଖପାଖ କୃଷକଙ୍କୁ ଖୁବ୍ ଲାଭ ମିଳିଛି । ସେମାନେ ନିଜ ଫଳ ପନିପରିବାକୁ ଯେଉଁଠି ଇଚ୍ଛା ସେଠାରେ ବିକ୍ରି କରିପାରୁଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି କରୋନା ସଙ୍କଟ କାଳରେ କୃଷି କ୍ଷେତ୍ର ନିଜର ଶକ୍ତି ପ୍ରଦର୍ଶନ କରିଛି । ଦେଶର କୃଷକ ତଥା ଗ୍ରାମ ଯେତିକି ମଜବୁତ ହେବ ଦେଶ ▶▶ପୃଷ୍ଠା ୭

# ଆଜି ଜେଇଇ ଆଡଭାନ୍ସଡ୍ ପରୀକ୍ଷା



ଭୁବନେଶ୍ୱର,୨୭।୯ (ନି.ପ୍ର): ଆଜି ଅନୁଷ୍ଠିତ ହେବ JEE Advanced ପରୀକ୍ଷା । ଏଥିପାଇଁ ଓଡ଼ିଶାର ଭୁବନେଶ୍ୱର, କଟକ, ସମ୍ବଲପୁର, ବ୍ରହ୍ମପୁର ଓ ରାଉରକେଲାରେ ମୋଟ ୧୮ଟି ପରୀକ୍ଷାକେନ୍ଦ୍ର କରାଯାଇଛି । ଏଥିମଧ୍ୟରୁ ଭୁବନେଶ୍ୱରରେ କେବଳ ୯ଟି ପରୀକ୍ଷା କେନ୍ଦ୍ର ହୋଇଛି । ଓଡ଼ିଶାରୁ ପ୍ରାୟ ୩ ହଜାର ପରୀକ୍ଷାର୍ଥୀ ଦୁଇଟି ସିଟିଂରେ ପରୀକ୍ଷା ଦେବେ । ସକାଳ ୯ରୁ ୧୨ ଓ ଅପରାହ୍ନ ୨ଟା ୩୦ରୁ ୫ଟା ୩୦ ପର୍ଯ୍ୟନ୍ତ ପରୀକ୍ଷା ହେବ । କମ୍ପ୍ୟୁଟର ବେସଡ୍ ଟେଷ୍ଟ ବା ସିବିଟି ମୋଡ୍‌ରେ ପରୀକ୍ଷା ହେବ । ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରି କୋଭିଡ୍ ଗାଇଡଲାଇନ୍ ପାଳନ ସହ ପରୀକ୍ଷା କରାଯିବ । ଚଳିତବର୍ଷ ପ୍ରଥମଥର ପାଇଁ ଆଇଆଇଟି ଭୁବନେଶ୍ୱରରେ ପରୀକ୍ଷା କେନ୍ଦ୍ର କରାଯାଇଛି । ସାରା ଦେଶରେ ୧ ଲକ୍ଷ ୬୦ ହଜାର ଛାତ୍ରଛାତ୍ରୀ JEE Advanced ପରୀକ୍ଷା ପାଇଁ ନାମ ପଂଜୀକରଣ କରିଛନ୍ତି । ଆଇଆଇଟି ଓ ଏନ୍ଆଇଟିରେ ନାମ ଲେଖାଇବାପାଇଁ ଏହି ପରୀକ୍ଷା କରାଯାଉଛି ।

# ଅକ୍ଟୋବର ମାସରେ ରାଜ୍ୟର ଖୋଲିବ ସମସ୍ତ ପର୍ଯ୍ୟଟନସ୍ଥଳୀ : ପର୍ଯ୍ୟଟନ ମନ୍ତ୍ରୀ



ଭୁବନେଶ୍ୱର,୨୭।୯ (ନି.ପ୍ର): କୋଭିଡ୍ କଟକଣା ଭିତରେ ଆଗାମୀ ଅକ୍ଟୋବର ମାସରେ ରାଜ୍ୟର ସମସ୍ତ ପର୍ଯ୍ୟଟନସ୍ଥଳୀ ସାଧାରଣ ଲୋକଙ୍କ ପାଇଁ ଖୋଲାଯିବ । ଏ ନେଇ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସୂଚନା ଦେଇଛନ୍ତି । ତେବେ ଓଡ଼ିଶାର ମନ୍ଦିରଗୁଡ଼ିକ କେବେ ଖୋଲିବ, ସେ ନେଇ କିଛି ସ୍ପଷ୍ଟ କରିନାହାନ୍ତି । କୋଭିଡ୍ ପାଇଁ ରାଜ୍ୟରେ ପର୍ଯ୍ୟଟନ ଶିଳ୍ପ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ କହିଛନ୍ତି । ଚଳିତବର୍ଷ ୫ଟି ସ୍ଥାନରେ ଇକୋ ରିଟ୍ରିଟ୍ କରାଯିବା ନେଇ ମଧ୍ୟ ସୂଚନା ଦେଇଛନ୍ତି ▶▶ପୃଷ୍ଠା ୭

# ଓଡ଼ିଶାରୁ ବିଳମ୍ବରେ ଫେରିବ ମୌସୁମୀ



ଭୁବନେଶ୍ୱର,୨୭।୯ (ନି.ପ୍ର): ବିଳମ୍ବରେ ଓଡ଼ିଶାରୁ ଫେରିବ ମୌସୁମୀ । ଅକ୍ଟୋବର ୧୫ ତାରିଖ ପରେ ଏହି ପ୍ରକ୍ରିୟା ଆରମ୍ଭ ହୋଇପାରେ । ପାଣିପାଗ ବିଶେଷଜ୍ଞଙ୍କ ଆକଳନ ମୁତାବକ, ଦେଶରେ ମୌସୁମୀର ପ୍ରତ୍ୟାବର୍ତ୍ତନ ପ୍ରକ୍ରିୟା ଆସନ୍ତା ୨୮ ତାରିଖରୁ ପଶ୍ଚିମ ରାଜସ୍ଥାନରୁ ଆରମ୍ଭ ହୋଇଯିବ । ▶▶ପୃଷ୍ଠା ୭

# ଜ୍ୟୋତିର୍ମୟୀ ଦାସଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ ନବୀନ

ଭୁବନେଶ୍ୱର,୨୭।୯ (ନି.ପ୍ର): 'ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାର' ପାଇଥିବା ବୈଜ୍ଞାନିକ ଜ୍ୟୋତିର୍ମୟୀ ଦାସଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ସେ ଟ୍ୱିଟ କରି କହିଛନ୍ତି ଯେ - ରସାୟନ ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ପ୍ରଥମ ଓଡ଼ିଆ ଭାବେ ସମ୍ମାନଜନକ 'ଶାନ୍ତି ସ୍ୱରୂପ ଭଟ୍ଟନାଗର ପୁରସ୍କାର' ପାଇଥିବା ବୈଜ୍ଞାନିକ ଜ୍ୟୋତିର୍ମୟୀ ଦାସଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ । ତାଙ୍କ କୀର୍ତିରେ ସମଗ୍ର ଓଡ଼ିଶା ଆଜି ଗର୍ବିତ । ଆଗାମୀ ଦିନରେ ତାଙ୍କର ଆହୁରି ସଫଳତା କାମନା କରୁଛି ।

# ବିଧାନସଭା ପୂର୍ବରୁ କରୋନା ଟେଷ୍ଟ : ୧୩୬ ପଜିଟିଭ୍



ଭୁବନେଶ୍ୱର,୨୭।୯ (ନି.ପ୍ର): ବିଧାନସଭାର ମୌସୁମୀ ଅଧିବେଶନ ପୂର୍ବରୁ ଆସିଲା କରୋନା ଟେଷ୍ଟିଂ ରିପୋର୍ଟ । ଗତକାଲି କୋଭିଡ୍ ଟେଷ୍ଟ କରାଯାଇଥିବା ୭୫୭ଙ୍କ ଭିତରୁ ୧୩୬ ଜଣଙ୍କ ରିପୋର୍ଟ ପଜିଟିଭ୍ ଆସିଛି । ଏଥିରେ ଦୁଇଜଣ ବିଧାୟକ ଅଛନ୍ତି । ଏହାଛଡ଼ା ବିଧାନସଭା କର୍ମଚାରୀ ଓ ସାମ୍ବାଦିକ ମଧ୍ୟ ଅଛନ୍ତି । କରୋନା ଚିହ୍ନଟ ହୋଇଥିବା ବିଧାୟକ, ସାମ୍ବାଦିକ ଓ ବିଧାନସଭା କର୍ମଚାରୀମାନେ ବିଧାନସଭା ଭିତରକୁ ଯାଇପାରିବେ ନାହିଁ । ଗତକାଲି ପରି ଆଜି ମଧ୍ୟ କେତେକ ବିଧାୟକ ଓ ବିଧାନସଭା କର୍ମଚାରୀଙ୍କର କରୋନା ଟେଷ୍ଟ କରାଯାଇଛି । ଏହାର ରିପୋର୍ଟ ପରବର୍ତ୍ତୀ ସମୟରେ ଆସିବ । ବିଧାନସଭା ମୌସୁମୀ ଅଧିବେଶନ ୨୯ରୁ ଆରମ୍ଭ ହୋଇ ଅକ୍ଟୋବର ୭ ତାରିଖ ▶▶ପୃଷ୍ଠା ୭

# ପୂର୍ବତନ କେନ୍ଦ୍ରମନ୍ତ୍ରୀ ଯଶୱନ୍ତ ସିଂଙ୍କ ପରଲୋକ



ନୂଆଦିଲ୍ଲୀ ,୨୭।୯ (ନି.ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଯଶୱନ୍ତ ସିଂଙ୍କ ୮୨ ବର୍ଷ ବୟସରେ ରବିବାର ପୂର୍ବାହ୍ନରେ ଦେହାନ୍ତ ହୋଇଛି । ତାଙ୍କୁ ଗତ ଜୁନ୍ ୨୫ ତାରିଖରେ ଦିଲ୍ଲୀର ଆର୍ମି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ▶▶ପୃଷ୍ଠା ୭

# ନୀତୀଶ କୁମାରଙ୍କ ଦଳରେ ମିଶିଲେ ଗୁପ୍ତେଶ୍ୱର ପାଣ୍ଡେ



ପାଟନା,୨୭।୯ (ନି.ପ୍ର): ଯାହା ଆଶା କରାଯାଉଥିଲା ଠିକ୍ ସେଇଆ ହେଲା । ବିହାରର ପୂର୍ବତନ ପୁଲିସ ଡିଜି ଗୁପ୍ତେଶ୍ୱର ପାଣ୍ଡେ ଆଜି ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଦଳ ଜେଡିୟୁରେ ସାମିଲ ହୋଇଛନ୍ତି । ଆଜି ଅପରାହ୍ନରେ ସେ ନୀତୀଶ କୁମାରଙ୍କ ଘରେ ପହଂଚିଥିଲେ । ଏହାପରେ ନୀତୀଶଙ୍କ ହାତରୁ ହିଁ ସେ ଦଳୀୟ ସଦସ୍ୟ ହେବାର ପ୍ରମାଣପତ୍ର ଗ୍ରହଣ କରିଥିଲେ । ଆଗକୁ ବିହାର ବିଧାନସଭା ଓ ଖାଲି ପଡ଼ିଥିବା ଲୋକସଭା ଆସନ ପାଇଁ ରାଜ୍ୟରେ ନିର୍ବାଚନ ହେବ । ଏହାକୁ ଦୃଷ୍ଟିରେ ରଖି ପାଣ୍ଡେ କିଛିଦିନ ତଳେ ପୁଲିସ୍ ସେବାରୁ ଭିଆରଏସ ନେଇଥିଲେ । ଏବେ ସେ ଜେଡିୟୁରେ ମିଶିଥିବାରୁ ତାଙ୍କୁ ଦଳ ପକ୍ଷରୁ ନିର୍ବାଚନ ଲଢ଼ିବାକୁ ଟିକେଟ ମିଳିବ ବୋଲି କୁହାଯାଉଛି । ଗତକାଲି ଗୁପ୍ତେଶ୍ୱର ପାଣ୍ଡେ ଓ ନୀତୀଶ କୁମାରଙ୍କ ମଧ୍ୟରେ ଦଳୀୟ କାର୍ଯ୍ୟାଳୟରେ ପ୍ରାୟ ୩୦ ମିନିଟ୍ ଧରି ଆଲୋଚନା ହୋଇଥିଲା । ଏହାପରେ ସେ ଦଳରେ ମିଶିବା ଏକ ପ୍ରକାରର ସ୍ପଷ୍ଟ ହୋଇଥିଲା । ସୂତ୍ର ଅନୁସାରେ, ଜେଡିୟୁ ଶ୍ରୀ ପାଣ୍ଡେଙ୍କୁ ବାଲମିକ ନଗର ଲୋକସଭା ଆସନରୁ ପ୍ରାର୍ଥୀ କରିପାରେ । ଏଠାରେ ବିହାର ବିଧାନସଭା ସହ ଲୋକସଭା ପାଇଁ ଉପନିର୍ବାଚନ ହେବ । ପୂର୍ବରୁ ବାଲମିକ ଆସନରେ ଜେଡିୟୁ ନେତା ବୈଦନାଥ ମାହୋତ ବିଜୟୀ ହୋଇଥିଲେ । ତେବେ ତାଙ୍କ ଦେହାନ୍ତ ପରେ ଏହି ଆସନ ଖାଲି ପଡ଼ିଛି ।

# ଶାସକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କରୋନା ପଜିଟିଭ୍ ଚିହ୍ନଟ

ଭୁବନେଶ୍ୱର,୨୭।୯ (ନି.ପ୍ର): ରବିବାର ଦିନ ଶାସକ ଦଳ ମୁଖ୍ୟ ସଚେତକ ତଥା ଯାଜପୁର ଜିଲ୍ଲା ବିଂଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣା ପଡିଛି । ଶ୍ରୀମତୀ ମଲ୍ଲିକ ନିଜେ ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ମୁଁ କରୋନା ପରୀକ୍ଷା କରାଇଥିଲି । ଆଜି ଏହାର ରିପୋର୍ଟ ପଜିଟିଭ୍ ଆସିଛି । ସେ କହିଛନ୍ତି, ମୋ ଠାରେ କୌଣସି କରୋନାର ଲକ୍ଷଣ ନାହିଁ । ମୁଁ ଘରେ ସଂଗରୋଧରେ ଅଛି ଏବଂ ଭଲ ଅଛି ।

ପର୍ଯ୍ୟଟନ ଓ ଗ୍ରାମୀଣ ବିକାଶ"ର ଭର୍ଚୁଆଲ ସମ୍ମିଳନୀରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

# ପ୍ରମୁଖ ପର୍ଯ୍ୟଟନ ସ୍ଥଳି ଗୁଡ଼ିକରେ ଯାନବାହାନକୁ ଶତପ୍ରତିଶତ ସ୍ୱଚ୍ଛ ଇନ୍ଧନରେ ପରିଣତ କରାଯାଉ : ଧର୍ମେନ୍ଦ୍ର



ନୂଆଦିଲ୍ଲୀ/ଭୁବନେଶ୍ୱର,୨୭।୯ (ନି.ପ୍ର): କେନ୍ଦ୍ର ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ଆଦର୍ଶ ପର୍ଯ୍ୟଟନ ସ୍ଥଳି ଗୁଡ଼ିକରେ ପର୍ଯ୍ୟଟକଙ୍କ ଯାତାୟତ ପାଇଁ ବ୍ୟବହୃତ ଯାନବାହାନକୁ ଶତପ୍ରତିଶତ ସ୍ୱଚ୍ଛ ଇନ୍ଧନରେ ପରିଣତ କରିବା ପାଇଁ ପେଟ୍ରୋଲିୟମ ବିଭାଗ ସହ ମିଳିତ ଭାବେ କାମ କରିବାକୁ ପର୍ଯ୍ୟଟନ ବିଭାଗକୁ ଆହ୍ୱାନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହାସହ ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ ସ୍ଥାନୀୟ ଐତିହ୍ୟ ଏବଂ ପର୍ଯ୍ୟଟନ ସ୍ଥଳିକୁ ପ୍ରୋତ୍ସାହନ ଦିଆଯିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା 'ଦେଖୋ ଆପନା ଦେଶ୍' ଏବଂ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁଭାରମ୍ଭ 'ସାଥୀ' ପଦକ୍ଷେପ ପଦକ୍ଷେପକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଛନ୍ତି । ରବିବାର ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଚଳିତବର୍ଷର ଥିମ୍ ଥିବା "ପର୍ଯ୍ୟଟନ ଓ ଗ୍ରାମୀଣ ବିକାଶ"ର ଭର୍ଚୁଆଲ ସମ୍ମିଳନୀରେ ଯୋଗଦେଇ ଶ୍ରୀ ପ୍ରଧାନ କହିଛନ୍ତି ଦେଶର ପ୍ରମୁଖ ପର୍ଯ୍ୟଟନ ସ୍ଥଳି ବିଶେଷ ଭାବରେ କେନ୍ଦ୍ର ▶▶ପୃଷ୍ଠା ୭

# ଲଦାଖରେ ମୁତୟନ ହେଲା ଟି-୯୦ ଓ ଟି-୭୨ ଟ୍ୟାଙ୍କ

## ବିଯୁକ୍ତ ୪୦ ଡିଗ୍ରୀରେ ବି ଦେଖାଇବ ପରାକ୍ରମ



ଲଦାଖ,୨୭।୯ (ନି.ପ୍ର): ଦିନକୁ ଦିନ ଚାଇନା ଲଦାଖ ସୀମାରେ ଉତ୍ତେଜନା ସୃଷ୍ଟି କରୁଥିବାରୁ ଏହାର ମୁକାବିଲା ପାଇଁ ଭାରତୀୟ ସେନା ଜୋରଦାର ପ୍ରସ୍ତୁତି ଆରମ୍ଭ କରିଦେଇଛି । ଚାଇନାରର ସବୁ ପ୍ରକାର ଚ୍ୟାଲେଂଜକୁ ଦୀର୍ଘଦିନ ପର୍ଯ୍ୟନ୍ତ କାଉଣ୍ଟର କରିବା ପାଇଁ ଭାରତୀୟ ସେନା ଏବେ ଅତ୍ୟାଧୁନିକ ଟି-୯୦ ଓ ଟି-୭୨ ଟ୍ୟାଙ୍କ ମୁତୟନ କରିଛି । ଏହି ଟ୍ୟାଙ୍କ ବିଯୁକ୍ତ ୪୦ ଡିଗ୍ରୀ ତାପମାତ୍ରାରେ ବେଳେ ବି ଗୁଳିବର୍ଷା କରିବା ସହ ଶତ୍ରୁକୁ ମାତ ଦେବାର କ୍ଷମତା ରହିଛି । ଏଲଏସି ନିକଟରେ ଥିବାର ଚୁମାର ଓ ଡେମୋକୋକ ଅଂଚଳରେ ଏହି ଟ୍ୟାଙ୍କରକୁ ମୁତୟନ କରାଯାଇଛି । ଏହାବାଦ ଚାଇନା ସେନାକୁ ଜବାବ ଦେବାପାଇଁ ସେନା ପକ୍ଷରୁ ବିଏମପି-୨ ଇନଫାଣ୍ଟ୍ରୀ ଯୁଦ୍ଧ ଗାଡ଼ି ବି ନିୟୋଜିତ କରାଯାଇଛି । ଏହି ଯୁଦ୍ଧ ଗାଡ଼ି ମଧ୍ୟ ମାଇନସ୍ ୪୦ ଡିଗ୍ରୀ ତାପମାତ୍ରରେ କାର୍ଯ୍ୟକ୍ଷମ ହୋଇପାରିବ । ଆଗକୁ ଶୀତ ଦିନ ଆସୁଛି । ବର୍ତ୍ତମାନ ଏଲଏସି ସ୍ଥିତି, ଯାହା ଚାଇନା ସହ ଚାଲିଥିବା ତିକ୍ତତା ଥମିବାର ସମ୍ଭାବନା କମ । ଆଗକୁ ଚାଇନା ଯଦି ସୀମା ଲଙ୍ଘିବାକୁ ଚେଷ୍ଟା କରିବ, ତା'ହେଲେ ଭାରତ ଏହାର ଜବାବ ଦେବାକୁ ପ୍ରସ୍ତୁତ ରହିଥିବା ସ୍ପଷ୍ଟ ହୋଇଯାଇଛି । ଶୀତଦିନେ ଏଠାରେ ତାପମାତ୍ରା ବିଯୁକ୍ତ ୩୫ ଡିଗ୍ରୀ ଖସି ଯାଇଥାଏ । ଲଦାଖରେ ନିୟୋଜିତ ଟି-୯୦ ଟ୍ୟାଙ୍କ ଗୁଡ଼ିକ ରୁଷରେ ନିର୍ମିତ ହୋଇଛି । ଭାରତର ଏହି ଟ୍ୟାଙ୍କର ନାମ ହେଉଛି 'ଭୀଷ୍ମ' । ଟ୍ୟାଙ୍କରେ ୧୨୫ ଏମଏମର ବନ୍ଧୁକ ଖଂଜା ଯାଇଛି । ଏହାର ଓଜନ ୪୬ଟନ ହୋଇଥିବାରୁ ଲଦାଖ ଭଳି ଉଚ୍ଚ ସ୍ଥାନରେ ଏହାକୁ ପହଂଚାଇବା ସହଜ ନଥିଲା । ତଥାପି ଭାରତୀୟ ସେନା ଏହାକୁ ସୀମାରେ ମୁତୟନ କରିଛି । ସେପରି ଭାରତରେ ଟି-୭୨କୁ ଅବିସ୍ମରଣୀୟ କୁହାଯାଏ । ଭାରତ ପାଖରେ ପ୍ରାୟ ୧୭୦୦ ଟ୍ୟାଙ୍କ ଅଛି । ଏହା ଏକ ଅତି ହାଲୁକା ଟ୍ୟାଙ୍କ । ୧୯୭୦ରେ ଏହା ଭାରତୀୟ ସେନାରେ ସାମିଲ ହୋଇଥିଲା । ଏହି ଟ୍ୟାଙ୍କରେ ୧୨୫ ଏମଏମ ବନ୍ଧୁକ ଖଂଜା ଯାଇଛି । ଚୁମର ଓ ଡେମୋକୋକରେ ଭାରତୀୟ ସେନା ଚାଇନାର ମୁକାବିଲା ପାଇଁ ଅଭ୍ୟାସ ମଧ୍ୟ ଆରମ୍ଭ କରିଦେଇଛି ।

# ରାମକୋ ବିରୋଧରେ ସାମ୍ବାଦିକ ସମ୍ମିଳନୀ

ଧର୍ମଶାଳା,୨୭।୯ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁରଠାରେ ଗଢି ଉଠିଥିବା ରାମକୋ ସିମେଂଟ କମ୍ପାନୀକୁ ନେଇ ଘନେଉଛି ବିବାଦ । କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ଦେଇଥିବା ପ୍ରତିଶୃତି ପୂରଣ ନ କରିବା ଅଭିଯୋଗରେ ଗତ ତିନି ଦିନ ତଳେ ଆନ୍ଦୋଳନକୁ ଓହ୍ଲାଇଥିଲା ରାମକୋ ପ୍ରତିରୋଧ ସଂଗ୍ରାମ ସମିତି । ତେବେ ଆଜି ସମାନ ଅଭିଯୋଗ ଆଣି ସ୍ଥାନୀୟ ହରିଦାସପୁର ଓ ଥାନୁଆଳ ପଂଚାୟତ ଲୋକ ପ୍ରତିନିଧି ପୃଥକ ସାମ୍ବାଦିକ ସମ୍ମୀଳନୀ ଡକାଇ କମ୍ପାନୀ ବିରୋଧରେଅଭିଯୋଗ କରିଛନ୍ତି । କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ସ୍ଥାନୀୟ ବେକାର ଯୁବକଙ୍କୁ ନିଯୁକ୍ତି ଦେବା ସହ ସ୍ୱାସ୍ଥ୍ୟ ସେବା, ବୃକ୍ଷ ରୋପଣ, ପାନୀୟ ଜଳ, ଆଲୋକିକରଣ, ପାରିପାର୍ଶ୍ୱିକ ବିକାଶ ଭଳି ବିଭିନ୍ନ ସୁବିଧା ସୁଯୋଗ ଯୋଗାଇ ଦେବାକୁ ପଂଚାୟତବାସୀଙ୍କୁ ପ୍ରତିଶୃତି ଦେଇଥିଲେ । କିନ୍ତୁ ଏଯାବତ୍ କମ୍ପାନୀ କର୍ତୃପକ୍ଷ ପ୍ରତିଶୃତି ପାଳନ ନ କରିବାରୁ ହରିଦାସପୁର ସରପଂଚ ଓ ସମିତିସଭ୍ୟ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ସେହିପରି ସ୍ଥାନୀୟ ଥାନୁଆଳ ପଂଚାୟତ ସମିତିସଭ୍ୟ ପ୍ରସନ୍ନ ରାଉତ ବାଟିଜଙ୍ଗା ଗ୍ରାମରେ ଆହୂତ ଏକ ସାମ୍ବାଦିକ ସମ୍ମିଳନୀରେ ଅନୁରୂପ ଅଭିଯୋଗ ଆଣିଛନ୍ତି । କମ୍ପାନୀ ପ୍ରତିଷ୍ଠା ପୂର୍ବରୁ କମ୍ପାନୀ କତୃପକ୍ଷଙ୍କୁ ଅଂଚଳବାସୀ ସମସ୍ତ ସହଯୋଗ ଯୋଗାଇ ଦେଇ ଆସୁଥିଲେ । କିନ୍ତୁ କମ୍ପାନୀ କତୃପକ୍ଷ ଲୋକମାନଙ୍କ ଆବାଂ୍ୟକତାକୁ ପୂରଣ କରିବା ଦିଗରେ ବିଫଳ ହୋଇଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ଜନ ପ୍ରତିନିଧିମାନେ ଯାଜପୁର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଯଦି ପ୍ରଶାସନ ଦାବି ପ୍ରତି ବିଚାର ନ କରନ୍ତି ଚଳିତ ମାସ୨୮ ତାରିଖରେ କମ୍ପାନୀ ସମ୍ମୁଖରେ ଗଣଧାରଣା ଦେବାକୁ ଚେତାବନୀ ଦେଇଛନ୍ତି । ତିନି ଦିନ ତଳେ ଧାରଣାରେ ବସିଥିବା ସଂଗ୍ରାମ ସମିତି ଧାରଣାରୁ ଉଠି ଯାଇଥିଲେ । ଭିତିରି ବୁଝାମଣାରୁ ଧାରଣା ପ୍ରତ୍ୟହୃତ ହୋଇଯାଇଥିବା ନେଇ ଅଂଚଳରେ ଆଲୋଚନା ହେଉଛି । ତେବେ ବିଗତ ଦିନରେ କମ୍ପାନୀଙ୍କୁ ସହଯୋଗ କରି ଆସୁଥିବା ଜନପ୍ରତିନିଧି ଓ ସ୍ଥାନୀୟ ଲୋକେ ହଠାତ କମ୍ପାନୀ ବିରୋଧରେ ମୁହଁ ଖୋଲିଲେ ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜନୀତି ଓ ବ୍ୟବସାୟୀକରଣକୁ ନେଇ ଏଭଳି ଟଣା ଘୋଷରା ହେବା ନେଇ ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

## ଭୁବନେଶ୍ୱରରେ ଖୋଲିଲା ୩୦୦ ଶଯ୍ୟାର ସ୍ୱତନ୍ତ୍ର କୋଭିଡ୍ ହସପିଟାଲ

ଭୁବନେଶ୍ୱର,୨୭।୯ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ୍ ନିୟନ୍ତ୍ରଣ ସହ ସଂକ୍ରମିତଙ୍କ ଉତମ ଚିକିତ୍ସା ଯୋଗାଇଦେବା ପାଇଁ ଭୁବନେଶ୍ୱରରେ ଆଉ ଏକ ସ୍ୱତନ୍ତ୍ର କୋଭିଡ୍ ହସ୍ପିଟାଲ୍ ସ୍ଥାପିତ ହୋଇଥିବାରୁ ସନ୍ତୋଷ ବ୍ୟକ୍ତ କରିଛନ୍ତି । ଏଠାରେ ୩୦୦ଟି ଶଯ୍ୟା ସହ ୪୦ଟି ଆଇସିୟୁ ବ୍ୟବସ୍ଥା କରାଯାଇଛି । ଏଥି ସହ ସ୍ୱାସ୍ଥ୍ୟଭିତିଭୂମିକୁ ଆହୁରି ସୁଦୃଢ଼ କରିବା ପାଇଁ ସମ୍ ଓ କିମ୍ସରେ ଅତିରିକ୍ତ ୨୦ଟି ଆଇସିୟୁ ଶଯ୍ୟା ବୃଦ୍ଧି ସହ ବୋଲି ସେ କହିଛନ୍ତି ।

## କନ୍ଧମାଳ ନିର୍ମାଣ ସଂଗଠନ ପକ୍ଷରୁ ବିକ୍ଷୋଭ

କନ୍ଧମାଳ,୨୭।୯ (ନି.ପ୍ର): କମ୍ପାନି ପ୍ରତିତରେ ଅଣାଯାଇଥିବା ଚାଷୀ ବିରୋଧି କୃଷି ବିଲ୍ ପ୍ରତ୍ୟାହାର ଦାବିରେ ଆଜି କନ୍ଧମାଳ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଫୁଲବାଣୀ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା ପ୍ରଶାସନକୁ ପ୍ରଦାନ କରାଯାଇଛି । ଜିଲା ସଂଯୋଜକ ଚାଣକ୍ୟ କହଁରଙ୍କ ନେତୃତ୍ୱରେ ସଂଗଠନର କର୍ମକର୍ତା ଓ ସଦସ୍ୟମାନେ ଏକ ଶୋଭାଯାତ୍ରରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ଫୁଲବାଣୀ ବ୍ଲକ ସଂଯୋଜକ ବିଶ୍ୱାମିତ୍ର ଦିଗାଲ , ଖଜୁରିପଡ଼ା ବ୍ଲକ ସଂଯୋଜକ ଭାବିନ୍ଦ୍ର କହଁର , ଉମାଚରଣ କହଁର , ମାନସୀ କହଁର , ବାଲମତି କହଁର , ଜଳନ୍ଧର କହଁର ଓ ଲିଲି କହଁରଙ୍କ ସମେତ ଅନ୍ୟମାନେ ସାମିଲ୍ ହୋଇଥିଲେ । ଆଇନ ଶୃଙ୍ଖଳା ଦୃଷ୍ଟିରୁ ପୁଲିସ୍ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା ।

# ବିଧାନସଭା ପୂର୍ବରୁ କରୋନା ଟେଷ୍ଟ କରାଇଲେ ନେତା , କର୍ମଚାରୀ

**ପ୍ରଥମ ଦିନରେ ୭୩୦ ଟେଷ୍ଟିଂ , ୩ ଦିନ ଧରି ହେବ ପରୀକ୍ଷଣ**

ଭୁବନେଶ୍ୱର, ୨୬ ସେପ୍ଟେମ୍ବର – ଆସନ୍ତା ୨୯ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭା ମୌସୁମୀକାଳୀନ ଅଧିବେଶନ ପୂର୍ବରୁ ଶନିବାର ଠାରୁ ସମସ୍ତ ସଦସ୍ୟ ଓ କର୍ମଚାରୀଙ୍କର କରୋନା ଟେଷ୍ଟିଂ ଆରମ୍ଭ ହୋଇଛି । ପ୍ରଥମ ଦିନରେ ବାଚସ୍ପତି , ୨୦ ବିଧାୟକ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ମୋଟ ୭୩୦ ଜଣ ଟେଷ୍ଟ କରାଇଛନ୍ତି । ଏଥିପାଇଁ ବିଧାନସଭା ପରିସରରେ ବିଏମସି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ୩ ଦିନ ପର୍ଯ୍ୟନ୍ତ ଏହି ଟେଷ୍ଟିଂ ଚାଲିବ । ଯେଉଁମାନଙ୍କର ରିପୋର୍ଟ ନେଗେଟିଭ୍ ଆସିବ କେବଳ ସେଇମାନଙ୍କୁ ବିଧାନସଭାକୁ ପ୍ରବେଶ ପାଇଁ ଅନୁମତି ମିଳିବ । ମନ୍ତ୍ରୀ , ବିଧାୟକ, ସେମାନଙ୍କ ପରିବାର ଓ ପିଏସଓଙ୍କ ସମେତ ବିଧାନସଭାର ସମସ୍ତ କର୍ମଚାରୀ କରୋନା ଟେଷ୍ଟ କରାଇବେ । ଏସମ୍ପର୍କରେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର କହିଛନ୍ତି ଯେ ଯେଉଁମାନଙ୍କର ରିପୋର୍ଟ ନେଗେଟିଭ୍ ଆସିବ ସେମାନେ ଆଇସୋଲେସନ୍ ରେ ରହିବେ । ବିଧାନସଭା ଛଡା ସେମାନେ ଅନ୍ୟ କେଉଁଆଡେ ଯିବେ ନାହିଁ । ବିଧାନସଭା ଚାଲିଥିବା ଚାଲିଥିବା ବେଳେ କୌଣସି ଲକ୍ଷଣ ଦେଖାଗଲେ ସେମାନଙ୍କର ପୁଣି ଥରେ ପରୀକ୍ଷା କରାଯିବ । ଗୃହ ମଧ୍ୟରେ ବିଧାୟକ ମାନେ ୪ ଫୁଟ୍ ଦୂରତାରେ ବସିବେ । ପ୍ରଥମ ଦିନରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ବିଜେଡି ବିଧାୟକ ପ୍ରତାପ ଦେବ,ପ୍ରଶାନ୍ତ ବେହେରା, କଂଗ୍ରେସ ବିଧାୟକ ସୁରେଶ ରାଉତରାୟ , ସନ୍ତୋଷ ସିଂହ ସାଲୁଜା ପ୍ରମୁଖ ସ୍ୱାବ ଟେଷ୍ଟ କରାଇଛନ୍ତି । କରୋନା ସଂକ୍ରମଣ ରୋକିବାପାଇଁ ବାଚସ୍ପତିଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ ବୋଲି ସେମାନେ କହିଥିଲେ । ସୂଚନାଯୋଗ୍ୟ ଯେ ଗତକାଲି ଅନୁଷ୍ଠିତ ସର୍ବଦଳୀୟ ବୈଠକ ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସମସ୍ତ ସଦସ୍ୟଙ୍କ କରୋନା ଟେଷ୍ଟକରାଯିବା ନେଇ ସୂଚନା ଦେଇଥିଲେ । ଆସନ୍ତା ୨୯ ତାରିଖରୁ ଅକ୍ଟୋବର ୭ ତାରିଖ ପର୍ଯ୍ୟନ୍ତ ବିଧାନସଭାର ମୌସୁମୀକାଳୀନ ଅଧିବେଶନ ଅନୁଷ୍ଠିତ ହେବ । କରୋନା ମହାମାରୀ ସମୟରେ ବିଧାନସଭା ମଧ୍ୟରେ ବସିବା ଲାଗି ସଦସ୍ୟଙ୍କ ଲଗି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

## ଦିପ୍ତିସୂର୍ଯ୍ୟ ଭରତେନ୍ଦୁ ବିଶ୍ୱାଳ ଜିଲ୍ଲା ଛାତ୍ର ବିଜେଡି ସଭାପତି

ଭଦ୍ରକ, ୨୭/୯ (ହି.ସ.) - ଭଣ୍ଡାରିପୋଖରୀ ବ୍ଲକର ନାଆମୀ ଗ୍ରାମର ଉଦୀୟମାନ ଛାତ୍ର ନେତା ଦିପ୍ତିସୂର୍ଯ୍ୟ ଭରତେନ୍ଦୁ ବିଶ୍ୱାଳ ଭଦ୍ରକ ଜିଲ୍ଲା ଛାତ୍ର ଶାଖା ସଭାପତି ଭାବେ ନିଯୁକ୍ତି ପାଇଛନ୍ତି । ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଚୟନ କ୍ରମେ ଦଳର ଛାତ୍ର ବୃପାର ସାଧାରଣ ସମ୍ପାଦକ ତଥା ବିଧାୟକ ବ୍ୟମକେଶ ରାୟ ଏହି ନୁଯୁକ୍ତି ସମ୍ପର୍କରେ ଘୋଷଣା କରିଛନ୍ତି । ଭଣ୍ଡାରିପୋଖରୀ ବ୍ଲକ ୨୨ ନଂ ଜିଲ୍ଲା ପରିଷଦ ସଦସ୍ୟ ତଥା ନାଆମୀ ମହାବିଦ୍ୟାଳୟ ଛାତ୍ର ସଂସଦର ଦୁଇଥର ସଭାପତି ଥିବା ଶ୍ରୀ ବିଶ୍ୱାଳ ଛାତ୍ର ସମୟରୁ ବିଜୁ ଜନତା ଦଳର ସାଙ୍ଗଠନିକ କାର୍ଯ୍ୟରେ ନିଜର ପାରଦର୍ଶିତା ଦେଖାଇ ସଫଳତା ଅର୍ଜନ କରିଥିଲେ । ପରବର୍ତି ସମୟରେ ଶ୍ରୀ ବିଶ୍ୱାଳ ନାଆମୀ ସମିତି ସଭ୍ୟ ଭାବେ ପାଂଚ ବର୍ଷ ପାଇଁ ଦାଇତ୍ୱ ତୁଲାଇଥିଲେ । ଏଥିସହ ମୟୁରଭଞ୍ଜ ଜିଲ୍ଲାର କପ୍ତିପଦା ଓ ଶୁଳିଆପଦା ବ୍ଲକରେ ଦଳୀୟ ପର୍ଯ୍ୟବେକ୍ଷକ ଭାବେ ଦାଇତ୍ୱ ତୁଲାଇଥିଲେ । ଛାତ୍ରାବସ୍ଥାରୁ ରାଜନୈତିକ କ୍ୟାରିଅର ଆରମ୍ଭ କରି ଶ୍ରୀ ବିଶ୍ୱାଳ ଦଳୀୟ ତୋଙ୍କ ଆସ୍ଥା ଭାଜନ ହୋଇ ଜିଲ୍ଲା ଛାତ୍ର ସଂଗଠନର ସଭାପତି ଭାବେ ଅବସ୍ଥାପିତ ହୋଇଛନ୍ତି । ଛାତ୍ର ଓ ଯୁବ ମହଲରେ ତାଙ୍କ ନିଯୁକ୍ତିକୁ ସ୍ୱାଗତ କରାଯାଇଛି । ଶ୍ରୀ ବିଶ୍ୱାଳଙ୍କ ନେତୃତ୍ୱରେ ଛାତ୍ର ସଙ୍ଗଠନ ଅଧିକ କ୍ରିୟାଶୀଳ ହୋଇପାରିବ ବୋଲି ଆଶା ପ୍ରକାଶ କରାଯାଇଛି । ଏହି ନିଯୁକ୍ତି ପାଇଁ ଶ୍ରୀ ବିଶ୍ୱାଳ ଓ ଭଣ୍ଡାରିପୋଖରୀ ବିଜେଡି ସଙ୍ଗଠନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଧାୟକ ପ୍ରଫୁଲ୍ଲ ସାମଲଙ୍କୁ କୃତଜ୍ଞତାଜ୍ଞାପନ କରିଛନ୍ତି ।

## ମାସକର ଶିଶୁକନ୍ୟାକୁ ଚେଙ୍କ, ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତି

ବାରିପଦା,୨୭।୯ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ଖୁଂଟା ଥାନା ଅନ୍ତର୍ଗତ ଟିକରପଡ଼ା ଗ୍ରାମରେ ମାସକର ଶିଶୁକନ୍ୟାକୁ ଚେଙ୍କ ଦିଆଯାଇଥିବା ଅଭିଯୋଗ ହୋଇଛି । ସମ୍ପୃକ୍ତ ଶିଶୁକନ୍ୟାର ପେଟରୋଗ ଭଲ ନହେବାରୁ ତା'ର ମାମୁଁଙ୍କ ପରାମର୍ଶ କ୍ରମେ ଚେଙ୍କ ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି । ଘଟଣାରେ ଗୁରୁତର ଶିଶୁକନ୍ୟାକୁ ଚିକିତ୍ସା ନିମନ୍ତେ ଉଦଳା ମେଡ଼ିକାଲରେ ଭର୍ତି କରାଯାଇଛି । ତେବେ ଅନ୍ଧବିଶ୍ୱାସର ବଶବର୍ତି ହୋଇ ଚିକିତ୍ସା ବଦଳରେ ଶିଶୁକୁ ଚେଙ୍କ ଘଟଣା ସଭ୍ୟ ସମାଜ ପାଇଁ ଚିନ୍ତାର ବିଷୟ ହୋଇଛି ।

# ବାଦାନୁବାଦ ଭିତରେ କାଦବରାଙ୍ଗ ପଂଚାୟତ ଗୃହ ନିର୍ମାଣ ପ୍ରସଙ୍ଗ : ନିର୍ମାଣରେ ବାଧକ ସାଜିଛି ସ୍ଥାନୀୟ ସମବାୟ ସମିତି

ଭଦ୍ରକ, ୨୭/୯ (ହି.ସ.) - ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗ ପକ୍ଷରୁ ଏହି ଜିଲାର ବନ୍ତ ବ୍ଲକ୍ କାଦବରାଙ୍ଗ ପଂଚାୟତରେ ପଂଚାୟତ ଗୃହ ନିର୍ମାଣ ନିମନ୍ତେ ଅର୍ଥ ମଂଜୁର ହୋଇଥିଲେ ସୁଦ୍ଧା ଏଥିରେ ବାଧକ ସାଜିଛି କାଦବରାଙ୍ଗ ସେବା ସମବାୟ ସମିତି । ବନ୍ତ ପଂଚାୟତ ସମିତି କାର୍ଯ୍ୟାଳୟ ପକ୍ଷରୁ ଏଆରସିଏସ୍, ଭଦ୍ରକଙ୍କୁ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଚିଠିରୁ ମିଳିଥିବା ସୂଚନା ଅନୁସାରେ କାଦବରାଙ୍ଗ ପଂଚାୟତ ଗୃହ ନିର୍ମାଣ ନିମନ୍ତେ ରାଜ୍ୟ ସରକାରଙ୍କ ପଂଚାୟତରାଜ ବିଭାଗ ପକ୍ଷରୁ ୨୦ ଲକ୍ଷ ଟଙ୍କାର ଅର୍ଥ ମଂଜୁର ହେବା ପରେ ସ୍ଥାନୀୟ ତହସିଲଦାର ପିଜିବିଲିଟି ରିପୋର୍ଟ ପ୍ରଦାନ କରିଥିଲେ । ସେବା ସମବାୟ ସମିତି ଗୃହଟି ପୁରୁଣା ହୋଇ ଭଗ୍ନାବସ୍ଥାରେ ଥିବାରୁ ଏହାକୁ ଭାଙ୍ଗି ସେହି ସ୍ଥାନରେ ପଂଚାୟତ ଗୃହ ନିର୍ମାଣ କରିବାକୁ ଅନୁମତି ଦେବା ସହ ସେବା ସମବାୟ ସମିତିକୁ ସ୍ଥାନାନ୍ତରିତ କରିବାକୁ ମଧ ସେହି ଚିଠିରେ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ପକ୍ଷରୁ ମଧ ଅନୁରୋଧ କରାଯାଇଛି । ମାତ୍ର ଇତିମଧରେ ଦୁଇମାସ ସଂପୂର୍ଣ୍ଣ ହେବାକୁ ବସିଥିଲେ ସୁଦ୍ଧା ଗୃହ ନିର୍ମାଣକୁ ନେଇ କୌଣସି ସ୍ଥାୟୀ ସମାଧାନ ହୋଇପାରୁନାହିଁ । ଏହାକୁ ନେଇ କେବଳ ବାଦ ବିବାଦ ଲାଗି ରହିଛି । ଏ ସଂପର୍କରେ ସେବା ସମବାୟ ସମିତି ସଂପାଦକଙ୍କୁ ଯୋଗାଯୋଗ କରିବାରୁ ସେ ଯାହା କହନ୍ତି ରାଜସ୍ୱ ଏବଂ ବିପର୍ଯ୍ୟୟ ପ୍ରଶମନ ପରିଚାଳନା ବିଭାଗଙ୍କ ନିର୍ଦ୍ଦେଶ ମୂଳେ ଗଠନ କରାଯାଇଥିବା ଗ୍ରେନ୍ ଗୋଲା ଗୃହ ଏବେ ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ କାର୍ଯ୍ୟ କରୁଛି । ଗ୍ରେନ୍ ଗୋଲା ଗୃହଗୁଡିକ ସମବାୟ ସମିତିର ନିଜସ୍ୱ ସଂପତି । ଏଥିରେ ସାର, ବିହନ ଓ ଧାନ ଆଦି ଗଚ୍ଛିତ ହୋଇ ରହିବା ସହ କାର୍ଯ୍ୟାଳୟ ମଧ ଚାଲୁଛି । ଏଣୁ ଅନ୍ୟ କୌଣସି କାର୍ଯ୍ୟ ପାଇଁ କୌଣସି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଏହା ଭଙ୍ଗାଯାଇପାରିବ ନାହିଁ । ତଥ୍ୟ ଅନୁଯାୟୀ ୧୯୫୨ ମସିହାରେ କାଦବରାଙ୍ଗ ପଂଚାୟତ ପ୍ରତିଷ୍ଠା ହୋଇଥିଲା । ସେତେବେଳେ ଏହା ଅଧୀନରେ ୪/୫ଟି ପଂଚାୟତ ରହିଥିଲା । ୧ ଏକର ୯୧ ଡି. ଜମିକୁ ନେଇ ଗଠିତ ଏହି ପଂଚାୟତ ପରିସରରେ ନିର୍ମିତ ଗୃହରେ ପଂଚାୟତ କାର୍ଯ୍ୟାଳୟ ଚାଲୁଥିଲା । ପରବର୍ତୀ ସମୟରେ ଲୋକଙ୍କ ସ୍ୱାର୍ଥକୁ ଆଖିଆଗରେ ରଖି ଏହା ପରିସରରେ ପଂଚାୟତ କାର୍ଯ୍ୟାଳୟ ଚାଲିବା ସହ ମିଳିତ ଭାବେ ସେବା ସମବାୟ ସମିତି ମଧ କାର୍ଯ୍ୟ କଲା । ତେଣୁ ଏଠାରେ ସ୍ୱତନ୍ତ୍ର ଭାବେ ଗ୍ରେନ୍ ଗୋଲା ଗୃହ ଗଠନ କରାଯାଇନାହିଁ । ଏବଂ ସେବା ସମବାୟ ସମିତି ଦ୍ୱାରା ବ୍ୟବହୃତ ଗୃହଟି ପଂଚାୟତର ହୋଇଥିବାରୁ ଗୃହ ନିର୍ମାଣ ନିମନ୍ତେ ମଂଜୁର ଅର୍ଥ ଫେରିଯିବାର ସମ୍ଭାବନା ଥିବାରୁ ଜିଲା ଗ୍ରାମୀଣ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସଙ୍କ ନିର୍ଦ୍ଦେଶ କ୍ରମେ ଗତ ୧୯ ତାରିଖରେ ଅନୁଷ୍ଠିତ ଗ୍ରାମପଂଚାୟତ ବୈଠକରେ ପଂଚାୟତ ପକ୍ଷରୁ ଏକ ବୈଠକ ବିବରଣୀ ପ୍ରସ୍ତୁତ କରାଯାଇ ବ୍ଲକ୍ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବାର ଜଣାପଡିଛି । ତେବେ ପଂଚାୟତବାସୀଙ୍କ ବୃହତ ସ୍ୱାର୍ଥକୁ ଆଖିଆଗରେ ରଖି ଏହି ସମସ୍ୟାର ଯଥାଶୀଘ୍ର ସମାଧାନ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ୱାଭିମାନ ଅଂଚଳରେ ଉନ୍ନତ ସ୍ୱାସ୍ଥ୍ୟ ସେବା ପ୍ରଦାନ

ମାଲକାନଗିର,୨୭।୯ (ନି.ପ୍ର): ମାଲକାନଗିରି ଜିଲା ଚିତ୍ରକୋଣ୍ଡା ସ୍ୱାଭିମାନ ଅଂଚଳ ରେ ଆଜି ଠାରୁ ଅଂଚଳ ବାସିଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ନିମନ୍ତେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟର ଏକ ସ୍ୱତନ୍ତ୍ର ଟିମ ମାଲକାନଗିରିଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡା ପ୍ରଫୁଲ୍ଲ ନନ୍ଦ ଙ୍କ ନେତୃତ୍ୱରେ ଶିଶୁ ରୋଗ ବିଶେଷଜ୍ଞ ସନ୍ତୋଷ କୁମାର ମିଶ୍ର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଶିବ ପ୍ରସାଦ ମହାରଣା, ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ର ଡାକ୍ତର ଖିରୋଦ ଚନ୍ଦ୍ର ମହନ୍ତ ଯାନବାଇ ମେଡିକାଲ ରେପହଂଚି ଚିତ୍ରକୋଣ୍ଡା ଶିଶୁ ବିକାଶ ପ୍ରକଳ୍ପ ଦ୍ୱାରା ପରିଚାଳିତ ପୋଷଣ ଦିବସରେ ଯୋଗଦାନ କରିଥିଲେ । ଏଥି ସହ ସ୍ୱାଭିମାନ ଅଂଚଳ ବାସିଙ୍କ ପାଇଁ ଆରମ୍ଭ କରାଯାଇଥିଲା ଉନ୍ନତ ସ୍ୱାସ୍ଥ୍ୟ ସେବା, ।ସ୍ୱାଭିମାନ ଅଂଚଳ ବଡ଼ପଡା ଯାନବାଇ ମେଡିକାଲ ଠାରେ ମାଲକାନଗିରି ରୁ ସ୍ୱା ସ୍ଥ୍ୟ ସେବା ପାଇଁ ପହଂଚି ଥିବା ଟିମ କୁ ସ୍ୱାଗତ କରାଯାଇ ଆରମ୍ଭ କରାଯାଇଥିଲା ସ୍ୱାସ୍ଥ୍ୟ ସେବା, ଆଜି ପୋଷଣ ଦିବସରେ ପ୍ରଥମ ଦିନରେ ୪୦ ଜଣ ଶିଶୁ ରୋଗ ଓ ୩୦ ଜଣ ସ୍ତ୍ରୀ ରୋଗୀ ଙ୍କୁ ପରୀକ୍ଷା କରି ସେବା ଯୋଗାଇ ଥିଲେ। ଏହି ସ୍ୱାସ୍ଥ୍ୟ ସେବା ଆଜି ଠାରୁ ଆରମ୍ଭ ହେବା ସହ ପ୍ରତି ସପ୍ତାହରେ ଶୁକ୍ରବାର ଦିନ ଯାନବାଇ ମେଡିକାଲ ରେ, ପ୍ରତି ରବିବାର ଦିନ ଯୋଡ଼ାମ୍ବ ମେଡିକାଲ ଏବଂ ପ୍ରତି ମଙ୍ଗଳବାର ଦିନ ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ରେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟ ବିଭାଗୀୟ ବିଶେଷଜ୍ଞ ମାନେ ଯୋଗ ଦେଇ ସ୍ୱାଭିମାନ ଅଂଚଳ ବାସିଙ୍କୁ ସ୍ୱାସ୍ଥ୍ୟ ସେବ ଯୋଗାଇ ଦେବା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ସ୍ଥିରହୋଇଛି ।

## ମାତ୍ରାଧିକ ଇଲେକ୍ଟ୍ରି ବିଲ କୁ ନେଇ ଉପଭୋକ୍ତା ଅସନ୍ତୋଷ

ମାଲକାନଗିରି,୨୭।୯ (ନି.ପ୍ର): ସାରା ରାଜ୍ୟରେ ବିଦ୍ୟୁତ ଦର ବୃଦ୍ଧି କୁ ନେଇ ବିଭିନ୍ନ ମହଲରେ ଅସନ୍ତୋଷ ବୃଦ୍ଧି ପାଉଥିବା ବେଳେ ମାଲ କା ନଗିରି ଜିଲ୍ଲା ସୀମାନ୍ତ ମୋଟୁ ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରୁ ବିଦ୍ୟୁତ୍ ବିଲ୍ କୁ ନେଇ ଚକିତ କଲାଭଳି ଚିତ୍ର ସାମ୍ନାକୁ ଆସିଛି । ସାଉଥକୋ ବିଦ୍ୟୁତ୍ ସରୋବରାହ ସଂସ୍ଥା ପକ୍ଷରୁ ଏହି ଅଂଚଳକୁ ବିଦ୍ୟୁତ୍ ସରୋବରାହ କରାଯାଉଥିବା ବେଳେ ଗତ ଏକ ମାସ ମଧ୍ୟରେ ଆସିଥିବା ବିଲ୍ କୁ ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି । ମୋଟୁ ତହସିଲ୍ ଅନ୍ତର୍ଗତ ଏମଭି୭୯ ଗ୍ରାମର ନାରାୟଣ ଚନ୍ଦ୍ର ନାଥ ଗତ ଜୁନ ମାସର ବିଲ୍ ର ଶେଷ ସଂଖ୍ୟା ୪ ହଜାର ଟଙ୍କା ଥିବା ବେଳେ ଚଳିତ ମାସ ରେ ବିଲ୍ ର ଶେଷ ସଂଖ୍ୟା ୨୩ ହଜାର ଟଙ୍କା ଆସିଥିବା ଜଣାପଡ଼ିଛି । ସେହିପରି ଏହି ଗ୍ରାମର ସୁଜିତ ହାଲଦାର ଙ୍କ ଜୁନ ମାସରେ ପ୍ରାୟ ୬ ହଜାର ଟଙ୍କା ବିଲ୍ ଥିବାବେଳେ ଚଳିତ ମାସରେ ୫୦କ ହଜାର ୯ ଶହ ୩୩ ଓ ସରଜିତ ମଣ୍ଡଲ ଙ୍କ ୩ ମାସ ପୂର୍ବରୁ ୨୭ ଶହ ଟଙ୍କା ଥିବାବେଳେ ଚଳିତ ମାସରେ ଆସିଥିବା ବିଲ୍ ରେ ୨୮ ହଜାର ୭ ଶହ ୭୭ ଟଙ୍କା ଉଲ୍ଲେଖ ରହିଛି । ଗତ କିଛି ମାସ ଧରି ଲକ୍ ଡାଉନ୍ ଯୋଗୁଁ ଜୀବନ ଜୀବିକାକୁ ନେଇ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଏତେ ମାତ୍ରାରେ ବିଦ୍ୟୁତ୍ ବିଲ୍ ସମସ୍ତଙ୍କୁ ଚିନ୍ତିତ କରିପକାଇଛି । ଗୋଟିଏ ପରିବାର ଆବଶ୍ୟକ ମୁତାବକ ବିଦ୍ୟୁତ୍ ଖର୍ଚ୍ଚ କରାଯିବା ସହ ହାତ ଗଣତି ବୈଦ୍ୟୁତିକ ସରଞ୍ଜାମ ଚଳାଉଥିବା ଘରେ ଏତେ ମାତ୍ରାରେ ବିଲ୍ କିପରି ଆସୁଛି କହି ସ୍ଥାନୀୟ ଲୋକ ପ୍ରତିବାଦ କରିଛନ୍ତି । ଅନ୍ୟପଟେ ବିଦ୍ୟୁତ୍ ବିଲ୍ ରେ ଅଚାନକ ଏଭଳି ବୃଦ୍ଧିକୁ ଲୋକେ ଗ୍ରହଣ ନକରିବା ସହ ବିଦ୍ୟୁତ୍ ସରୋବରାହ ସଂସ୍ଥା ଓ ସେମାନଙ୍କ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ଯୋଗୁଁ ଏଭଳି ହେଉଥିବା ଅଭିଯୋଗ ହୋଇଛି । ପଡିଆ, ଏମଭି୭୯ ଓ ଆଖପାଖ ଅଂଚଳରେ ଅନେକ ସମୟରେ ଏଭଳି ମାତ୍ରାଧିକ ବିଲ୍ ଆସୁଥିବାରୁ ଲୋକେ ନିଜ ଗାଁ ଠାରୁ ଜିଲ୍ଲା ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ନିଜର ଅଭିଯୋଗ ଜଣାଉଥିବା ଦେଖିବାକୁ ମିଳୁଛି । ବିଦ୍ୟୁତ୍ ସରୋବରାହ ସଂସ୍ଥା ର ଏଭଳି ମାତ୍ରାଧିକ ବିଲ୍ ବଂଟନକୁ ବିଭାଗ ପକ୍ଷରୁ ତଦନ୍ତ କରି ତୁରନ୍ତ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟୁତ୍ ଉପଭୋକ୍ତାଙ୍କ ମହଲରେ ଦାବୀ ହୋଇଛି ।

## ଟ୍ରକ୍ କୁ ପିଟିଲା ଟ୍ରକ୍ : ଦୁଇ ମୃତ, ଜଣେ ଗୁରୁତର

ଗଞ୍ଜାମ,୨୭।୯ (ନି.ପ୍ର): ବ୍ରହ୍ମପୁର ଉପକଣ୍ଠସ୍ଥ ଜାତୀୟ ରାଜପଥର ହଳଦିଆପଦର ଛକ ନିକଟରେ ଆଜି ସକାଳେ ଭୁବନେଶ୍ୱରରୁ ଆନ୍ଧ୍ର ଅଭିମୁଖେ ଯାଉଥିବା ଏକ ଟ୍ରକ୍ ଅନ୍ୟ ଏକ ଟ୍ରକ୍ କୁ ଧକ୍କା ଦେବା ଫଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଛି । ମୃତକଙ୍କ ମଧ୍ୟରେ ଜଣେ ଡ୍ରାଇଭର ଓ ଅନ୍ୟ ଜଣେ ହେଲପର୍ ରହିଛନ୍ତି । ଏହି ଦୁର୍ଘଟଣାରେ ଜଣେ ଗୁରୁତର ଭାବେ ଆହତ ମଧ ହୋଇଛନ୍ତି । ଗୁରୁତର ଆହତ ବ୍ୟକ୍ତିଙ୍କୁ ଚିକିତ୍ସା ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଭର୍ତି କରାଯାଇଛି । ଖବର ପାଇ ଗୋଳନ୍ଥରା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଦୁଇ ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ପଠାଇଛି । ତେବେ ଅଦ୍ୟାବଧି ମୃତକଙ୍କ ପରିଚୟ ମିଳିପାରିନାହିଁ ।

## ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ଦୁଇ ଜଣଙ୍କ ମୃତ୍ୟୁ

ଅନୁଗୋଳ,୨୭।୯ (ନି.ପ୍ର): ଅନୁଗୋଳ ଜିଲ୍ଲା ଜରପଡ଼ା ରେଲୱେ ଓଭର ବ୍ରିଜ୍ ନିକଟରେ ଆଜି ଏକ ଟ୍ରକ୍ ଅନ୍ୟ ଏକ ବାଇକ୍ କୁ ଧକ୍କା ଦେବା ଫଳରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ତେବେ ମୃତକ ଦ୍ୱୟଙ୍କ ପରିଚୟ ମିଳିପାରିନାହିଁ । ଘଟଣା ପରେ ଟ୍ରକ୍ ଡ୍ରାଇଭର ସେଠାରୁ ଫେରାର୍ ହୋଇଯାଇଛି । ଖବର ପାଇ ଜରପଡ଼ା ଥାନା ପୋଲିସ ଘଟଣାସ୍ଥଳରେ ପହଂଚି ଉଭୟଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି । ଦୁର୍ଘଟଣାଗ୍ରସ୍ତ ବାଇକ୍ କୁ ମଧ ପୋଲିସ ଜବତ କରିଛି । ପୋଲିସ ପକ୍ଷରୁ ଏନେଇ ଅଧିକ ତଦନ୍ତ ଜାରୀ ରହିଛି ।

# ନେଉଳପୁରଠାରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟଣା: ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର

**ଦୁର୍ଘଟଣା ଘଟାଇଥିବା ଘରୋଇ ଆମ୍ବୁଲାନ୍ସ ଡ୍ରାଇଭର ଭଦ୍ରକରୁ ଗିରଫ**

ଧର୍ମଶାଳା,୨୭।୯ (ନି.ପ୍ର): ଗତ କାଲି ସନ୍ଧ୍ୟାରେ ୧୬ ନଂ ଜାତୀୟ ରାଜପଥରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଥିଲା । ବାଇକକୁ ଧକ୍କା ଦେଇଥିଲା ଘରୋଇ ଆମ୍ବୁଲାନ୍ସ । ଏବଂ ଘଟଣାସ୍ଥଳରେ ଦମ୍ପତିଙ୍କ ସହ ଜଣେ ଶିଶୁ କନ୍ୟାର ମୃତ୍ୟୁ ହୋଇଯାଇଥିବା ବେଳେ ମୃତକ ମାନେ ହେଲେ କଟକ ବିଡାନାସୀ ଗୋପଳସାହି ଅଂଚଳର ଶଙ୍କର୍ଷଣ ସାହୁ(୪୩),ସ୍ତ୍ରୀ ମାମିନା ସାହୁ(୩୬) ଓ ସେମାନଙ୍କ ୫ ବର୍ଷର ଶିଶୁ କନ୍ୟା ସମ୍ପୂର୍ଣ୍ଣା ସାହୁ(କୁନି)ବୋଲି ଜଣାପଡିଛି । ଧର୍ମଶାଳା ପୋଲିସ ଏକ ଅପମୃତ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡଚଣା ମେଡିକାଲକୁ ପଠାଇ ଦେଇଥିଲା । ଶବ ବ୍ୟବଚ୍ଛେଦ ପରେ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତରିତ କରାଯାଇଥିବା ବେଳେ ଦୁର୍ଘଟଣା ଘଟାଇଥିବା ଘରୋଇ ଆମ୍ବୁଲାନ୍ସ ଡାଇଭରକୁ ଭଦ୍ରକରୁ ଗିରଫ କରାଯାଇଥିବା ନେଇ ଧର୍ମଶାଳା ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରକାଶ କରିଛନ୍ତି । ସୂଚନା ଥାଉକି ୧୬ ନଂ ଜାତୀୟ ରାଜପଥ ଧର୍ମଶାଳା ଥାନା ଅନ୍ତର୍ଗତ ନେଉଳପୁର ନିକଟରେ ଏକ କଳା ରଙ୍ଗର ବାଜାଜ ଡିସକଭର ବାଇକରେ ୩ ଜଣ କଟକରୁ ଭଦ୍ରକ ଅଭିମୁଖେ ଶଙ୍କର୍ଷଣ ତାଙ୍କ ଶ୍ୱଶୁର ଘରକୁ ଯାଉଥିଲେ । ଏବଂ ସେମାନଙ୍କ ସାମ୍ନାକୁ ନେଉଳପୁରଠାରେ ଭଦ୍ରକ ଜିଲା ଅକରପଡା ଅଂଚଳର ଜଣେ ଗୁରୁତର ରୋଗୀଙ୍କ ସହ ପରିବାର ୩ଜଣ ସଦସ୍ୟଙ୍କୁ ନେଇ ଏକ ଘରୋଇ ଆମ୍ବୁଲାନ୍ସ (ଓଡି୨୨ଏନ୪୯୫୬) ଦ୍ରୁତ ଗତିରେ କଟକ ଆସୁଥିବା ସମୟରେ ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା । ଘଟଣାସ୍ଥଳରେ କିଛି ସମୟ ପାଇଁ ଉତେଜନା ଲାଗି ରହିଥିଲା ତେବେ ପୋଲିସ ପଂହଚିବା ପରେ ଉତ୍ୟକ୍ତ ଶାନ୍ତ ପଡିଥିଲେ ।

## ଅଜଣା ଗାଡ଼ି ଧକ୍କାରେ ହରିଣ ଛୁଆର ମୃତ୍ୟୁ

ଗଞ୍ଜାମ,୨୭।୯ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଖେମୁଣ୍ଡି କଲେଜ ସାମ୍ନାରେ ଆଜି ଭୋର୍ ସମୟରେ କୌଣସି ଅଜଣା ଗାଡ଼ି ଧକ୍କାରେ ଏକ ହରିଣ ଛୁଆର ମୃତ୍ୟୁ ଘଟିଛି । ଏହାର ବୟସ ପ୍ରାୟ ୧ ବର୍ଷ ହେବ । ଖବର ପାଇ ସ୍ଥାନୀୟ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଂଚି ହରିଣର ମୃତଦେହ ଉଦ୍ଧାର କରିବା ସହ ଏହାକୁ ବ୍ୟବଚ୍ଛେଦ ବ୍ୟବସ୍ଥା କରାଇଥିଲେ । ବ୍ୟବଚ୍ଛେଦ ପରେ ମୃତ ହରିଣଟିକୁ ମାଟିରେ ପୋତି ଦିଆଯାଇଛି ।

# ଖୋର୍ଦ୍ଧା ଜିଲ୍ଲାର ବିଜେଡ଼ି ଓ ବିଜେପିର କର୍ମୀ ଓ ନେତାବୃନ୍ଦ କଂଗ୍ରେସରେ ମିଶିଲେ

ଭୁବନେଶ୍ୱର,୨୭।୯ (ନି.ପ୍ର): ଆଜି ପୂର୍ବାହ୍ନ ୧୧ ଘଂଟା ସମୟରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପୂର୍ବତନ ପିସିସି ସଭାପତି ଶ୍ରୀ ଜୟଦେବ ଜେନାଙ୍କ ଉପସ୍ଥିତିରେ ଜଟଣୀ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ଅତୁଳନୀୟ ସମାଜ ସେବା ତଥା ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୁଦ୍ଧରେ ସଂଗ୍ରାମ ପ୍ରତି ଆକର୍ଷିତ ହୋଇ ଏବଂ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶ୍ରୀଯୁକ୍ତ ନିରଞ୍ଜନ ପଟ୍ଟନାୟକ, ଅଖିଳ ଭାରତ କଂଗ୍ରେସ କମିଟିର ପୂର୍ବତନ ଅଧକ୍ଷ ସମ୍ମାନନୀୟ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀ ଏବଂ ଅଖିଳ ଭାରତ କଂଗ୍ରେସ କମିଟିର ଅଧକ୍ଷା ସମ୍ମାନନୀୟ ଶ୍ରୀମତୀ ସୋନିଆ ଗାନ୍ଧୀଙ୍କ ନେତୃତ୍ୱକୁ ସମ୍ମାନ ଜଣାଇ ଖୋର୍ଦ୍ଧା, ବାଲିଅନ୍ତା, ବାଲିପାଟଣା ଏବଂ ଜଟଣୀ ନିର୍ବାଚନ ମଣ୍ଡଳୀର ବିଜେଡ଼ି ଓ ବିଜେପିର ବହୁ ନେତା ଓ କର୍ମୀ କଂଗ୍ରେସ ଦଳରେ ଆନୁଷ୍ଠାନିକ ଭାବେ ଯୋଗଦେଲେ । ଏଥିରେ ଥିବା ନେତୃସ୍ଥାନୀୟ ବ୍ୟକ୍ତମାନେ ହେଲେ ଉମାକାନ୍ତ ମହାପାତ୍ର,ବିଷ୍ଣୁ ଚରଣ ଛୋଟରା, ସୁଧାକର ସାହୁ, ସୁନିଲ୍ କୁମାର ଘଡେଇ, ପରମାନନ୍ଦ ବେହେରା, ବନବିହାରୀ ସାହୁ, ବଳରାମ ସାହୁ, ବିରେନ୍ଦ୍ର ସିଂ, ସୌମ୍ୟ ହରିଚନ୍ଦନ, ସୋମନାଥ ଷଡ଼ଙ୍ଗୀ, ନରହରି ଦଲେଇ, ସୁମନ୍ତ ସେଠୀ, ଶ୍ରୀକାନ୍ତ ପଣ୍ଡା, ରମାକାନ୍ତ ଭୋଇ, କୁଳମଣି ପ୍ରମୁଖ । ଏମାନଙ୍କର ଯୋଗଦାନ ଖୋର୍ଦ୍ଧା ଜିଲ୍ଲାରେ କଂଗ୍ରେସ ସଂଗଠନକୁ ମଜବୁତ କରିବ ବୋଲି ଶ୍ରୀ ରାଉତରାୟ ତାଙ୍କ ବକ୍ତ୍ୟବରେ କହିଛନ୍ତି । ପୂର୍ବତନ ପିସିସି ସଭାପତି ଶ୍ରୀଯୁକ୍ତ ଜେନା ଯୋଗଦେଇଥିବା ନେତୃବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଜଟଣୀ ମ୍ୟୁନିସିପାଲିଟିର ପୂର୍ବତନ ଅଧକ୍ଷ ସଂଗ୍ରାମ କେଶରୀ ରାଉତରାୟ, ମନନ୍ମଥ ରାଉତରାୟ, ପ୍ରକାଶ ଜେନା ଓ କଳିଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରୀ ସୁବିଧାରୁ ବଂଚିତ ଭିନ୍ନକ୍ଷମ ରବିନ୍ଦ୍ର ପ୍ରସଙ୍ଗ : ରାଜ୍ୟ ଭିନ୍ନକ୍ଷମ ଆୟୋଗ ବିଡିଓଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ

ଭଦ୍ରକ, ୨୭/୯ (ହି.ସ.) - ଏହି ଜିଲାର ବନ୍ତ ବ୍ଲକ୍ ଅଧୀନସ୍ଥ ରାମଚନ୍ଦ୍ରପୁର ପଂଚାୟତ ବେଲଗଡିଆ ଗ୍ରାମର ଭିନ୍ନକ୍ଷମ ରବିନ୍ଦ୍ରଙ୍କ ପ୍ରସଙ୍ଗ ଏବେ ଚର୍ଚ୍ଚାର ବିଷୟ ହୋଇଛି । ସମସ୍ତ ସରକାରୀ ସହାୟତାରୁ ବଂଚିତ ରବିନ୍ଦ୍ରଙ୍କୁ ତାହା ଯୋଗାଇଦେବାକୁ ବନ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ରାଜ୍ୟ ଭିନ୍ନକ୍ଷମ ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି । ଏ ସଂପର୍କରେ ଜାଣିବାକୁ ହେଲେ ଆମକୁ ରବିନ୍ଦ୍ରଙ୍କ ସଂପର୍କରେ ସବିଶେଷ ବୁଝିବାକୁ ପଡିବ । ବେଲଗଡିଆ ଗ୍ରାମର ସ୍ୱର୍ଗତଃ ଲକ୍ଷ୍ମୀଧର ପରିଡାଙ୍କ ପୁତ୍ର ରବନ୍ଦ୍ର । ଆଗପଛ ହୋଇ ତାଙ୍କର ପିତାମାତା ଆରପାରିକୁ ଚାଲିଗଲା ପରେ ସେ ବେସାହାରା ହୋଇପଡିଥିଲେ । ମାତ୍ର ମନୋବଳ ଦୃଢ କରି ଦାଦନ ଖଟିବାକୁ ସୁଦୂର ବାଙ୍ଗାଲୋରକୁ ଯାଇଥିଲେ ମଧ କଠିନ ପରିଶ୍ରମ କରିନପାରି ଗାଁକୁ ଫେରିଆସିଥିଲେ । ଘରେ ପହଂଚିବା ପରେ ଦୀର୍ଘଦିନ ଜ୍ୱର ହୋଇ ମେରୁଦଣ୍ଡରେ ଅସହ୍ୟ ଯନ୍ତ୍ରଣା ଅନୁଭବ କଲେ । ସ୍ଥାନୀୟ ଡାକ୍ତରଖାନାରୁ ଔଷଧ ଆଣି ଖାଇଥିଲେ ମଧ ଯନ୍ତ୍ରଣା ଉପଶମ ହେବା ପରିବର୍ତେ କ୍ରମଶଃ ବୃଦ୍ଧି ପାଇଲା । ପରେ ପରେ ହଠାତ୍ ଦୁଇଗୋଡ ସହ ଶରୀରର ଅର୍ଦ୍ଧାଧିକ ଅଂଶ ଅଚଳ ହୋଇପଡିଲା । ରବିନ୍ଦ୍ରଙ୍କର ନିଜସ୍ୱ କେହି ନଥିବାବେଳେ ଆର୍ଥିକ ସମ୍ବଳ ମଧ ଆଦୌ ନାହିଁ କହିଲେ ଚଳେ । ଏଭଳି ଅବସ୍ଥାରେ ଅର୍କମଣ୍ୟ ହୋଇପଡିବା ଯୋଗୁଁ ସେ ସଂପୂର୍ଣ୍ଣ ଭାଙ୍ଗିପଡିଥିଲେ । ରହିବା ପାଇଁ ଘରଦ୍ୱାର ନଥିବାରୁ ଗାଁର ବାର ସୁଣ୍ଡି ପିଣ୍ଡାରେ ରାତ୍ରୀ ଯାପନ କରିବା ପରେ ଦୟାକରି ଯିଏ ଯାହା ଦେଲା ତାକୁ ହି ଖାଇ ବଂଚିଲେ । ଏହି ବିଷୟରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ସୁଶୀଲ ରାଉତ ନାମକ ଜଣେ ସାମାଜିକ କର୍ମୀ ରବିନ୍ଦ୍ରଙ୍କୁ ନେଇ ରାଜ୍ୟ ଭିନ୍ନକ୍ଷମ ଆୟୋଗଙ୍କ ଠାରେ ଗତମାସ ୬ ତାରିଖରେ ଏକ ଅଭିଯୋଗ ଦାଖଲ କରିଥିଲେ । ଉକ୍ତ ଅଭିଯୋଗକୁ ଆୟୋଗ ଗ୍ରହଣ କରି ତାଙ୍କ କୋର୍ଟରେ ଆଗତ କେଶ୍ ନଂ ୧୦୨/୨୦ ମୂଳେ ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ୧୦ ତାରିଖରେ ତଦନ୍ତ କରି ସରକାରଙ୍କ ଦ୍ୱାରା ପ୍ରଦ ସମସ୍ତ ସରକାରୀ ସୁବିଧା ସୁଯୋଗ ପ୍ରଦାନ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ରବିନ୍ଦ୍ରକୁ କରିଥିବା ଚିଠି ନଂ ୧୩୩୬/ଏସ୍‌ସିପିଡି / ୧୪.୦୯.୨୦ ଓ ଆଦେଶର ନକଲ ନଂ -୧ /୧୦.୦୯./୨୦୨୦ ରୁ ଜଣାପଡିଛି । ତେବେ ରବିନ୍ଦ୍ରଙ୍କୁ ପ୍ରଶାସନ ପକ୍ଷରୁ ତାଙ୍କ ନାମକୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨ ମାସର ରେସନ୍ ସାମଗ୍ରୀ ପ୍ରଦାନ କରାଯାଇଛି । ଭତା ସଂପର୍କରେ ସମସ୍ତ କାଗଜପତ୍ର ସଂପୂର୍ଣ୍ଣ ହୋଇଥିବା ବିଷୟ ବିଭାଗର ଅତିରିକ୍ତ ଦାୟିତ୍ୱରେ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଂଟିଆ ଗଣମାଧ୍ୟମକୁ କହିଛନ୍ତି ।

# ସମୃଦ୍ଧ 'ଆଲ୍‌ବାନିଆ'କୁ ଉଜାଡ଼ିଦେଲା ଯୁଦ୍ଧ ଭୟ

ଘଟଣା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରବର୍ତ୍ତୀ ସମୟର । ଦୁଇ ଦୁଇଟି ବିଶ୍ୱଯୁଦ୍ଧର ସମ୍ମୁଖୀନ ହେବା ପରେ ଅଧିକାଂଶ ଦେଶ ଅଣ୍ଟା ସଳଖିବାକୁ ବଳ ଜୁଟାଉଥାନ୍ତି । ଆଉ ସେହି ସମୟରେ ଆଲବାନିଆରେ ତିଆରି ହୋଇଥିଲା ଲକ୍ଷାଧିକ ବଙ୍କର । ତତ୍କାଳୀନ ସମୟର ଶାସକଙ୍କୁ ଯୁଦ୍ଧ ଭୟ ଏତେ ମାତ୍ରାରେ ଘାରିଥିଲା ଯେ, ଏଥିରୁ ରକ୍ଷା ପାଇବାକୁ ସେ ପ୍ରତି ୩ କିମି ଦୂରତାରେ ଗୋଟିଏ ଲେଖାଏଁ ସୁରକ୍ଷିତ ବଙ୍କର ନିର୍ମାଣ କରିବାକୁ ଯୋଜନା କରିଥିଲେ ।

ଦକ୍ଷିଣପୂର୍ବ ୟୁରୋପୀୟ ଦେଶ ଆଲ୍‌ବାନିଆରେ ପ୍ରତି ୩ କିମି ଦୂରତାରେ ଦେଖିବାକୁ ମିଳେ ଏକ ବଙ୍କର । ଦେଶର ଗୋଟିଏ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ଯାଏ ସୀମାନ୍ତରରାଳ ଭାବେ ଏହି ବଙ୍କରଗୁଡ଼ିକ ନିର୍ମାଣ କରାଯାଉଛି । ଏକଛତ୍ରବାଦୀ ଶାସକ ଏନ୍‌ଭର ହୋକ୍ସହା ନିଜର ଭୟ ପାଇଁ ଏକ ସୁନ୍ଦର ଦେଶକୁ ଖାଦାନରେ ପରିଣତ କରିଦେଲେ । ୬୦ଦଶକରୁ ଆରମ୍ଭ ହୋଇଥିବା ଏହି ବଙ୍କର ନିର୍ମାଣ କାର୍ଯ୍ୟ ଦୀର୍ଘ ୨୦ ବର୍ଷ ଯାଏ ଚାଲିଥିଲା । ଶାସକଙ୍କ ମୃତ୍ୟୁ ପରେ ହିଁ ଏହି କାମରେ ଲାଗିଥିଲା ବ୍ରେକ୍ । ଦେଶର ସମସ୍ତ ରାଜସ୍ୱ ବଙ୍କର ନିର୍ମାଣରେ ଖର୍ଚ୍ଚ ହୋଇଯିବା ପରେ ଜନସାଧାରଣଙ୍କ ଅବସ୍ଥା ଶୋଚନୀୟ ହୋଇପଡ଼ିଲା । ଅର୍ଥନୈତିକ ବିପର୍ଯ୍ୟୟର ପ୍ରଭାବ ଅଦ୍ୟାବଧିକ ଅନୁଭୂତ ହେଉଛି । ତେବେ ନିକଟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ବଙ୍କରଗୁଡ଼ିକୁ ଏବେ ଆର୍ଟ ଗ୍ୟାଲେରିର ରୂପାନ୍ତରିତ କରାଯାଉଛି ।

ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାରା ପୃଥିବୀ ଦୁଇ ଭାଗରେ ବିଭକ୍ତ ହୋଇଥିଲା । ଜାପାନ ଉପରେ ଆମେରିକାର ପରମାଣୁ ଅସ୍ତ୍ର ପ୍ରୟୋଗ ପରେ ଯୁଦ୍ଧର ଯଦିଓ ଅନ୍ତ ହୋଇଯାଇଥିଲା ତଥାପି କେଉଁଠି ନା କେଉଁଠି ଆଉ ଏକ ଯୁଦ୍ଧ ଆଶଙ୍କା ଘାରିଥିଲା ଅନେକ ଦେଶକୁ । ଉତ୍ତରପୂର୍ବ ୟୁରୋପୀୟ ଦେଶ ଆଲ୍‌ବାନିଆ ମଧ୍ୟ ଏହି ଶଙ୍କାରେ ଥିଲା । ଯୁଦ୍ଧରେ ଏହି ଦେଶ ଭୟଙ୍କର ଭାବେ ପ୍ରଭାବିତ ହୋଇଥିଲା । ଶାସକ ଏନ୍‌ଭର ହୋକ୍ସହାଙ୍କ ମନରେ ଯୁଦ୍ଧକୁ ନେଇ ରହିଥିବା ଭୟ ଏବଂ ସନ୍ଦେହ ଦିନକୁ ଦିନ ଦୃଢ଼ୀଭୂତ ହେବାରେ ଲାଗିଲା । ପରିସ୍ଥିତି ଏମିତି ହେଲା ଯେ, ନିଜର ମିତ୍ର ରାଷ୍ଟ୍ର ୟୁଗୋସଲୋଭିଆ, ରୁଷିଆ, ଚାଇନାଠାରୁ ମଧ୍ୟ ଏହି ଦେଶ ଦୂରତା ରକ୍ଷା କରିବା ଆରମ୍ଭ କଲା । ସମ୍ଭାବ୍ୟ ଯୁଦ୍ଧସ୍ଥିତିରେ ଦେଶବାସୀ ଏବଂ ସୈନିକଙ୍କ ଜୀବନ ବଞ୍ଚାଇବାକୁ ଶାସକ ଏନ୍‌ଭର


ବଙ୍କର୍ ପାଇଁ ସର୍ବସ୍ୱାନ୍ତ



୧୯୬୦ରେ ବଙ୍କର ନିର୍ମାଣ ପ୍ରୋଜେକ୍ଟ ଆରମ୍ଭ କରିଥିଲେ । ଏହି କାର୍ଯ୍ୟ ଦୁଇ ଦଶନ୍ଧି ଧରି ଜାରି ରହିଲା । ୧୯୮୫ରେ ହୋକ୍ସହାଙ୍କ ମୃତ୍ୟୁ ପରେ ହିଁ ଏହା ବନ୍ଦ ହୋଇଥିଲା । ତେବେ ସେତେବେଳକୁ ବ୍ଲୋର ସମୁଦ୍ରତଟରୁ ରାଜଧାନୀ ତିରାନାର ପାହାଡ଼ିଆ ଅଞ୍ଚଳ ଏବଂ ମଣ୍ଟିନିଗ୍ରୋଠାରୁ ଆରମ୍ଭ କରି ୟୁନାନ ଦ୍ୱୀପ କୋର୍ଫୁ ଯାଏ ସବୁସ୍ଥାନ ବଙ୍କରମୟ ହୋଇଯାଇଥିଲା । ବଙ୍କର ନିର୍ମାଣ କରିବା ସମୟରେ ହଜାର ହଜାର ଶ୍ରମିକ ମୃତ୍ୟୁମୁଖରେ ପଡ଼ିଲେ । ଅର୍ଥ ଅପଚୟ ସହ ସମୟ ମଧ୍ୟ ନଷ୍ଟ ହୋଇଗଲା । ଅନ୍ୟ କୌଣସ ଉନ୍ନତିମୂଳକ କାର୍ଯ୍ୟ ହୋଇପାରିଲା ନାହିଁ, ଯାହା ଦେଶର ଭବିଷ୍ୟତକୁ ଅନ୍ଧକାରାଚ୍ଛନ୍ନ କରିଦେଇଥିଲା । ପରିସ୍ଥିତି ଏପରି ହୋଇଗଲା ଯେ, ସମୃଦ୍ଧିଶାଳୀ ଆଲବାନିଆ ଉପରେ ଲାଗିଗଲା ଗରିବୀ ଦେଶର ମୋହର । ଦେଶର ସ୍ୱାର୍ଥକୁ ଜଳାଞ୍ଜଳିଦେଇ କରାଯାଇଥିବା ଏପରି ମୂର୍ଖତାପୂର୍ଣ୍ଣ କାର୍ଯ୍ୟକୁ ଏବେ ବି ଅନେକେ କଳଙ୍କିତ ଅଧ୍ୟାୟ ବୋଲି ସମାଲୋଚନା କରି ଆସୁଛନ୍ତି । ନବେଦଶକ ବେଳକୁ ଆଲବାନିଆରେ ସାମ୍ପ୍ରଦାୟିକବାଦର ବିଲୋପ ଘଟିଥିଲା । ତେବେ ସ୍ଥାନୀୟ ଲୋକଙ୍କ ସମସ୍ୟ ଯେମିତିକୁ ସେମିତି ରହିଥିଲା । ଲୋକଙ୍କ ମୁଣ୍ଡ ଉପରେ ଛାତ କି ଜୀବନ ବଞ୍ଚିବାର ସାଧନ ନଥିଲା । ଏପରି ପ୍ରତିକୂଳ ପରସ୍ଥିତିରେ ଲୋକମାନେ ବଙ୍କରକୁ ଘର ଭାବ ବ୍ୟବହାର କରିବାକୁ ଲାଗିଲେ । ଏବେ ଏହି ବଙ୍କରଗୁଡ଼ିକୁ ବାସଗୃହ, ଗୋଦାମ, ଗୁହାଳ ଭାବେ ବ୍ୟବହାର କରାଯାଉଛି ।

**ବନ୍ଦୀ ହୋଇଥିଲେ ଡିଜାଇନର:**

ଡୋମ୍ ଆକାରର ଏହି ବଙ୍କରଗୁଡ଼ିକୁ ଡିଜାଇନ କରିଥିଲେ ମିଲିଟାରି ଇଞ୍ଜିନିୟର ଜୋସିଫ୍ ଜଗାଲୀ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ସାମିଲ ହୋଇଥିବା ଜୋସିଫ୍ ରୁଷିଆରେ ବଙ୍କର ନିର୍ମାଣ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ନେଇଥିଲେ । ତାଙ୍କ ଦ୍ୱାରା ନିର୍ମିତ ବଙ୍କର ଡିଜାଇନ୍‌ରେ ଏନ୍‌ଭର ଏତେମାତ୍ରାରେ ପ୍ରଭାବିତ ହୋଇଥିଲେ ଯେ, ସେ ତାଙ୍କୁ ତୁରନ୍ତ ଏହି ପ୍ରକଳ୍ପ ଦାୟିତ୍ୱ ଦେଇଥିଲେ । ଏପରିକି ତାଙ୍କୁ ସେନାବାହିନୀରେ ଉଚ୍ଚପାହ୍ୟା ପ୍ରଦାନ କରାଯାଇଥିଲା । ତେବେ କିଛିଦିନ ପରେ ବିଦେଶୀ ଏଜେଣ୍ଟ ସନ୍ଦେହରେ ଏନ୍‌ଭରଙ୍କ ନିର୍ଦ୍ଦେଶରେର ଜୋସିଫ୍‌ଙ୍କୁ ବନ୍ଦୀ କରାଯାଇଥିଲା ।

**ନୂଆ ରୂପ ନେଉଛି ବଙ୍କର:**

ଯେଉଁ ବଙ୍କର ଦିନେ ଆଲବାନିଆର ଅର୍ଥନୀତିକୁ ଛାରଖାର କରିଦେଇଥିଲା ସେହି ବଙ୍କର ଏବେ ବୈଦେଶିକ ପୁଞ୍ଜି ସଂଗ୍ରହର ମାଧ୍ୟମ ପାଲଟିଛି । ଏହାକୁ ଦେଖିବାକୁ ପ୍ରତିବର୍ଷ ହଜାର ହଜାର ପର୍ଯ୍ୟଟକ ଆସୁଛନ୍ତି । କେତେକ ବଙ୍କରକୁ ପର୍ଯ୍ୟଟକ ରହଣିସ୍ଥଳ ଭାବେ ପରିବର୍ତ୍ତିତ କରାଯାଇଛି । ସେହିପରି ଆଉ କେତେକ ବଙ୍କରକୁ କ୍ଷୁଦ୍ର ହୋଟେଲ, ମ୍ୟୁଜିୟମ, ସାଂସ୍କୃତିକ ସମାବେଶ ସ୍ଥଳରେ ରୂପାନ୍ତରିତ କରିବାକୁ ଯୋଜନା ଚାଲିଛି ।

# ଘରୋଇ ଉପାୟରେ ତ୍ୱଚାରେ ଚମକ୍

ଆଜିକାଲି ଝିଅମାନେ ତ୍ୱଚାରେ ଚମକ୍ ଆଣିବା ତଥା ସୁନ୍ଦର ଦେଖା ଯିବା ପାଇଁ ବିଭିନ୍ନ କସ୍‌ମେଟିକ୍ସ ବ୍ୟବହାର କରୁଛନ୍ତି । ଆଉ ଖର୍ଚ୍ଚାନ୍ତ ମଧ ହେଉଛନ୍ତି । ଆପଣ ଚାହିଁଲେ କମ୍ ଖର୍ଚ୍ଚରେ ଘରୋଇ ଉପାୟରେ ତ୍ୱଚାରେ ଚମକ୍ ଆଣିପାରିବେ ।



**ଚିନିରେ କରନ୍ତୁ ସ୍କ୍ରବିଂ:** ତ୍ୱଚାକୁ ସ୍କ୍ରାବ୍ କରିବା ପାଇଁ ବଜାରରେ ବହୁ ପ୍ରକାରର ଉତ୍ପାଦ ଉପଲବ୍ଧ । ଆଗରୁ ମହିଳାମାନେ ଏଥିପାଇଁ ଚିନିର ବ୍ୟବହାର କରୁଥିଲେ । ଏହା ଖୁବ୍ ପ୍ରଭାବଶାଳୀ ମଧ । ଏହାକୁ ଅଲିଭ ଅଏଲ୍ ବା ମହୁ ସହ ମିଶାଇ ବ୍ୟବହାର କରନ୍ତୁ । ଏହା ତ୍ୱଚାରୁ ମୃତ କୋଷିକାମାନଙ୍କୁ ବାହାର କରିଥାଏ ।

**ଟୋନର୍ ପାଇଁ ସେଓର ସିର୍‌କା:** ଜାଣନ୍ତି କି ସେଓର ସିର୍‌କା ଶରୀରକୁ ଡିଟକ୍ସ କରିବା ସହ ଟୋନର୍ ଭାବେ କାମ କରିଥାଏ । ସେଓର ସିର୍‌କାରେ କେଇ ବୁନ୍ଦା ପାଣି ମିଶାଇ ବ୍ୟବହାର କରିପାରିବେ । ତ୍ୱଚାକୁ କ୍ଲିନଜିଂ କରିବା ପରେ ଏହାକୁ ଲଗାଇପାରିବେ ।

**ଅଲିଭ୍ ଅଏଲ୍‌ରେ ମଏଶ୍ଚରାଇଜ୍:** ଯଦି ଆପଣଙ୍କ ତ୍ୱଚା ଶୁଷ୍କ କିମ୍ବା ସ୍ପର୍ଶକାତର । ତେବେ ମଏଶ୍ଚରାଇଜ କରିବା ପାଇଁ ତେଲର ବ୍ୟବହାର କରିପାରିବେ । ଅଲିଭ ଅଏଲ୍ ହେଉଛି ପ୍ରାକୃତିକ ମଏଶ୍ଚରାଇଜର । ଏଥିରେ ଥିବା ଆଣ୍ଟି-ଅକ୍ସିଡେଣ୍ଟ ଓ ପ୍ରାକୃତିକ ଏସିଡ୍ ତ୍ୱଚା ପାଇଁ ବରଦାନ । ଅଲିଭ ଅଏଲ୍‌ରେ କ୍ଷୀର ବା ମହୁ ମିଶାଇ ଫେସ୍ ପ୍ୟାକ୍ ବ୍ୟବହାର କରିପାରିବେ ।



# ଗ୍ରେଟ୍ ହିମାଲୟାନ୍ ନେସ୍‌ନାଲ୍ ପାର୍କ



ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲାରେ 'ଗ୍ରେଟ୍ ହିମାଲୟାନ୍ ନେସ୍‌ନାଲ୍ ପାର୍କ' ଅବସ୍ଥିତ । ସମୁଦ୍ର ପତ୍ତନଠାରୁ ୧୫୦୦-୬୦୦୦ ମିଟର୍ ଉଚ୍ଚତାରେ ଏହି ଜାତୀୟ ଉଦ୍ୟାନ ପ୍ରାୟ ୧୧୭୧ ବର୍ଗ କିଲୋମିଟର୍ ଅଞ୍ଚଳକୁ ବ୍ୟାପ୍ତ । ୧୯୮୪ରେ ଏହି ଜାତୀୟ ଉଦ୍ୟାନ ସ୍ଥାପିତ ହୋଇଥିଲା । ଏହା ୩୧ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ, ୧୮୧ ପ୍ରଜାତିର ପକ୍ଷୀ, ୩ ପ୍ରଜାତିର ସରୀସୃପ, ୯ ପ୍ରଜାତିର ଉଭୟଚର ପ୍ରାଣୀ, ୧୧ ପ୍ରଜାତିର ଅଙ୍ଗୁରୀୟମାଳ (annelid), ୧୭ ପ୍ରଜାତିର କମ୍ବୋଜ (mollusk), ୧୧୭ ପ୍ରଜାତିର କୀଟ-ପତଙ୍ଗଙ୍କ ବାସସ୍ଥାନ । ଏହି ଜାତୀୟ ଉଦ୍ୟାନ ମଧ୍ୟରେ ବିଭିନ୍ନ ଉଚ୍ଚତାରେ ଗୁଡିଏ ଉପତ୍ୟକା ଅବସ୍ଥିତ । କେବଳ ପାଦରେ ଚାଲିଚାଲି ସେସବୁ ଦେଖିବା ସଂଭବ । ସେପ୍‌ଟେମ୍ବର୍‌ରୁ ନଭେମ୍ବର୍ ସର୍ବୋତ୍ତମ ପର୍ଯ୍ୟଟନ କାଳ । ଏହି ସମୟରେ ନୀଳ ମେଷ, କସ୍ତୁରୀ ମୃଗ, ହିମ ତେନ୍ଦୁଆ, ବାଦାମୀ ଭଲ୍ଲୁକ, ପାହାଡୀ ଛଗଳ ଆଦି ଆଖିରେ ପଡନ୍ତି । ଏଠାରେ ଶିକାର ନିଷିଦ୍ଧ । ୨୦୧୪ ରେ ଏହି ଜାତୀୟ ଉଦ୍ୟାନକୁ ବିଶ୍ୱ ଐତିହ୍ୟ ମାନ୍ୟତା ପ୍ରଦାନ କରାଯାଇଥିଲା ।

# ଓଜନ ବଢ଼ାଇବା ସହ ଚର୍ମସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍

ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରଏସାଣ୍ଟ, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

# ସାଦା ଆମ୍‌ଲେଟ

ଅଣ୍ଡାରେ ଆମ୍‌ଲେଟ ପ୍ରସ୍ତୁତ କରାଯାଏ ଏବଂ ଅଣ୍ଡା ନିରାମିଷ ନୁହେଁ । ତେବେ ନିରାମିଷ ଆମ୍‌ଲେଟ୍ କିପରି ପ୍ରସ୍ତୁତ କରିହେବ ବୋଲି ଭାବୁଛନ୍ତି କି ! ଏହା ପ୍ରସ୍ତୁତ କରିବା ଯେପରି ସହଜ, ସେପରି ସ୍ୱାଦିଷ୍ଟ ଏବଂ ପୁଷ୍ଟିକର ମଧ ।

ପ୍ରସ୍ତୁତି: ପ୍ରଥମେ ଏକ ପାତ୍ରରେ ବେସନ, ମଇଦା, ବେକିଂ ପାଉଡର, ହଳଦି, ଲୁଣ ପକାଇ ଭଲଭାବେ ମିଶାଇବା ପରେ ପାଣି ପକାଇ ପିଠଉ ପ୍ରସ୍ତୁତ କରିବେ । ଏହା ବେଶୀ ପତଳା କି ବହଳିଆ ହୋଇନଥିବା ଜରୁରୀ । ଏଥିରେ ପିଆଜ, କଞ୍ଚାଲଙ୍କା, ଧନିଆପତ୍ର, ଲାଲ୍ ଲଙ୍କାଗୁଣ୍ଡ ଏବଂ ଗୋଲମରିଚ ଗୁଣ୍ଡ ପକାଇ ଗୋଳାଇଦେବେ । ପ୍ୟାନ୍‌କୁ ଚୁଲିରେ ବସାଇ କିଛି ବଟର ପକାଇବେ । ଏହା ତରଳିବା ପରେ ଆମ୍‌ଲେଟ୍ ପିଠଉକୁ ଅଳ୍ପ ନେଇ ପ୍ୟାନ୍‌ରେ ପକାନ୍ତୁ । ଏହାକୁ ଅଣ୍ଡା ଆମ୍‌ଲେଟ ପରି ଗୋଲ କରିଦେଇ ୧-୨ ମିନିଟ୍ ଛାଡ଼ିଦେବେ । ଏବେ ଉପରେ ପାଉଁରୁଟି ଖଣ୍ଡ ରଖିବେ । ଏହା ଭଲଭାବେ ହୋଇଯିବା ପରେ ଓଲଟାଇ ପଛପାଖ ସେକିନେବେ । ଆମ୍‌ଲେଟର ବଳକା ଅଂଶ ପାଉଁରୁଟିର ଚାରିପାଖରେ ଲଗାଇ ଦିଅନ୍ତୁ । ପ୍ରସ୍ତୁତ ହୋଇଗଲା ସାଦା ଆମ୍‌ଲେଟ୍ । ଏହାକୁ ଟମାଟୋ କେଚପ୍ କିମ୍ବା ସସ୍ ସହିତ ଲଗାଇ ଗରମ ଗରମ ଖାଇପାରିବେ ।



***ଆବଶ୍ୟକ ସାମଗ୍ରୀ:*** ପିଠଉ କରିବା ଲାଗି ବେସନ- ୧ କପ୍, ମଇଦା-୧/୪ କପ୍, ଛୋଟ ଚାମଚରେ ୩/୪ ଚାମଚ ବେକିଂ ପାଉଡର, ୧/୪ ଚାମଚ ଲେଖାଏଁ ହଳଦି ଗୁଣ୍ଡ, ପାଣି ୧+୧/୪ କପ୍, ବଡ଼ ଚାମଚରେ ୨ ଚାମଚ ଲେଖାଏଁ ଛୋଟଛୋଟ ଚାରିକୋଣିଆ କଟାଯାଇଥିବା ପିଆଜ ଏବଂ ଧନିଆପତ୍ର କଟା, ସରୁସରୁ କଟାଯାଇଥିବା ଗୋଟିଏ କଞ୍ଚାଲଙ୍କା, ସ୍ୱାଦାନୁସାରେ ଲୁଣ । ଏହା ସହିତ ଭାଜିବା ପାଇଁ ବଟର ବା ଲହୁଣି, ୫ ପିସ୍ ପାଉଁରୁଟି, କିଛି ଧନିଆ ।

## ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରରର ଲୋକଙ୍କୁ ସାମିଲ କରାଯାଇଥିଲା । ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ ।

-କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ ଅନେକାଂଶରେର ହ୍ରାସ ପାଇଥଏ ।

-ଲଣ୍ଡନର ଗବେଷକ ଦଳଙ୍କ ମତରେ ଯୋଗ କଲେ ଆମ ମସ୍ତିଷ୍କକୁ ଆବଶ୍ୟକ ପରିମାଣରେ ଅମ୍ଳଜାନ ମିଳେ, ଯାହା କାରଣରୁ ମନ ଶାନ୍ତ ରହୁଥିବାର ପରୀକ୍ଷାରୁ ଜଣାପଡ଼ିଛି ।

-ଯୋଗ ଗୁରୁଙ୍କ ତାମିଲରେ ୧୦ଦିନ କ୍ରମାଗତ ଯୋଗାଭ୍ୟାସ କଲେ ଏହାର ଉତ୍ତମ ପ୍ରଭାବ ଜାଣିହୋଇଥାଏ । ଯୋଗ ଆରମ୍ଭ ପୂର୍ବରୁ କିଛି ସମୟ ଆଖି ବନ୍ଦ କରି ଧ୍ୟାନ କରନ୍ତୁ ।

# ମାନସିକ ଚାପ କମାଇବା ଯୋଗାସନ



ଦଣ୍ଡାସନ: ଶରୀରର ସ୍ଫୂର୍ତ୍ତିକୁ ବଜାୟ ରଖେ । ମାନସିକ ଚାପକୁ କମାଇଥାଏ । ପ୍ରତିଦିନ ଅତି କମ୍‌ରେ ୫ ମିନିଟ୍ ପାଇଁ ଏହାକୁ କରିବା ଆବଶ୍ୟକ ।

ବାଳାସନ: ସ୍ନାୟୁଗତ ରୋଗ ଦୂର କରେ । ଏହାଦ୍ୱାରା ଜଂଘ, ନିତମ୍ବ ଏବଂ ଆଣ୍ଠୁର ବ୍ୟାୟାମ ହୋଇଥାଏ । ଅଣ୍ଟା ବିନ୍ଧାରୁ ଉପଶମ ଦିଏ । ମନକୁ ଶାନ୍ତ ରଖେ । ଅବସାଦକୁ ଦୂରେଇଥାଏ ।

ଉଷ୍ଟ୍ରାସନ: ନିୟମିତ ଅଭ୍ୟାସ କଲେ ପୂରା ଶରୀରରେ ରକ୍ତସଞ୍ଚାଳନ ବଢ଼େ । ଅର୍ଥାତ୍ ଶରୀରକୁ ଅଧିକ ଅମ୍ଳଜାନ ଯୋଗାଣ ହୋଇଥାଏ । ଏହାଯୋଗୁଁ ମସ୍ତିଷ୍କ ସମେତ ଶରୀରର ବିଭିନ୍ନ ଅଙ୍ଗର କାର୍ଯ୍ୟଦକ୍ଷତା ବୃଦ୍ଧି ହୋଇଥାଏ । ସେହିପରି ଏହି ଆସନ ମାନସିକ ଚାପକୁ ବି କମାଏ ।

ସେତୁ ବନ୍ଧାସନ: ଏହା ମଧ୍ୟ ରକ୍ତସଞ୍ଚାଳନକୁ ତ୍ୱରାନ୍ୱିତ କରିଥାଏ । ହୃଦୟର ବ୍ଲକେଜ୍‌କୁ ଖୋଲିବା, ମସ୍ତିଷ୍କକୁ ଶାନ୍ତ କରିବା ଏବଂ ମାନସିକ ଚାପ କମାଇବାରେ ସାହାଯ୍ୟ କରେ । ସେତୁବନ୍ଧାସନ କରିବା ସମୟରେ ୩୦ ସେକେଣ୍ଡ ପର୍ଯ୍ୟନ୍ତ ଏହି ସ୍ଥିତିରେ ରହନ୍ତୁ । ଅତି କମ୍‌ରେ ୩ ଥର ଏହାକୁ ଦୋହରାନ୍ତୁ ।

ହଳାସନ: ମେରୁଦଣ୍ଡ ହାଡ଼ର ଯନ୍ତ୍ରଣାକୁ କମାଏ । ମାଂସପେଶୀକୁ ଆରାମ ଦେବା ସହିତ ପିଠି, କାନ୍ଧ ଯନ୍ତ୍ରଣାକୁ କମାଇଥାଏ । ପିଲାମାନଙ୍କର ଉଚ୍ଚତା ବଢ଼େ । ଏହାଛଡ଼ା ମାନସିକ ଚାପ କମିଥାଏ । ଥାଇରଏଡ୍ ରୋଗୀଙ୍କ ପାଇଁ ଏହା ଖୁବ୍ ଉପକାରୀ ।

କର୍ମସ୍ଥଳୀରେ ଯୋଗ: କର୍ମସ୍ଥଳୀରେ ଯୋଗର ବହୁ ଗୁରୁତ୍ୱ ରହିଛି । କିଛି ସମୟ ହେଲେ ମଧ୍ୟ ଅଫିସ୍‌ରେ ଯୋଗାଭ୍ୟାସ କରିବା ଉଚିତ୍ । ଏହାଦ୍ୱାରା କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଥାଏ । ଯୋଗ ସେମାନଙ୍କ ମଧ୍ୟରେ ସକରାତ୍ମକ ଚିନ୍ତାଧାରା ଆଣି ଦେବା ସହ ସ୍ଫୂର୍ତ୍ତି ବଜାୟ ରଖେ । ମାନସିକ ଅବସାଦ ଦୂର କରେ । ଏହା ସହିତ କର୍ମଚାରୀଙ୍କ ମଧ୍ୟରେ ସଂପର୍କ ସୁଦୃଢ଼ ହୁଏ । ତେଣୁ ବିଗତ କିଛି ବର୍ଷ ହେଲା ବହୁ ସୁଦୃଢ଼ ହୁଏ । ତେଣୁ ବିଗତ କିଛି ବର୍ଷ ହେଲା ବହୁ ବଡ଼ ବଡ଼ କଂପାନିରେ ସପ୍ତାହକୁ ଥରେ ଯୋଗ ଶିବିର ଆୟୋଜନ କରାଯାଉଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ସୁରକ୍ଷା ଦେବା ଆବଶ୍ୟକ...

ଯାହା ଆଶଙ୍କା କରାଯାଉଥିଲା ତାହା ଘଟିବାକୁ ଯାଉଛି । ଚୀନ୍ କମ୍ପାନୀ ଦ୍ୱାରା ବିକଶିତ ଆପ୍ ଓ ଚୀନ୍ ବ୍ୟାଙ୍କର ନିବେଶ ଉପରେ ଭାରତ ସରକାର କଟକଣା ଜାରି କରିବା ପରେ ଚୀନ୍ ଏପିଆଇ (ଔଷଧ କଞ୍ଚାମାଲ୍) ରପ୍ତାନୀ ମୂଲ୍ୟ ବଢ଼ାଇ ଦେଇଛି । ଏ କ୍ଷେତ୍ରରେ ଚୀନ୍ 'ଯେସାକୁ ତେସା' ନୀତି ଆପଣେଇ ଏପିଆଇ ରପ୍ତାନି ସମ୍ପୂର୍ଣ୍ଣ ବନ୍ଦ କରିବାର ସମ୍ଭାବନା କ୍ଷୀଣ । କାରଣ ଚୀନ୍ ଯଦି ସେଭଳି ପଦକ୍ଷେପ ନିଏ ତେବେ ବିଶ୍ୱରେ ତାର ଭାବମୂର୍ତ୍ତି ଆହୁରି କଳଙ୍କିତ ହେବ । ଏତଦ୍ ବ୍ୟତୀତ ଆମେରିକା ଓ ୟୁରୋପୀୟ ସଂଘ ସହିତ ବାଣିଜ୍ୟ ତିକ୍ତତା ପରେ ଚୀନର ଔଷଧ ଶିଳ୍ପ ପାଇଁ ଭାରତ ଏ ପର୍ଯ୍ୟନ୍ତ ଏକ ନିର୍ଭରଯୋଗ୍ୟ ଓ ବିଶାଳ ବଜାର ରୂପେ ପରିଗଣିତ ହୋଇଛି । ତେଣୁ ଚୀନ୍ ନିଜର ସ୍ୱାଭାବଗତ ଚରିତ୍ର ଅନୁଯାୟୀ ଭାରତକୁ ରପ୍ତାନି ହେଉଥିବା ଏପିଆଇ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି ନକରି ମୂଲ୍ୟ ବୃଦ୍ଧି କରିଛି । ଚୀନର ଏହି ପଦକ୍ଷେପ ପରେ ଭାରତରେ ଅଧିକାଂଶ ଔଷଧ ମୂଲ୍ୟ ୧୦% ରୁ ୨୦% ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ଆଶଙ୍କା କରାଯାଉଛି । ସରକାରୀ ମାଗଣା ଔଷଧ କିମ୍ବା ଜନୌଷଧି (ଜେନେରିକ୍ ଔଷଧ) ସବୁ ଅଞ୍ଚଳରେ ଉପଲବ୍ଧ ନଥିବାରୁ ଭାରତର ମଧ୍ୟବିତ୍ତ ଓ ନିମ୍ନମଧ୍ୟବିତ୍ତ ପରିବାରର ଚିକିତ୍ସା ଖର୍ଚ୍ଚ ଆହୁରି ଏହା ପରେ ବୃଦ୍ଧି ପାଇବ । ବିଡ଼ମ୍ବନା ହେଉଛି, ବିଶ୍ୱର ଅନେକ ଦେଶକୁ ଜେନେରିକ୍ ମେଡିସିନ୍ ବା ଅତି କମ୍ ମୂଲ୍ୟରେ ଔଷଧ ରପ୍ତାନି କରୁଥିବା ଦେଶ ମଧ୍ୟରେ ଅଗ୍ରଣୀ ଥିବା ଭାରତ ଏପିଆଇ ପାଇଁ ଚୀନ୍ ଉପରେ ନିର୍ଭରଶୀଳ । ଫାର୍ମାସ୍ୟୁଟିକାଲ୍ ଏକ୍ସପୋର୍ଟ ପ୍ରୋମୋସନ୍ କାଉନ୍ସିଲ୍ ଅଫ୍ ଇଣ୍ଡିଆର ସୂଚନା ଅନୁଯାୟୀ ଭାରତ ଗତ ଆର୍ଥିକ ବର୍ଷରେ ୩୯୦ କୋଟି ଡଲାର ମୂଲ୍ୟର ଜେନେରିକ୍ ଔଷଧ ରପ୍ତାନି କରିଥିଲା, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଦୁଇଗୁଣ । ଭାରତରେ ଏପିଆଇ ଉତ୍ପାଦନ ପାଇଁ ଭିତ୍ତିଭୂମି କିମ୍ବା ଜ୍ଞାନକୌଶଳର ଅଭାବ ମଧ୍ୟ ନାହିଁ । ତଥାପି ଏପିଆଇ (ଆକ୍ଟିଭ୍ ଫାର୍ମାସ୍ୟୁଟିକାଲ୍ ଇନଗ୍ରିଡିଆଣ୍ଟ) ପାଇଁ ଭାରତ ଚୀନ୍ ଉପରେ ନିର୍ଭରଶୀଳ କାହିଁକି ? ଏହାର କାରଣ ହେଉଛି ଭାରତୀୟ ଔଷଧ ଉତ୍ପାଦନ ସଂସ୍ଥା ବା କମ୍ପାନୀମାନଙ୍କ ବ୍ୟବସାୟିକ ଦୃଷ୍ଟିକୋଣ ଓ ସରକାରୀ ଉଦାସୀନତା । ଭାରତରେ ଉତ୍ପାଦିତ ଏପିଆଇ ମୂଲ୍ୟ ଚୀନରୁ ଆମଦାନୀ ଏପିଆଇ ମୂଲ୍ୟ ତୁଳନାରେ ୨୦%ରୁ ୩୦% ଅଧିକ ହେଉଛି । ସେହି ଅନୁସାରେ ଔଷଧର ଉତ୍ପାଦନ ଖର୍ଚ୍ଚ ଓ ବଜାର ମୂଲ୍ୟ ମଧ୍ୟ ଅଧିକ ରହୁଥିବାରୁ ଭାରତୀୟ କମ୍ପାନୀମାନେ ଚୀନରୁ ଏପିଆଇ ଆମଦାନୀ କରିବାକୁ ଉଚିତ୍ ମଣୁଛନ୍ତି । ଉଲ୍ଲେଖନୀୟ ବିଗତ ଶତାବ୍ଦୀର ୯୦ ଦଶକ ପର୍ଯ୍ୟନ୍ତ ଭାରତ ଉଭୟ ଔଷଧ ଓ ଏପିଆଇ ଉତ୍ପାଦନରେ ପ୍ରାୟତଃ ଆତ୍ମନିର୍ଭରଶୀଳ ଥିଲା; କିନ୍ତୁ ଜଗତୀକରଣ ପରେ ବିଶେଷକରି ବିଗତ ଦୁଇ ଦଶନ୍ଧିରେ ଏପିଆଇ ପାଇଁ ଆମଦାନୀକୁ ଅଗ୍ରାଧିକାର ଦେଲା । ଏହାର ସୁଯୋଗ ନେଇ ଚୀନ୍ ଭାରତୀୟ ଔଷଧ ବଜାରରେ ଆଧିପତ୍ୟ ବିସ୍ତାର କରିଚାଲିଛି । ଭାରତରେ ଆବଶ୍ୟକ ଏପିଆଇ ୮୦% ଚୀନ୍‌ରୁ ଆମଦାନୀ ହେଉଛି । ଲଦାଖ ସୀମାରେ ଉତ୍ତେଜନା ପରେ ଚୀନରୁ ଭାରତ ଆସୁଥିବା ବିଭିନ୍ନ ସାମଗ୍ରୀ ଉପରେ ଭାରତ ସରକାର କଟକଣା ଜାରି କରିଥିଲେ ମଧ୍ୟ ଔଷଧ ସାମଗ୍ରୀ ଓ ଏପିଆଇକୁ ଯଥାଶୀଘ୍ର ଅନୁମତି ଦେବା ପାଇଁ ଭାରତୀୟ ସୀମା ଓ ବନ୍ଦର ବାଣିଜ୍ୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥିରୁ ଭାରତର ବିବଶତା ବାରି ହୋଇପଡୁଛି । ଏପିଆଇ ବା ଔଷଧ ଶିଳ୍ପରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ହେବା ପାଇଁ ଏହିସବୁ ଦିଗ ପ୍ରତି ଦୃଷ୍ଟି ଦେଇ ମନୁଷ୍ୟକୃତ ପ୍ରତିବନ୍ଧକ ହଟାଇବାକୁ ପଡ଼ିବ । 'ଆତ୍ମନିର୍ଭରଶୀଳ ଭାରତ' ଅଭିଯାନରେ ଔଷଧ କ୍ଷେତ୍ରକୁ ପ୍ରଥମ ଅଧିକାର ନ ଦେଲେ ଭବିଷ୍ୟତରେ ଦେଶ ଓ ଦେଶବାସୀ ଆହୁରି ଗୁରୁତର ସ୍ୱାସ୍ଥ୍ୟଗତ ସଙ୍କଟର ସମ୍ମୁଖୀନ ହେବେ । ତେଣୁ ଚୀନର ଏପିଆଇ ଦରବୃଦ୍ଧିକୁ ଏକ ସତର୍କ ଘଣ୍ଟି ରୂପେ ଗ୍ରହଣ କରି ଭାରତ ସରକାର ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ । ଲାଇସେନ୍ସ ରାଜ ହଟିଥିବା ଘୋଷଣା କେବଳ କାଗଜପତ୍ରରେ ସୀମିତ ରହିଯାଇଥିବା ଅଭିଯୋଗ ହେଉଛି । ତେଣୁ ଏ କ୍ଷେତ୍ରରେ କେନ୍ଦ୍ର ସରକାର ଯଥାସମ୍ଭବ ଉଦାର ଓ ସ୍ୱଷ୍ଟ ନୀତି ସହିତ ଟିକସ ପ୍ରୋତ୍ସାହନ ଘୋଷଣା କଲେ ଚୀନର ଆଭିମୁଖ୍ୟକୁ ପଣ୍ଡ କରି ଭାରତ ଓ ଭାରତବାସୀଙ୍କୁ ସୁରକ୍ଷା ଦେବା ସମ୍ଭବ ହେବ ।

## ଦ୍ୱିତୀୟ ଜାଲିଆନାୱାଲାବାଗ ରକ୍ତତୀର୍ଥ ଇରମ

### ସେପ୍ଟେମ୍ବର ୨୮ ସହିଦ ଦିବସ ଉପଲକ୍ଷେ

**ପ୍ରଦୀପ୍ତ କୁମାର ମହାନ୍ତି**

ସମଗ୍ର ପୃଥିବୀ ପୃଷ୍ଠରେ ଭାରତବର୍ଷର ଦ୍ୱିତୀୟ ଜାଲିଆନାୱାଲାବାଗ ରକ୍ତତୀର୍ଥ ଇରମ ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ଏକ ଗୌରବମୟ କାହାଣୀ ସୃଷ୍ଟି କରିଛି । ୧୯୪୨ ମସିହାରେ ଭାରତଛାଡ଼ ଆନ୍ଦୋଳନ ସ୍ୱାଧୀନତା ସଂଗ୍ରାମରର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଇଂରେଜ ସରକାରଙ୍କ ବିରୁଦ୍ଧରେ ଦେଶବ୍ୟାପୀ ସ୍ୱାଧୀନତା ଯୁଦ୍ଧରେ ସାମିଲ ହୋଇଥାଏ ଭଦ୍ରକ ସବ୍‌ଡିଭିଜନ୍‌ର ବାସୁଦେବପୁର ଥାନା ଅନ୍ତର୍ଗତ ଇରମ ଭୂମି । ସେପ୍ଟେମ୍ବର ୨୮ ତାରିଖ ଦିନ ଏକ ମର୍ମନ୍ତୁଦ ଘଟଣା ଘଟିଗଲା ଭାରତ ଇତିହାସରେ । ଇରମ ଅଞ୍ଚଳରେ ଏହି ଆନ୍ଦୋଳନ ଉଗ୍ରରୂପ ଧାରଣ କଲା । ସେପ୍ଟେମ୍ବର ୨୮ ତାରିଖ ସନ୍ଧ୍ୟାରେ ଏହି ସମାଧିପୀଠ ସଂଲଗ୍ନ ମେଳନ ପଡ଼ିଆରେ ପ୍ରାୟ ୬ ହଜାର ଲୋକ ଏକତ୍ର ହୋଇଥିଲେ । ଅତ୍ୟାଚାରୀ ଇଂରେଜ ଶାସନ ବିରୁଦ୍ଧରେ ପ୍ରତିବାଦ ଜଣାଇବା ପାଇଁ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଅହିଂସା ମାର୍ଗରେ ସେମାନେ ଥିଲେ ପଥିକ ।

ତେଣୁ ସେମାନେ କୌଣସି ହିଂସାତ୍ମକ ପରିସ୍ଥିତି ସୃଷ୍ଟି କରିନଥିଲେ । ମାତ୍ର କୌଣସି କାରଣ ନଥାଇ ଇଂରେଜ ପୋଲିସ୍ ଫୌଜ ଗୁଳିଚାଳନା କରି ୨୯ ଜଣଙ୍କର ଅମୂଲ୍ୟ ଜୀବନ ନେବା ସଙ୍ଗେ ସଙ୍ଗେ ୫୬ ଜଣଙ୍କୁ ଆହତ କରିଥିଲେ । ତ୍ୟାଗ ଓ ତପସ୍ୟାର ଏହି ଆଗ୍ନେୟ ଝଲକରେ ପୂର୍ବାକାଶ ଝଲକି ଉଠିଥିଲା । ଭାରତର ମୁକ୍ତସୂର୍ଯ୍ୟର ବାର୍ତ୍ତାନେଇ ଇଂରେଜ ଶାସନର ଏହି କଳଙ୍କିତ ଅଧ୍ୟାୟ ଓ ପର୍ଦ୍ଦାର ଅନ୍ତରାଳରେ ଜନ୍ମ ହେଲା ସ୍ୱାଧୀନ ଭାରତବର୍ଷ । ଯେଉଁ ଦେଶପ୍ରେମୀ ମାନଙ୍କର ଅମ୍ଳାନ ତ୍ୟାଗ ଦ୍ୱାରା ରକ୍ତତୀର୍ଥ ଇରମ ମାଟି ଚିରକାଳ ଅମର ହୋଇ ରହିଛି ସେହି ପ୍ରତଃ ସ୍ମରଣୀୟ ସହିଦମାନେ ହେଲେ ୧) ପରିବେୱା, ୨) ବୃନ୍ଦାବନ ପଣ୍ଡା, ୩) ଜଟି ସାହୁ, ୪) ଗୋବିନ୍ଦ ରାଉତ, ୫) ନିଧି ମଳିକ, ୬) ଦିବାକର ପାଣିଗ୍ରାହୀ, ୭) ଗୋପାଳ ଚନ୍ଦ୍ର ଦାସ, ୮) ବିଜୁଳି ଦାସ, ୯) ହୃସୀକେଶ ବେହେରା, ୧୦) ମଦନ ପଲାଇ, ୧୧) ବଲ୍ଲଭ ବେହେରା, ୧୨) ମାଘ ମହାଳିକ, ୧୩) ଭୁଆ ମାଝି, ୧୪) କାଳି ମାଝି, ୧୫) ରାଧୁ ମହାଳିକ, ୧୬) ଧୃବଚରଣ ଦେ, ୧୭) ବାସୁଦେବ ସାହୁ, ୧୮) ହରି ବେହେରା, ୧୯) କୃଷ୍ଣଚନ୍ଦ୍ର ସ୍ୱାଇଁ, ୨୦) ଭାବନ ରାଉତ, ୨୧) ଉପ ମଳିକ, ୨୨) କୃପାସିନ୍ଧୁ ବେହେରା, ୨୩) ରାମ ମାଝି, ୨୪) ମଣି ବେହେରା, ୨୫) ରତ୍ନାକର ପାଣି, ୨୬) ମଣି ପ୍ରଧାନ, ୨୭) ପରି ଦାସ, ୨୮) ଶଙ୍କର ମଳିକ, ୨୯) ବିଶ୍ୱନାଥ ଦାସ । ଭାରତ ଛାଡ଼ ଆନ୍ଦୋଳନର ପ୍ରଥମ ମହିଳା ସହିଦ ପରିବେୱା । ମହାତ୍ମାଗାନ୍ଧୀଙ୍କ ଡାକରାରେ ସ୍ୱାଧୀନତା ସଂଗ୍ରାମର ଥାଏ ଅନ୍ତିମ ପର୍ଯ୍ୟାୟ । ୧୯୨୦ ଅସହଯୋଗ ଆନ୍ଦୋଳନ ଠାରୁ ଇରମ ଗ୍ରାମଟି ସ୍ୱାଧୀନତା ସଂଗ୍ରାମର ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଫଳରେ ରାଜନୈତିକ ତତ୍ପରତା ବୃଦ୍ଧି ପାଇଥିଲା । ଜାତିର କବି ବାଞ୍ଛାନିଧି ମହାନ୍ତିଙ୍କର କବିତା- କହ କହ କେଉଁ ଜାତି ପାଇଛି ମୁକତି କରି ହାରି ହୁରି ଗୁହାରି । ପାଇଛି କେ ସୁଖ ନିଭାଇଛି ଦୁଃଖ ମାଗି ମାଗି ପଥ ଭିକାରୀ' ଖୁବ ବିପ୍ଳବ ସୃଷ୍ଟି କରିଥିଲା । ସେ ସମୟରେ ଉତ୍କଳମଣି ଗୋପବନ୍ଧୁ ଇରମରେ ପାଦ ଥାପିଥିଲେ ଓ କବିତା ଲେଖିଥିଲେ- ଦେଶ ଜାତି ପ୍ରୀତି ସରସ୍ୱତୀ ନଦୀ/ ବହୁଛି ଇରମେ ଶତମାର୍ଗ ଭେଦି/ ଅନ୍ତଃସଲିଳା ଏ ସାରା ଭାରତ୍ରେ ଜାତୀୟତା ଦାରେ ବହିବ ନିରତେ ଦେଶାତ୍ମବୋଧର ଗୁରୁଗନ୍ତାଘର/ ଇରମ ସୁଗମ୍ୟ ଜାତୀୟ ନଗର । କବି ବ୍ରଜନାଥ ରଥ ଇରମ ସଂପର୍କରେ ଲେଖିଲେ- ସହିଦ ବେଦିର ମର୍ମର ତଳେ ରକ୍ତ ନଦୀର ଜଳେ/ ମୁକ୍ତିର ମାଛ ଖେଳେ କେଉଁକାଳୁ ଜୀବନର ଉପକୂଳେ । କବି ରାଧାମୋହନ ଗଡ଼ନାୟକ ଲେଖିଲେ- ଧୋଇଲାଣି ଏଇ ପ୍ରାନ୍ତର ଛାତି କେତେ ଆଷାଢ଼ର ବାରିଧାର । ଦେଖାଯାଏ ଏଇ ପ୍ରାନ୍ତର ମୋତେ ତାଜା ରକତରେ ଜରଜର । ଇରମ



ଗୁଳିକାଣ୍ଡରେ ମେଳଣ ପଡ଼ିଆରେ ସଭାସ୍ଥଳରେ ୨୮ ଜଣ ଟଳି ପଡ଼ିଥିଲେ ଓ କୋରାପୁଟ ଜେଲରେ ଅନ୍ୟ ଜଣଙ୍କର ମୃତ୍ୟୁହୋଇଥିଲା । ୩୦୪ ଟି ଗୁଳି ଇଂରେଜ ମାନେ ମାରିଥିବାର ଜଣାଯାଏ । ବାସୁଦେବପୁର ଗାନ୍ଧୀ ସ୍ୱାଧୀନତା ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, ସଂଗ୍ରାମୀ କମଳାପ୍ରସାଦ କର, ଅନିରୁଦ୍ଧ ମହାନ୍ତି, ଗଣେଷ ପ୍ରସାଦ ତ୍ରିପାଠୀ, ଅର୍ଜ୍ଜୁନ ବିଶ୍ୱାଳ, ବଳରାମ ପାଣ୍ଡବ ପ୍ରଭୃତି ସଂଗ୍ରାମୀ ମାନେ ଅନେକ ସଂଗ୍ରାମ ଓ ସଂଘର୍ଷ କରିଥିଲେ । ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ ନାମରେ ଏକ ସ୍ୱାଧୀନ ରାଷ୍ଟ୍ର 'ସ୍ୱାଧୀନ ବାଞ୍ଛାନିଧି ଚକଲା' ଏକ ନୂଆ ସରକାର ଗଠନ କରାଯାଇଥିଲା । ଏଥିରେ ରାଷ୍ଟ୍ରପତି ଥିଲେ ଗୌରାଙ୍ଗ ମହାନ୍ତି ଓ ପ୍ରଧାନମନ୍ତ୍ରୀ ଥିଲେ କମଳା ପ୍ରସାଦ କର ।

ବିଶିଷ୍ଟ ଐତିହାସିକ ଜଗନ୍ନାଥ ପଟ୍ଟନାୟକ, ଗବେଷକ ଅଜୟ କୁମାର ପଣ୍ଡା, ସଂଗ୍ରାମୀ ଗୌରାଙ୍ଗ ଚନ୍ଦ୍ର ମହାନ୍ତି, କବି ଓ ଶିକ୍ଷାବିତ୍ ଶ୍ୟାମ ସୁନ୍ଦର ପୁହାଣ, କବି ମଧୁସୂଦନ ରାୟ ପ୍ରମୁଖ ଇରମ ସଂପର୍କରେ ସ୍ୱତନ୍ତ୍ର ପୁସ୍ତକ ରଚନା କରିଛନ୍ତି । ସହିଦ ତୀର୍ଥ ଯାତ୍ରୀ ସଂଘର ପ୍ରତିଷ୍ଠାତା ବୈଲୋଚନ ଜେନାଙ୍କର ପ୍ରଗାଢ଼ ଉଦ୍ୟମ ଓ କଳସ ଶୋଭାଯାତ୍ରା ନବରଙ୍ଗପୁରର ପାପଡାହାଣ୍ଡୀ ଓ ମାଥିଲି ଗୁଳିକାଣ୍ଡ ଦିବସରେ ପହଞ୍ଚିପାରିଛି । ଏହି ରକ୍ତଭିଜା ମାଟି ଶହୀଦର ମାଟି ଓ ସ୍ୱାଧୀନତା ସଂଗ୍ରାମର ମାଟି ରକ୍ତତୀର୍ଥ ଇରମ ଆଦି ଗୁମୁରି ଗୁମୁରି କାନ୍ଦୁଛି । ଯେଉଁ ମାଟିକୁ ଚିପୁଡି ଦେଲେ ରକ୍ତ ନିଗିଡ଼ିପଡ଼େ ସେହି ଇରମ ମାଟିର ଇତିହାସ ବିଶ୍ୱ ଦରବାରରେ ଚର୍ଚ୍ଚିତ । ଏ ମାଟି ଆଜି ମଧ୍ୟ ଅବହେଳିତ ହୋଇ ରହିଛି । ଜାତୀୟ ସ୍ମାରକୀ ଓ ଜାତିୟ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଲାଭ ପାଇଁ ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ ପାର୍ଲାମେଣ୍ଟର ଦାବି ଉଠାଇଛନ୍ତି । ରାଜ୍ୟ ସରକାରଙ୍କ ପର୍ଯ୍ୟଟନସ୍ଥଳୀ ଭାବେ ଏ ମାଟି ଘୋଷଣା ହୋଇଥିଲେ ମଧ୍ୟ ଆଖି ଦୃଶିଆ ଉନ୍ନତି ହୋଇନାହିଁ ।

+ ସଂପାଦକ- ରଙ୍ଗରାଗ
ବରଣ୍ଡିଆ, ବାସୁଦେବପୁର,
ଭଦ୍ରକ,
ମୋ: ୯୯୩୭୯୭୬୩୫୧

## କବିତା କୋଣାର୍କ

### ଏ କ'ଣ କଲ ?...

**ରବି ରାଉତ**

ହାଏ ହାଏ ତମେ ଏ କ'ଣ କଲ ?
କାଳିଆ ଦର୍ଶନେ ବାଧକ ହେଲ ?
ଛୁଆଁ ଛୁଇଁ ମନା କି କଲବଲ !
ଦଳ ଦଳ ଖାଲି ମୁଖା ପିନ୍ଧା ଲୋକ
ବିଚିତ୍ର ସେ ଦୃଶ୍ୟ, ଅଦଭୁତ ଭେକ

ଭାଟି ନାହିଁ କି ଖଟି ଆଉ ନାହିଁ
ପର ନିନ୍ଦା ପରଚର୍ଚ୍ଚା ଜମୁନାହିଁ ।
ମୁହେଁ ବନ୍ଧା ତୁଣ୍ଡି ପିଠେ କୋରଡ଼ା
ମଶାଣିକୁ ମନା ଗାଆଁର ମଡ଼ା ।

ଛ ଫୁଟ ମାପି ଘରଣୀ ଠିଆ
ନାତୁଣୀ ମାରୁନି କୋଳକୁ ଡିଆଁ
କିଏ କୋଟି ପତି କିଏ ବା ଭିକାରୀ
ଦେଖ ଘରେ ଘରେ ଠିଆ ପାଚେରୀ

ବାଟ ହାଟ ଘାଟ କଚେରୀ ଛକ
କିଏ ବା ବୁଝିବ କାହାର ଦୁଃଖ
କାହା ସର୍ବନାଶ କା'ର ପୁଷ ମାସ
ଭୟେ ଥରହର ଚରାଚର ବିଶ୍ୱ ।

ସଖୀ କେମିତି ଧରିବି ପ୍ରାଣ ?
ପଥ ସେ ପାଇଛି, ଆମେ ବାଟବଣା
ବନ୍ଧୁ ମୋ ଆଜି ଅନ୍ୟ ଘର ଯାଏ
ଡେଇ ମୋ ଏରୁଣ୍ଡି ଦାଣ୍ଡ ଅଗଣା ।

+ ସା/ପୋ.-ବାହାଳ
ବାଲେଶ୍ୱର-୭୫୬୦୬୦
ମୋ-୯୪୩୮୩୨୨୨୧୪

### ନିରୁଦ୍ଦିଷ୍ଟ ପୃଥିବୀର ମାନଚିତ୍ର..



**ସୁଧାଂଶୁ ଶେଖର ଦ୍ୱିବେଦୀ**

ଶୂନ୍ୟସ୍ଥାନ, ଏକାନ୍ତ ଆଜି
ପୃଥିବୀର ଗତି-ସ୍ଥିତି-ପ୍ରଗତି
ତ୍ରାହି ତ୍ରାହିର ଶବ୍ଦ ସବୁଆଡ଼େ
ନିରୁଦ୍ଦିଷ୍ଟ ପୃଥିବୀର ମାନଚିତ୍ର
ଅବରୁଦ୍ଧ ଜୀବନର ଚଲାପଥ
କେବଳ ନିର୍ମଳ ପବନର ଆସ୍ତରଣ
ଓ କିଛି ପଶୁ ପକ୍ଷୀଙ୍କର ଶବ୍ଦ ବ୍ୟତୀତ
ସବୁଠି ମୃତ୍ୟୁର ଦ୍ୱାର ଖୋଲା
ଏମିତିତ କେବେ ହୋଇନଥିଲା !
ଆମେ ମାଗିଛୁ
ଅଥଚ ପୃଥିବୀ ଦେଇନାହିଁ !
ଭୋକରେ ଥିଲୁ
ମାଗିଛୁ ଭାତ
ଭରି ଦେଇଛି ସେ ଧାନର କ୍ଷେତ ।
ଶୋଷରେ ଥିଲୁ
ମାଗିଲୁ ପାଣି
ବହି ଯାଇଛି ସେ ନଦୀଟେ ହୋଇ ।
ସୂର୍ଯ୍ୟତ୍ରାସରେ ଥିଲୁ
ମାଗିଲୁ ଛାଇ
ବିଛେଇ ଦେଇଛି ସବୁଜ ବନାନୀ ।
ଯେବେ କିଛି ମାଗିଛୁ
ଯାହା ସବୁ ମାଗିଛୁ
କେବେ ସଙ୍କୁଚିତ ହୋଇନାହିଁ
ଅକୁଣ୍ଠିତ ଭାବେ
ଅଜାଡ଼ି ଦେଇଛି ସବୁକିଛି ।
ତାହାଲେ ଏମିତି କଣ ହେଲା ଯେ
ସବୁକିଛି ପରିବର୍ତ୍ତନ ହୋଇଗଲା ?
କେତେ କେତେ ଉପାୟ ହୋଇଛି
ନିହ ଜୀବଙ୍କୁ ନମାରିବା ପାଇଁ
କେତେ କେତେ ଆନ୍ଦୋଳନ ହୋଇଛି
ପ୍ରକୃତିଦତ୍ତ ପାହାଡ଼, ପର୍ବତ
ଗଛ-ଲତା ନଷ୍ଟ ନକରିବା ପାଇଁ
ହେଲେ ସେସବୁ ବୃଥା:
ଚେଷ୍ଟା ପ୍ରଚେଷ୍ଟା ଆନ୍ଦୋଳନ
ସବୁକିଛି ସରକାରୀ ଫାଇଲରେ
ବନ୍ଦୀ ହୋଇ ରହିଯାଇଛି ।
କିନ୍ତୁ ଏଇମାତ୍ର
ପ୍ରଦୂଷଣ, ନଦୀ, ଜଙ୍ଗଲ ଓ
ଜୀବମାନେ ଆପେ ଆପେ
ନିୟନ୍ତ୍ରଣ ହୋଇଯିବା ପରି
ମନେ ହେଉଛି ।
ଏହା ମଧ୍ୟ ସତ
ଅଣାୟତ ହୋଇ ଯାଇଥିବା ମଣିଷ
ଏବେ ଏବେ
ପୃଥିବୀର ମାନଚିତ୍ର ସଜାଡ଼ିବା ଲାଗି
ଆୟତ୍ତାଧୀନ ହେଉଛି ।

+ ବିସି-୭୪, ସେକ୍ଟର-୧,
ସଲଟ ଲେକ
କଲକତା
ମୋ: ୬୨୯୧୩୪୨୨୫୯

## କବିତା କୋଣାର୍କ

### ଚଳିଲେ ମିଶି- ହୋଇବ ସୁଖୀ...



**ଶ୍ରୀମତୀ ପ୍ରୀତିନନ୍ଦା ପାଣିଗ୍ରାହୀ**

ଏକରେ ଏକ ମିଶି ଯେମିତି
ହୁଅଇ ପିଲେ ଦୁଇ,
ଖୁସିରେ ଖୁସି ମିଶିଲେ
ଖୁସି ଯାଏ ଦି'ଗୁଣ ହେଇ ।
ଦି'ଭାଇ ମିଶି ଚଳିଲେ
ଘର ହୁଏ ସରଗପୁର,
ସୁଖଶିରୀ ବିରାଜେ ତହିଁ,
ନଥାଏ କା'ରେ ଡର ।
ଦୁଃଖ-ଦରଦ ବାଣ୍ଟି ନେଲେ
ପୀଡ଼ା ହାଲୁକା ହୁଏ,
ବାଣ୍ଟି ଖାଇଲେ ଜଣଙ୍କ ଖାଦ୍ୟ
ଦୁଇଜଣଙ୍କୁ ପାଏ ।
କଥାରେ ଅଛି, ଯୋଡ଼ାକୁ ଘୋଡ଼ା
ନୁହଁଇ କେବେ ସରି,
ଇଟାରେ ଇଟା ଯୋଡ଼ିଲେ ପରା
ଘର ହୁଏ ତିଆରି ।
ଦୁଇହାତ ବଦଳେ ଯଦି
ଗୋଟିଏ ହାତ ଥାନ୍ତା,
କାମ କରିବା ଆମରି ପାଇଁ
ସହଜ କି ହୁଅନ୍ତା ?
ଦୁଇଟି ଗୋଡ଼ ନଥାଇ ଆମ
ଗୋଟିଏ ଗୋଡ଼ ଥିଲେ,
ଦୌଡ଼ିବା ତ ଦୂରର କଥା
ଚାଲି ନପାରନ୍ତେ ଭଲେ ।
ଗୋଟିଏ ଆଖି ବୁଜିକି ଚାହଁ
ଦେଖିବ ସବୁ ଅଧା,
ଦୁଇଆଖିରେ ଦେଖିଲେ ବାବୁ
ନରହେ ଅସୁବିଧା ।
ବଧିରା ହେଲେ ଗୋଟିଏ କାନ
ଶୁଣିବା ଅସହଜ,
ସେପାଇଁ ଦୁଇ କାନ ଆମର,
କଥାଟି ଟିକେ ହେଜ ।
ବଣ-ଜଙ୍ଗଲରେ ପଶୁ ଓ ପକ୍ଷୀ
ରୁହନ୍ତି ଗୋଠ ହେଇ,
ଅଲଗା ହେଇ ରହିଲେ କାଳେ
ଯିବେ ଶିକାର ହେଇ ।
ମଣିଷ ଆମେ ବୁଦ୍ଧିଆ ପ୍ରାଣୀ
ଅବୁଝା ହେବାନାହିଁ,
ଚଳିବା ମିଶି, ହୋଇବା ସୁଖୀ,
ଦୁଃଖ ରହିବ ନାହିଁ ।

+ ଏସ-୫/୩୪୨, ନିଳାଦ୍ରୀବିହାର
ଭୁବନେଶ୍ୱର-୭୫୬୧୨୧
ମୋ: ୭୯୭୮୨୪୧୦୯୦

## ଉତ୍ତର ବାଲେଶ୍ୱର ଅଞ୍ଚଳର ଲୋକକଳା- ଅତୀତ ଓ ବର୍ତ୍ତମାନର

**ପ୍ରଭାକର ଦାସ**

(ପୂର୍ବ ପ୍ରକାଶିତ ଉତ୍ତାରୁ....)

ଆଗେ ମଫସଲ ଅଞ୍ଚଳରେ ଏହିସବୁ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ଲୋକକଳା ବେଶ ଆଦୃତ ହେଉଥିଲା। ପରବର୍ତ୍ତୀ ସମୟରେ ଚଳଚିତ୍ରାଦିର ବହୁଳ ପ୍ରସାର ଯୋଗୁଁ ଏହି ସବୁ ପ୍ରାଚୀନ ଲୋକକଳାର ବିଲୁପ୍ତୀ ଘଟି ଖାଲି ଯାହା ଆମପରି ବୟସ୍କ ଲୋକଙ୍କ ସ୍ମୃତିପଟରେ ଲାଖି ରହିଛି ମାତ୍ର। ଏଥର ଯୁବ ସମାଜ ଏହି ସବୁ ବିଷୟ ଶୁଣି ପରିହାସ କରିଥାନ୍ତ କେବଳ, କିନ୍ତୁ ସମୟଥିଲା ସେମାନଙ୍କ ବାପା, ଜେଜେବାପାମାନେହିଁ ଏହି ସବୁ ଭୂମିକାରେ ଅଭିନୟ କରି ସେ ସମୟରେ ବିଶେଷ ଖ୍ୟାତି ଅର୍ଜ୍ଜନ କରିଥିଲେ। (ଖ) ମୁମୂର୍ଷୁପ୍ରାୟ ଲୋକକଳା:- ଭଗବତୀ, ଷଷ୍ଠୀବୁଢ଼ୀ ଓ ମନସା ମଙ୍ଗଳ ଗୀତଭିନୟ ମାନ ଆଗେ ଜଳେଶ୍ୱର ତଥା ଉତ୍ତର ବାଲେଶ୍ୱର ଅଞ୍ଚଳରେ ଲୋକ-କଳା ଭାବରେ ଖୁବ୍-ଲୋକପ୍ରିୟତା ଅର୍ଜ୍ଜନ କରିଥିଲା। କ୍ରମେ ଏହି ସବୁର ଆଦର କମିଯାଇ ଏବେ ପ୍ରାୟତଃ ମୁମୂର୍ଷୁ ଅବସ୍ଥାକୁ ଆସିଯାଇଛି ଆଧୁନିକତାର ପ୍ରଭାବରେ। ପଶ୍ଚିମବଙ୍ଗ, ଆସାମ ପ୍ରଭୃତି ରାଜ୍ୟ ଭଳି ଆମ ଭାଜ୍ୟରେ ଏବେ ବିଶକ୍ତି ଉପାସନାର ପ୍ରାଧାନ୍ୟ ରହିଛି ଏବଂ ବିଭିନ୍ନ ସ୍ଥାନରେ ଶକ୍ତିପୀଠମାନ ଏବେବି ରହିଛି, ଯଥା-କୀଚେକଶ୍ୱରୀ (ମୟୂରଭଞ୍ଜ), ଶ୍ୟାମାଠାକୁରାଣୀ (ଲକ୍ଷ୍ମଣନାଥ), ବାଲେଶ୍ୱରର ଭଦ୍ରକାଳୀ, (ଭଦ୍ରକ), ବିରଜା(ଯାଜପୁର), କଟକଚଣ୍ଡି (କଟକ ସହର), ରାମଚଣ୍ଡି ଓ ମା ବିମଳା (ପୁରୀ, ମା ସାରଳା (ଝଙ୍କଡ-ଜଗତସିଂହପୁର), ଭଗବତୀ(ବାଣପୁର), ମା ମଙ୍ଗଳା (କାକଟପୁର-ପୁରୀ) , ତାର-ତାରିଣୀ (ଗଞ୍ଜାମ), ତାରିଣୀ (ଘଟଗାଁ-କେଉଁଝର), ମା ସମଲେଶ୍ୱରୀ (ସମ୍ବଲପୁର) , ବୁଢୀଠାକୁରାଣୀ (ଅନୁଗୁଳ), ବ୍ରାହ୍ମଣୀ(ଢେଙ୍କାନାଳ), ମହାମାୟା (ଘଟାରିକା-ବଡ୍ୟା) ପ୍ରଭୃତି। ତାଛଡା ଗ୍ରାମମାନଙ୍କରେ "ଗ୍ରାମଦେବୀ" ମଧ୍ୟ ପୂଜିତା ହୋଇ ଆସୁଛନ୍ତି। ସେ ଦୃଷ୍ଟିରୁ ଜଳେଶ୍ୱର (ଉତ୍ତର ବାଲେଶ୍ୱର ଅଞ୍ଚଳ) ଅଞ୍ଚଳରେ ମଧ୍ୟ ଏହି ଶକ୍ତି ପୂଜାର ପ୍ରାଧାନ୍ୟ ଅଛି। ତେବେ ଏହାର ଗ୍ରାମାଞ୍ଚଳରେ କେତେକ ବିଶେଷ ଧରଣର ଶକ୍ତି (ଦେବୀ) ପୂଜାର ବିଧି ପରିଦୃଷ୍ଟ ହୁଏ। ପୂଜା ସମୟରେ ସେମାନଙ୍କର ଗୁଣଗରନ ପୂର୍ବକ ବିଶେଷ ଧରଣର ଗୀତା ଭିନୟ ପ୍ରଦର୍ଶନ କରାଯାଏ କେତେକ ବିଶେଷ ଧରଣର କଳାକାରମାନଙ୍କ ଦ୍ୱାରା, ଏସବୁରେ ମଧ୍ୟ ପୁଅପିଲାମାନେ ଝିଅ ବା ନାରୀ ଭୂମିକାରେ ଗୀତାଭିନୟ କରିଥାନ୍ତି। ଯଥା- (୧) ଭଗବତୀ ଠକୁରାଣୀ:- (ଗୀତାଭିନୟ):- ଇଏ ଏକ ସ୍ୱତନ୍ତ୍ର ଧରଣର ଠାକୁରାଣୀ, ଯିଏ କି ଭ୍ରାମ୍ୟମାଣା। ପୂଜକ ଏକ ମାଟିଘଟ ଉପରେ ଠାକୁରାଣୀଙ୍କ ମୁଖାଲଗାଯାଇ ତାକୁ ଶାଢୀ ଦ୍ୱାରା ଆବୃ କରି ମୁଣ୍ଡରେ ମୁଣ୍ଡାଇ ଗାଁମାନଙ୍କୁ ନିମନ୍ତ୍ରଣ କ୍ରମେ ନେଇଥାନ୍ତି ଏବଂ ସେଠାରେ ପୂଜାର୍ଚ୍ଚନା ଗ୍ରାମ୍ୟଣଭିତ୍ତିରେ କିମ୍ବା ବ୍ୟକ୍ତିଗତ ଭାବରେ କରାଯାଇଥାଏ। ଲୋକଙ୍କର ବିଶ୍ୱାସ ଏହାଦ୍ୱାରା ମହାମାରୀ, ଯଥା ବସନ୍ତ, ହଇଜା ପ୍ରଭୃତି ହୁଏ ନାହିଁ, କାରଣ ଦେବୀ ଏସବୁ ରୋଗର ନିୟନ୍ତ୍ରଣ କାରିଣୀ। ପୂଜା ସମୟରେ ତାଙ୍କରି ଆଗରେ ଠାକୁରାଣୀଙ୍କର ସ୍ତୁତିଗାନ ଉପରେ ଆଧାରିତ ଗଳ୍ପକୁ ଗୀତାଭିନୟ ଆକାରରେ ପ୍ରକାଶ କରାଯାଏ। ଏଥିରେ ମୃଦଙ୍ଗ ଓ ଖିନି ପ୍ରଧାନ ବାଦ୍ୟଯନ୍ତ୍ର। ପୁରୁଷ ଲୋକେ ବିଭିନ୍ନ ପୋଷାକରେ ସଜ୍ଜିତ ହୋଇ ଏହା ପରିବେଷଣ କରିଥାନ୍ତି। ଏହି ନୃତ୍ୟାଭିନୟକୁ "ଶୀତଳା ମଙ୍ଗଳ" ବୋଲି ମଧ୍ୟ କୁହାଯାଏ ଆଜିର ଆଧୁନିତା ମଧ୍ୟରେ ଲୋକେ ଏପରି ଅନ୍ଧବିଶ୍ୱାସ ଠାରୁ ଦୂରରେ ଯାଉଥିବାରୁ ଏହି ପ୍ରକାରର ଲୋକକଳାର ମଧ୍ୟ ବିଲୁପ୍ତୀ ଘଟି ଆସୁଛି।

(୨) ଷଷ୍ଠୀବୁଢ଼ୀ ଭୀତାଭିନୟ:- ଆମ ଜଳେଶ୍ୱର ଅଞ୍ଚଳରେ ସାଧାରଣ ପିଲାଜନ୍ମହେଲେ ତାର ଏକୋଇଶା କିମ୍ବର ଜନ୍ମଦିନରେ ସତ୍ୟନାରାୟଣ ପୂଜା ନକରି "ଷଷ୍ଠୀବୁଢ଼ୀ"ଙ୍କର ପୂଜା କରିଥାନ୍ତି ଏବଂ ସେଥିପାଇଁ ଏହି ଗୀତାଭିନୟର ଆୟୋଜନ ହୋଇଥାଏ। ଗାୟକ(ପୁରୁଷ ଲୋକ) ଖଣ୍ଡେ ଶାଢ଼ୀପିନ୍ଧି, ସ୍ତ୍ରୀ (ଷଷ୍ଠୀବୁଢ଼ୀ) ବେଶରେ ଗୋଟେ ଅନୁଚ୍ଚ ଟୁଲଉପରେ ବସେ ଏବଂ ତାଆଗରେ ଗୋଟେ ନୂଆ ମାଟି ଆଟିକା (ଛୋଟ ହାଣ୍ଡି ଉପରେ ଗୋଟେ କଂସା ଥାଳୀକୁ (ଷ୍ଟିଲ୍, ଆଲୁମିନିୟମ୍ କିମ୍ବା ପ୍ଲାଟିକ୍ସ ଥାଳିଆ ନୁହେଁ) ଢଙ୍କାଯାଏ। ବୁଢ଼ୀବେଶରେ ବସିଥିବା ଗାୟକ (ଗାୟିକାନୁହେଁ) ଦିଖଣ୍ଡ ଛୋଟ (ପ୍ରାୟ ହାତେ ଲେଖାଏଁ ଲମ୍ବ) ବେତରେ ଗୀତର ତାଳେ ତାଳେ ଏହି କଂସା ଥାଳିଆକୁ ପିଟି ସ୍ୱର ସଞ୍ଚାର କରେ ଏବଂ ତାସହିତ ତାର ସହଯୋଗୀ ପଖାଉଁଜ ଓ ଗିନି ବାଦନ କରି ଗୀତି-ଗଳ୍ପ ଆକାରରେ ଠାକୁରାଣୀଙ୍କ ର ମହିମା ଗାନ କରିଥାନ୍ତି। ବେଳେବେଳେ ଠିଆ ହୋଇ ବସିଥିବା ଗାୟକଙ୍କ ଚାରି ପାଖରେ ବୁଲି ଅଙ୍ଗଭଙ୍ଗୀଦ୍ୱାରା ଅଭିନୟ ମଧ୍ୟ କରିଥାନ୍ତି। ସେଥିରେ ସୌଦାଗର, ତାର ତିନିଜଣ ସ୍ତ୍ରୀ- ଯଥା-ସରଳା, ପାରୁଳା ସାନ ସ୍ତ୍ରୀ ଠାକୁରାଣୀଙ୍କ ଭକ୍ତ ପଦ୍ମାବତୀ, ତାର ପୁଅ ପଦନ କୁମର, ନିଜେ ଠାକୁରାଣୀ ପ୍ରଭୃତି ଚରିତ୍ରରେ ଅବତାରଣ ହୋଇଥାଏ। (୩) ମନସା ମଙ୍ଗଳ:- ଗ୍ରାମ୍ୟ ଲୋକଙ୍କର ବିଶ୍ୱାସ ମନସା ଦେବୀ ସର୍ପିମାନଙ୍କର ନିୟନ୍ତ୍ରଣ କାରିଣୀ ଏବଂ ତାଙ୍କୁ ପୂଜା କଲେ ସର୍ପିଦଂଶନରୁ ରକ୍ଷାମିଳେ। ସୁତରାଂ ମାନସିକ ରଖିଥିବା ଲୋକେ ମନସା ଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି(ସେ ହାତରେ ସର୍ପଧରିଥାନ୍ତି) ନିର୍ମାଣ କରି ତାଙ୍କର ପୂଜାର୍ଚ୍ଚନା କଲାବେଳେ ଏହି ଗୀତାଭିନୟ ଅନୁଷ୍ଠିତ ହୋଇଥାଏ। ଏଥିରେ ମଧ୍ୟ ପୁରୁଷମାନେ ବିଭିନ୍ନ ବେଶରେ (ଯଥା-ସୌଦାଗର, ମନସାଦେବୀ, ସୌଦାଗରର ପୁଅ ଲକ୍ଷ୍ମୀଧର, ତାର ମନସା ଭକ୍ତ ପତ୍ନୀ ବେହେଲା ପ୍ରଭୃତି) ଭୂଷିତ ହୋଇ ଗୀତ ସହିତ ନୃତ୍ୟ କରି ଦର୍ଶକ ମାନଙ୍କୁ ମୋହିତ କରିଥାନ୍ତି ରାତିସାରା। ଏଥିରେ ମଧ୍ୟ ସେହି ପଖାଉଁଜ ଓ ଗିନି ପ୍ରଧାନ ବାଦ୍ୟଯନ୍ତ୍ର। ଅବଶ୍ୟ ଏବେ ହାରମୋନିୟମ୍ ବ୍ୟବହାର ହେଲାଣି। ଏହି ଷଷ୍ଠୀବୁଢ଼ୀ ଓ ମନସା ଗୀତାଭିନୟରେ ଗୀତଗୁଡିକ ପ୍ରାୟତଃ ବଙ୍ଗଳାମିଶା ଓଡିଆ। ତାର କାରଣଣ ପୂର୍ବରୁ ଉଲ୍ଲେଖ କରାଯାଇଛି, ସମୟ ସ୍ରୋତରେ ଯୁଗ ଆଗକୁ ଭାସି ଚାଲିଥିବାବେଳେ ଏହି ପ୍ରାଚୀନ ଲୋକ ଗୀତଗୁଡ଼ିକର ଚାହିଦା ଓ ଆଦର ମଧ୍ୟ କମିକମି ଯାଉଛି ଏବଂ ଉପରୋକ୍ତ କେତେକ ଲୋକଗୀତ (ଗୀତାଭିନୟ) ସମ୍ପୂର୍ଣ୍ଣ ରୂପେ ଲୋପପାଇ କେବଳ ସ୍ମୃତି ହୋଇ ରହିଯାଇଛି ଆମ ଭଳି କତିପୟ ବୟସ୍କଙ୍କ ମନଗହ୍ୱରରେ। ଏସବୁର ପୁନରୁଦ୍ଧାର ପାଇଁ କେହି ତ ବି ଚେଷ୍ଟିତ ନୁହନ୍ତି ସମୟ ସ୍ରୋତରେ ଆଗକୁ ଭାସିଯାଇ ଆଧୁନିକତାକୁ ଆପଣେଇ ନେଉଥିବା ବେଳେ।

"ଜୟ ପ୍ରାଚୀନ ଲୋକକଳା"
(ସମାପ୍ତ)

+ ସଂ ବିବର୍ତ୍ତନ
ମୋ- ୯୪୩୮୬୮୨୬୨୭

# ବିଦେଶରେ ଶକ୍ତିପୀଠ

ଭାରତରେ ଅନେକ ଶକ୍ତିପୀଠ ରହିଛି । ପ୍ରତ୍ୟେକ ଶକ୍ତିପୀଠରେ ପୃଥକ୍ ମାନ୍ୟତା ମଧ୍ୟ ରହିଛି । ପୌରାଣିକ ମାନ୍ୟତା ଅନୁଯାୟୀ ଯେତେବେଳେ ମାତା ସତୀ ଯଜ୍ଞ କୁଣ୍ଡରେର ନିଜ ପ୍ରାଣ ତ୍ୟାଗ କରିଥିଲେ ସେତେବେଳେ ଭଗବାନ ଶିବ କ୍ରୋଧର ବଶବର୍ତ୍ତୀ ହୋଇ ସତୀଙ୍କ ଶରୀରକୁ କାନ୍ଧରେ ଧରି ତାଣ୍ଡବ କରିଥିଲେ । ଶିବଙ୍କ ତାଣ୍ଡବ ରୋକିବା ପାଇଁ ଭଗବାନ ବିଷ୍ଣୁ ଚକ୍ର ଚାଳନା କରି ସତୀଙ୍କ ସମ୍ପୂର୍ଣ୍ଣ ଶରୀରକୁ ଖଣ୍ଡ ବିଖଣ୍ଡିତ କରିଦେଇଥିଲେ । ଯେଉଁ ସ୍ଥାନରେ ସତୀଙ୍କ ଖଣ୍ଡ ବିଖଣ୍ଡିତ ଶରୀର ଓ ଆଭୂଷଣ ପଡ଼ିଥିଲା ପରବର୍ତ୍ତୀ ସମୟରେ ସେହି ସ୍ଥାନରେ ଶକ୍ତିପୀଠ ଗଢ଼ି ଉଠିଥିଲା । କୁହାଯାଏ ସତୀଙ୍କ ଅଙ୍ଗ ଓ ଆଭୂଷଣ ଭାରତ ବ୍ୟତୀତ ଅନ୍ୟ ଦେଶରେ ମଧ୍ୟ ପଡ଼ିଥିଲା । ସମୟାନ୍ତରରେ ସେହିସବୁ ସ୍ଥାନରେ ଶକ୍ତିପୀଠ ଗଢ଼ି ଉଠିଛି । ବିଦେଶରେ ଥିବା ଏମିତି କେତେକ ଶକ୍ତିପୀଠ ସଂପର୍କରେ ଆସନ୍ତୁ ଜାଣିବା ।



### ଉଗ୍ରତାରା ଶକ୍ତିପୀଠ:

ବାଂଲାଦେଶର ବାରିସାଲ୍ ଅଞ୍ଚଳରୁ ପ୍ରାୟ ଦଶ ମାଇଲ ଦୂରରେ ଥିବା ଶିକାରପୁର ଗ୍ରାମରେ ଉଗ୍ରତାରା ଶକ୍ତିପୀଠ ଅବସ୍ଥିତ । ସୁନନ୍ଦା ନଦୀ ତଟସ୍ଥିତ ଏହି ପୁଣ୍ୟପୀଠ ଉଗ୍ରତାରା ଶକ୍ତିପୀଠ ଭାବେ ମଧ୍ୟ ବେଶ୍ ଜଣାଶୁଣା । ଏହି ସ୍ଥାନରେ ଦେବୀ ସତୀଙ୍କ ନାସିକା ପଡ଼ିଥିବା କୁହାଯାଏ । ଶିବ ଚତୁର୍ଦ୍ଦଶୀ ଏଠାକାର ପ୍ରମୁଖ ପର୍ବ । ଏହାବ୍ୟତୀତ ବାଂଲାଦେଶରେ ଆଦିଶକ୍ତିଙ୍କର ଆଉ ତିନିଟି ପୀଠ ମଧ୍ୟ ରହିଛି । ଅପର୍ଣ୍ଣା ଶକ୍ତିପୀଠ ବାଂଲାଦେଶର ଭବାନୀପୁର ଠାରେ ଅବସ୍ଥିତ । ଏହି ସ୍ଥାନରେର ମାତା ସତୀଙ୍କର ବାମ ପାର୍ଶ୍ୱ ପାଦ ପଡ଼ିଥିବା କୁହାଯାଏ । ସେହିଭଳି ଚଟ୍ଗାଁରେର ରହିଛି ମାତା ସତୀଙ୍କ ଅନ୍ୟ ଏକ ପୂଜାପୀଠ । ଏଠାରେ ମା'ଙ୍କ ଦକ୍ଷିଣ ପାର୍ଶ୍ୱ ହାତର ଏକ ଅଂଶ ପଡ଼ିଥିବା କୁହାଯାଏ । ଏହା ସହିତ ବାଂଲାଦେଶର ଯସୋର ନାମକ ସହରରେର ମା'ଙ୍କ ବାମ ପାର୍ଶ୍ୱ ହାତ ପଡ଼ିଥିବା ବିଶ୍ୱାସ ରହିଛି । ଏହି ପୀଠରେ ଦେବୀ 'ଯସୋରେଶ୍ୱରୀ' ଭାବେ ପୂଜା ପାଆନ୍ତି ।




### ହିଙ୍ଗଲାଜ ଶକ୍ତିପୀଠ:

ପାକିସ୍ତାନ ବେଲୁଚିସ୍ତାନର ମାକ୍ରାନ ଉପକୂଳରେ ହିଙ୍ଗଲାଜ ଶକ୍ତିପୀଠ ଅବସ୍ଥିତ । ଏହା ହିଙ୍ଗୋଲ ଜାତୀୟ ଉଦ୍ୟାନର ମଧ୍ୟଭାଗରେ ରହିଛି । ହିନ୍ଦୁ ଦେବୀ ସତୀଙ୍କର ଏକାବନତମ ଶକ୍ତିପୀଠ ମଧ୍ୟରୁ ଏହା ଅନ୍ୟତମ । ଭଗବାନ ବିଷ୍ଣୁଙ୍କ ଚକ୍ର ପ୍ରହାରରେ ଦେବୀ ସତୀଙ୍କ ଛିନ୍ନ ମସ୍ତକ ଏହି ସ୍ଥାନରେ ପଡ଼ିଥିବା କୁହାଯାଏ । ଏହି ସ୍ଥାନରେର ଦେବୀ ସତୀ 'ଭୈରବୀ' ନାମରେ ପୂଜା ପାଉଛନ୍ତି । ପାକିସ୍ତାନରେ ଦେବୀ ହିଙ୍ଗଲାଜଙ୍କ ପୂଜାପୀଠକୁ 'ନାନୀ କା ମନ୍ଦିର' ବା 'ନାନୀ କା ହଜ୍' ମଧ୍ୟ କୁହାଯାଏ । ହିଙ୍ଗୋଲ ନଦୀ କୂଳରେ ଥିବା ଏକ ପାର୍ବତ୍ୟ ଗୁମ୍ଫା ମଧ୍ୟରେ ଦେବୀଙ୍କ ପ୍ରତିମା ପୂଜା ପାଉଛନ୍ତି । ଏହି ଶକ୍ତିପୀଠ ଲୋକପ୍ରିୟତା ହାସଲ କରିବା ସହିତ ପାକିସ୍ତାନର ହିନ୍ଦୁ ସମ୍ପ୍ରଦାୟଙ୍କ ନିମନ୍ତେ ଏକ ପ୍ରମୁଖ ଧର୍ମପୀଠ ପାଲଟିଛି । ହିଙ୍ଗଲାଜ ଯାତ୍ରା ପାକିସ୍ତାନର ସର୍ବବୃହତ୍ ହିନ୍ଦୁ ତୀର୍ଥଯାତ୍ରା ବୋଲି କୁହାଯାଏ । ପ୍ରତିବର୍ଷ ବସନ୍ତ ଋତୁରେ ଅନୁଷ୍ଠିତ ଏହି ଯାତ୍ରାରେ ଦୁଇ ଲକ୍ଷରୁ ଅଧିକ ତୀର୍ଥଯାତ୍ରୀ ଅଂଶଗ୍ରହଣ କରନ୍ତି ।

### ଗଣ୍ଡକୀ ଶକ୍ତିପୀଠ:



ନେପାଳର ପବିତ୍ର ଗଣ୍ଡକ ନଦୀ କୂଳ ଦେବୀ ଗଣ୍ଡକୀଙ୍କ ନିମନ୍ତେ ଉତ୍ସର୍ଗୀକୃତ ହୋଇଛି । ଏହି ନଦୀର ଗଭୀର ନିମ୍ନ ଭାଗରେ ଶାଳଗ୍ରାମ ପଥର (ଭଗବାନ ବିଷ୍ଣୁଙ୍କ ରୂପ) ରହିଥିବା କୁହାଯାଏ । ଏଠାରେ ଦେବୀଙ୍କ ଦକ୍ଷିଣ ପାର୍ଶ୍ୱ ଗାଲ ଖସି ପଡ଼ିଥିବା ହେତୁ ଏଠାରେ ମା'ଙ୍କ ଶକ୍ତିପୀଠ ନିର୍ମାଣ କରାଯାଇଛି । ଏହି ଶକ୍ତିପୀଠର ଇତିହାସ ବେଶ ଆକର୍ଷଣୀୟ । ସେହିଭଳି ନେପାଳର ପଶୁପତିନାଥ ମନ୍ଦିର ନିକଟବର୍ତ୍ତୀ ଗୃହେଶ୍ୱରୀ ମନ୍ଦିରରରେ ମାତା ସତୀଙ୍କର ଦୁଇଟି ଯାକ ଆଣ୍ଠୁ ଖସି ପଡ଼ିଥିବା କୁହାଯାଏ ଏବଂ ଏଠାରେ ମାଙ୍କୁ 'ମହାମାୟା' ରୂପରେ ପୂଜା କରାଯାଇଥାଏ । ଏହା ବ୍ୟତୀତ ନେପାଳର ଜନକପୂରରେ ବନଦୂର୍ଗା, ଜୟମଙ୍ଗଳା ଶକ୍ତିପୀଠ ରହିଛି ।

### ଇନ୍ଦ୍ରାଣୀ ଶକ୍ତିପୀଠ:

ଶ୍ରୀଲଙ୍କାରେ ମଧ୍ୟ ହିନ୍ଦୁ ଦେବୀଙ୍କ ଆରାଧନା ଦେଖିବାକୁ ମିଳିଥାଏ । ଏଠରେ ଦେବୀ ସତୀ ପରିଧାନ କରିଥିବା ଅଳଙ୍କାରର କିଛି ଅଂଶ ଖସି ପଡ଼ିଥିବା ନେଇ ବିଶ୍ୱାସ ରହିଛି । ଏହି ବିଶ୍ୱାସକୁ କେନ୍ଦ୍ର କରି ଏଠାରେ ଶକ୍ତିପୀଠ ନିର୍ମାଣ କରାଯାଇଛି । ଏଠାରେ ସତୀ 'ଇନ୍ଦ୍ରାଣୀ' ଦେବୀ ରୂପେ ପୂଜା ପାଇଥାନ୍ତି ।



### ମାନସ ଶକ୍ତିପୀଠ:

ତିବ୍ବତର ପବିତ୍ର ମାନସରୋବର ତଟରେ ମାନସ ଶକ୍ତିପୀଠ ସ୍ଥାପିତ ହୋଇଛି । ହିନ୍ଦୁ ପୌରାଣିକ ମାନ୍ୟତା ଅନୁଯାୟୀ ଏଠାରେ ଦେବୀଙ୍କ ଦକ୍ଷିଣ ପାର୍ଶ୍ୱ ହାତ ଖସି ପଡ଼ିଥିବା କୁହାଯାଏ । ଏଠାରେ ଦେବୀ 'ଦକ୍ଷିଣୟୀ' ରୂପରେର ପୂଜା ପାଉଛନ୍ତି । ଏହି ହିନ୍ଦୁ ମନ୍ଦିର ପରିଦର୍ଶନ ପାଇଁ ପ୍ରତିବର୍ଷ ସୀମିତ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କୁ ଅନୁମତି ଦିଆଯାଇଥାଏ । ମାନସରୋବର ତଟ ଭ୍ରମଣ ସହିତତ ଶ୍ରଦ୍ଧାଳୁ ନିଜ ମନସ୍କାମନା ପୂରଣ କରିବାକୁ ଏଠାକୁ ଆସିଥାନ୍ତି ।




## ସ୍ୱାସ୍ଥ୍ୟ ମନ୍ତ୍ର



ମଣିଷ ସ୍ୱାସ୍ଥ୍ୟ ପାଇଁ ଖାଦ୍ୟରୁ ମିଳୁଥିବା ତନ୍ତୁ ଅତି ଗୁରୁତ୍ୱପୂର୍ଣ୍ଣ । ଶରୀରରେ ଆପେ ସୃଷ୍ଟି ହେଉଥିବା ପାଚକ ରସ, ଖାଦ୍ୟର ତନ୍ତୁ ଅଂଶକୁ ହଜମ କରାଇପାରେ ନାହିଁ । ତାହା ମଳ ପାଲଟି, ନିଷ୍କାସିତ ହୁଏ । ତନ୍ତୁ ସାଧାରଣତଃ ଦୁଇ ପ୍ରକାରର । ପାଣିରେ ବତୁରି ପାରୁଥିବା ତନ୍ତୁ, ଶରୀରରୁ ମେଦ, କୋଲେଷ୍ଟେରୋଲ୍‌ର କିଛି ଅଂଶ ସହ ମଳ ଭାବ ବାହାରେ । ଦ୍ୱିତୀୟ ପ୍ରକାରର ତନ୍ତୁ ପାଣିରେ ମିଶୁ ନଥିଲେ ହେଁ ଖାଦ୍ୟ-ନଳିକୁ ସଫା ରଖିବାରେ ସହାୟକ ହୁଏ । ଅନ୍ତ୍ରର କାର୍ଯ୍ୟଦକ୍ଷତା ବଢ଼ାଏ । ଶରୀରର ପାଚନ-ନିଷ୍କାସନ ବ୍ୟବସ୍ଥାକୁ ସୁସ୍ଥ ରଖେ । ତନ୍ତୁ ପେଟ ସଫା କରିବା ସହ କୋଲେଷ୍ଟେରୋଲ୍ ପରିମାଣ କମାଏ । ମଣିଷ ପାଇଁ ଦୈନିକ ଅତି କମ୍‌ରେ ଚାଳିଶ ଗ୍ରାମ୍ ଖାଦ୍ୟ ତନ୍ତୁ ଆବଶ୍ୟକ । ବୁଟ, ମାଣ୍ଡିଆ, ମଟର, ରାଜମା, ସୋୟାବିନ୍, ଶଜନା ଛୁଇଁ, କୋବି, ଖଜୁରି, ପିଜୁଳି, ସପେଟା, ସେଓ, ନଡ଼ିଆ, ବାଦାମ, ଶାଗ ଓ ସବୁଜ ପନି-ପରିବାରୁ ପର୍ଯ୍ୟାପ୍ତ ପରିମାଣରେ ତନ୍ତୁ ମିଳିଥାଏ । ଚୋପା ଛଡ଼ା ହେଇ ନଥିବା ନାଳି ଚାଉଳ ଓ ଗହମ ତନ୍ତୁଯୁକ୍ତ ମୁଖ୍ୟ ଖାଦ୍ୟ ଶସ୍ୟ ।

## ଉତ୍ତମ ସ୍ୱାସ୍ଥ୍ୟ ନିମନ୍ତେ କାନ୍ଦିବା ଜରୁରୀ !



ଏକ ସୁସ୍ଥ ଜୀବନଶୈଳୀ ନିମନ୍ତେ ହସିବାର ଆବଶ୍ୟକତା ରହିଛି ବୋଲି ବିଭିନ୍ନ ଅନୁସନ୍ଧାନରୁ ପ୍ରମାଣିତ ହୋଇଛି । ବିଶ୍ୱସ୍ତରରେ ଏପରିକି ଭାରତର ମଧ ବିଭିନ୍ନ ପ୍ରାନ୍ତରେ ହସିବା ପାଇଁ 'ଲାଫିଙ୍ଗ୍ କ୍ଲବ୍' ମାନ ସଂଖ୍ୟାଧିକ ରହିଛି । ପ୍ରକୃତରେ ମନ ଖୁସି ରହିଲେ ସବୁକିଛି ଠିକ୍ ରହେ, ଏଥିରେ ସତ୍ୟତା ଅଛି । ନିକଟରେ କିନ୍ତୁ ଗବେଷକଦଳ ସ୍ପଷ୍ଟ କରିଛନ୍ତି ସୁସ୍ଥ ରହିବା ପାଇଁ କାନ୍ଦିବାର ଆବଶ୍ୟକତା ମଧ ବେଶ୍ ଅଧିକ । ଜାପାନର ବିଶେଷଜ୍ଞ ଦଳ ଏହାର ସତ୍ୟତା ପରୀକ୍ଷା ନିମନ୍ତେ ପ୍ରଥମେ କର୍ମଜୀବୀ ଲୋକଙ୍କ ଉପରେ ପ୍ରୟୋଗ ଆରମ୍ଭ କରିଥିଲେ । ଏହା ମଧ ସତ ଯେ ବିନା କାରଣରେ ହସିବା ସହଜ ହୋଇଥିବାବେଳେ କାନ୍ଦିବା ଏକ ବଡ ଚ୍ୟାଲେଞ୍ଜ । ଏଥି ନିମନ୍ତେ ସ୍ୱତନ୍ତ୍ର ଭାବେ 'କାନ୍ଦିବା ପ୍ରଶିକ୍ଷକ' ଙ୍କୁ ମଧ ଯୋଗାଡ କରାଗଲା । ଟୋକିଓର ଏକ ନାମୀ ଅନ୍ତର୍ଜାତୀୟ କମ୍ପାନୀର ୪୩ ଜଣ କର୍ମଚାରୀଙ୍କୁ ସାମିଲ କରାଗଲା । ଜନୈକ କର୍ମଚାରୀ ୟୋଶିବାଙ୍କ ମତରେ ପ୍ରକୃତରେ ହସିବା, ରୁପ୍ କାନ୍ଦିବାର ପ୍ରତିକ୍ରିୟା ଭିନ୍ନ । କାନ୍ଦିଲେ ମନ ଶାନ୍ତ ହେବା ସହ ଖୁବ୍ ହାଲୁକା ଲଗେ । ଜାପାନରେ ଗବେଷକଦଳ ଏଇ ପରିପ୍ରେକ୍ଷୀରେ ସଫଳ ହେବା ପରେ ବର୍ତ୍ତମାନ ବିଶ୍ୱର ଅନ୍ୟ ରାଷ୍ଟ୍ରରେ 'କାନ୍ଦିବା ଜରୁରୀ' କାର୍ଯ୍ୟକ୍ରମ ଆଗେଇବାରେ ଲାଗିଛି ।

## ଏସିଆର ବୃହତ୍ତମ ଟୁଲିପ୍ ଉଦ୍ୟାନ



ବସନ୍ତ ଋତୁ ଯେବେ କାଶ୍ମୀରକୁ ଛୁଏଁ ସେତେବେଳେ ଏହି ସ୍ଥାନ ଭୂସ୍ୱର୍ଗ ପାଲଟିଯାଏ । ଏହି ସମୟରେ ସାରା ବିଶ୍ୱ ବସନ୍ତ ଋତୁକୁ ସ୍ୱାଗତ କରିବା ସହିତ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଥିବା ଟୁଲିପ୍ ଉତ୍ସବକୁ ବେଶ୍ ଆଡମ୍ବର ସହ ପାଳନ କରିଥାଏ । ଏ ସମୟରେ କାଶ୍ମୀରରେ ସତେ ଯେମିତି ଟୁଲିପ୍‌ର ମହୋତ୍ସବ ଲାଗି ରହିଥାଏ । ଏଠାରେ ପାଳିତ ହୁଏ ଟୁଲିପ୍ ପର୍ବ । ଏହି ଅଞ୍ଚଳରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅନେକ ସମୟରେ ପର୍ଯ୍ୟଟକଙ୍କୁ ବିଭୋର କରିଥିଲେ ମଧ୍ୟ ଉଜ୍ଜ୍ୱଳ ରଙ୍ଗର ଫୁଲଗୁଡ଼ିକ ଖୁବ୍ ଆକର୍ଷକ ହୋଇଥାଏ । ଏହି ଟୁଲିପ୍ ପର୍ବ କେବଳ ଭାରତୀୟଙ୍କୁ ନୁହେଁ, ସାରା ବିଶ୍ୱ ପର୍ଯ୍ୟଟକଙ୍କୁ ମଧ୍ୟ ଆକୃଷ୍ଟ କରିଥାଏ । ଟୁଲିପ୍ ପର୍ବ ଏକ ବାର୍ଷିକ ମହୋତ୍ସବ ଭାବେ ପାଳନ କରାଯାଏ । ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟୁଲିପ୍ ଉଦ୍ୟାନରେ ଏହା ପ୍ରତିବର୍ଷ ଆୟୋଜିତ ହୋଇଥାଏ । ଏହି ଉଦ୍ୟାନଟି ଜଵରୱାନ୍ ରେଞ୍ଜ୍ ପର୍ବତର ପାଦଦେଶରେ ଅବସ୍ଥିତ । ଏହି ସ୍ଥାନରୁ





ଏକ ପାର୍ଶ୍ୱକରେ ଡାଲ୍ ହ୍ରଦର ଚିତ୍ର ଏବଂ ବରଫ ଆଚ୍ଛାଦିତ ପର୍ବତଶୃଙ୍ଗର ସୁନ୍ଦର ଦୃଶ୍ୟକୁ ଉପଭୋକ କରି ହୋଇଥାଏ । ଅପର ପାର୍ଶ୍ୱରେ ମୋଗଲ ସମ୍ରାଟଙ୍କ ନିର୍ମିତ ନିଶାତ୍ ଉଦ୍ୟାନ ଓ ଚସ୍‌ମେ-ଏ-ଶାହି ଉଦ୍ୟାନ ମଧ୍ୟ ଲୋକଙ୍କ ଦୃଷ୍ଟି ଆକର୍ଷଣ କରିଥାଏ । ଏହା ଏସିଆର ସର୍ବବୃହତ ଟୁଲିପ୍ ଉଦ୍ୟାନ ଭାବେ ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଏଠାରେ ତିରିଶ ହେକ୍ଟର ଜମିରେ ପ୍ରାୟ ଷାଠିଏ ପ୍ରକାରରର ଟୁଲିପ୍ ଫୁଲ ଦେଖିବାକୁ ମିଳିଥାଏ । ଏହା ପ୍ରକୃତି, ଉଦ୍ୟାନ କୃଷି ଏବଂ ପୁଷ୍ପଲତା ପ୍ରତି ଆଗ୍ରହ ରଖୁଥିବା ଲୋକଙ୍କୁ ଆକୃଷ୍ଟ କରିଥାଏ । ଜମ୍ମୁ-କାଶ୍ମୀରରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ପାଇଁ ୨୦୦୭ରେ ଏହି ଅନନ୍ୟ ପର୍ବ ଆରମ୍ଭ ହୋଇଥିଲା । ବସନ୍ତ ଋତୁରେ ପୃଥିବୀର ବିଭିନ୍ନ ପ୍ରାନ୍ତର ପର୍ଯ୍ୟଟକ ଏହି ସ୍ଥାନର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଅପେକ୍ଷା କରି ରହିଥାନ୍ତି । ପ୍ରତିବର୍ଷ ପ୍ରାୟ ଦଶ ଦିନ ଧରି ଏହି 'ଟୁଲିପ୍ ଉତ୍ସବ' ପାଳନ ହୋଇଥାଏ । ଏହା ସାଧାରଣତଃ ମାର୍ଚ୍ଚ ମାସ ଶେଷ ଆଡ଼କୁ ଆରମ୍ଭ ହୋଇ ଏପ୍ରିଲ୍ ଦ୍ୱିତୀୟ ସପ୍ତାହରେ ସରିଥାଏ । ଏହାକୁ ମଧ୍ୟ 'ବିହାର-ଏ କାଶ୍ମୀର' ବୋଲି କୁହାଯାଏ । ପ୍ରତିବର୍ଷ ଏହି ପର୍ବ ପ୍ରକୃତିପ୍ରେମୀଙ୍କୁ ରଙ୍ଗିନ ଟୁଲିପ୍ ଫୁଲର ଦୃଶ୍ୟ ଉପଭୋଗ କରିବାକୁ ଆମନ୍ତ୍ରଣ କରିଥାଏ । ମାତ୍ର ପାଣିପାଗର ପରିବର୍ତ୍ତନ ହେତୁ ଏହି ପର୍ବ କେବେ କେବେ ଭିନ୍ନ ଭିନ୍ନ ଢଙ୍ଗରେ ଆରମ୍ଭ ହୋଇଥାଏ । ଏହାଛଡ଼ା ପର୍ଯ୍ୟଟକଙ୍କ ନିମନ୍ତେ ଆଉ କିଛି ଆକର୍ଷଣୀୟ ଆୟୋଜନ କରାଯାଇଥାଏ । ପର୍ଯ୍ୟଟକଙ୍କ ପାଇଁ ଉଦ୍ୟାନ କର୍ତ୍ତୃପକ୍ଷଙ୍କ ତରଫରୁ ମାଗଣା ୱାଇଫାଇ ସୁବିଧା, ଆଡିସ୍‌ନାଲ୍ ଫାଉଣ୍ଟେନ୍ ଶୌଚାଳୟ, ପାନୀୟ ଜଳ କେନ୍ଦ୍ର ପରି ଅତିରିକ୍ତ ସୁବିଧା ଯୋଗାଇ ଦିଆଯାଇଥାଏ । ଟୁଲିପ୍ ବ୍ୟତୀତ ଏହି ସ୍ଥାନକୁ ସଜାଇବା ପାଇଁ ବଗିଚାରେ ଡାପୋଡିଲ୍‌ସ୍, ହାଇୟାଣ୍ଟାସ୍, ନରସିସସ୍ ଭଳି ଅନ୍ୟାନ୍ୟ ଗଛ ଲଗାଯାଇଥାଏ । ଏହି ସାଜସଜ୍ଜାକୁ ଉପଭୋଗ କରିବା ପାଇଁ ବଗିଚା ବାହାରେ ଭ୍ରମଣକାରୀଙ୍କ ନିମନ୍ତେ ବିଭିନ୍ନ ଖାଦ୍ୟ ସହିତ ହସ୍ତତନ୍ତ ଶିଳ୍ପର ଆୟୋଜନ କରାଯାଇଥାଏ । ହଲାଣ୍ଡରେ ଉତ୍ପାଦନ ହେଉଥିବା ଟୁଲିପ୍ ସାଧାରଣତଃ ସମଗ୍ର ବିଶ୍ୱରେ ଲୋକପ୍ରିୟ । ଏଠାରେ ଥିବା କ୍ୟୁକେନ୍‌ହଫ୍ ଗାର୍ଡେନ୍ ବୃହତ୍ତମ ଟୁଲିପ୍ ଗାର୍ଡେନ୍ । ଆମେରିକାର ସ୍କଗିଦ୍ ଟୁଲିପ୍ ବଗିଚା ଦ୍ୱିତୀୟ ସ୍ଥାନରେ ଥିବାବେଳେ କାନାଡ଼ାର ଓଟାୱା, ଅଷ୍ଟ୍ରେଲିଆର ଟେସେଲାର୍ ଓ ଭାରତର କାଶ୍ମୀରରେ ଥିବା ଟୁଲିପ୍ ଉଦ୍ୟାନ ଯଥାକ୍ରମେ ତୃତୀୟ, ଚତୁର୍ଥ ଓ ପଞ୍ଚମ ସ୍ଥାନରେ ରହିଛି । କାଶ୍ମୀରର ଟୁଲିପ୍ ଫୁଲ ହଲାଣ୍ଡରୁ ଆମଦାନୀ ହୋଇ ଏହି ବଗିଚାରେ ରୋପଣ କରାଯାଇଥାଏ । ଟୁଲିପ୍ ପର୍ବ ଏହି ସ୍ଥାନରେ ସଂସ୍କୃତି ଓ ସୌନ୍ଦର୍ଯ୍ୟକୁ ପ୍ରତିଫଳିତ କରିଥାଏ । ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ପର୍ଯ୍ୟଟକ ଏଠାକୁ ଆସିଥାନ୍ତି । ଗତବର୍ଷ ଦୁଇ ଲକ୍ଷରୁ ଅଧିକ ପର୍ଯ୍ୟଟକ ଏହି ଉତ୍ସବରେ ଯୋଗ ଦେଇଥିଲେ । ଦେଶୀ ପର୍ଯ୍ୟଟକଙ୍କ ସହ ଅନେକ ବିଦେଶୀ ପର୍ଯ୍ୟଟକ ମଧ୍ୟ ଏହି ଉତ୍ସବରେ ସାମିଲ ହୋଇଥିଲେ । ଇନ୍ଦିରା ଗାନ୍ଧୀ ମେମୋରିଆଲ୍ ଟୁଲିପ୍ ଉଦ୍ୟାନରେ ଟୁଲିପ୍ ପର୍ବର ପ୍ରସ୍ତୁତି ବର୍ଷସାରା ଚାଲିଥାଏ । ପ୍ରାୟ ଶହେ ଜଣ ମାଳୀ ଏହି ବଗିଚାର ସୁରକ୍ଷା ଦାୟିତ୍ୱରେ ରହିଥାନ୍ତି । ଏହି ଉଦ୍ୟାନକୁ ପ୍ରବେଶ କରିବା ପାଇଁ ଟିକେଟ୍‌ର ମୂଲ୍ୟ ମାତ୍ର ୫୦ ଟଙ୍କା ରହିଛି ।



## ବିମାନର କବରସ୍ଥାନ

ବିଶ୍ୱର ଅନେକ ବଡବଡ଼ କବରସ୍ତାନ ରହିଛି । ଯେଉଁଠାରେ ଲକ୍ଷାଧିକ ଲୋକଙ୍କୁ କବର ଦିଆଯାଇଛି । ହେଲେ ବିମାନ ପାଇଁ ମଧ ରହିଛି ଏପରିକି ଏକ କବରସ୍ତାନ । ଆମେରିକାର ଏକ କବରସ୍ଥାନରେ ୪ ହଜାରରୁ ଅଧିକ ବେକାର ପଡ଼ିଥିବା ସୈନ୍ୟ ବାହିନୀ ବିମାନ ରଖାଯାଇଛି । ଏଠାରେ ମଧ ଅଛି କିଛି ମହାକାଶ ଯାନ । ଏରିଜୋନାର ଟସକନ୍ ମରୁଭୂମିରେ ରହିଛି ଏହି କବରସ୍ତାନଟି । ୨୬୦୦ ଏକର ପରିମିତ ସ୍ଥାନ ଅର୍ଥାତ୍ ୧୪୦୦ ଫୁଟବଲ ପଡ଼ିଆ ବରାବର ଏହି କବରସ୍ତାନଟି ବୋନୟାର୍ଡ ନାମରେ ପରିଚିତ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ବ୍ୟବହାର ହୋଇଥିବା ଅନେକ ବିମାନ ମଧ ଏଠାରେ ରହିଛି । ଏଠାକୁ ଆସୁଥିବା କିଛି ବିମାନକୁ ମରାମତି କରାଯାଇ ପୁଣି ଥରେ ଉଡାଣ ଯୋଗ୍ୟ କରାଯାଉଥିଲା ବେଳେ ଯେଉଁ ବିମାନ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ ସେଗୁଡ଼ିକୁ ଏଠାରେ ରଖାଯାଉଛି । ଆମେରିକା ସରକାର ଏଠାରୁ ପୁରୁଣା ବିମାନ କ୍ରୟ କରରିବା ପାଇଁ ଅନେ ଦେଶମାନଙ୍କୁ ମଧୟ ଦେଇଛନ୍ତି ଅନୁମତି । ବିଶେଷଜ୍ଞଙ୍କ ମତରେ ଏହି ସ୍ଥାନଟି ଅଧିକ ଉଚ୍ଚରେ ଏବଂ ଶୁଷ୍କ ପରିସ୍ଥିତିରେ ଥିବାରୁ ଏଠାରେ ବିମାନ ବାହାରେ ରଖିଲେ ଦୀର୍ଘ ସମୟ ଧରି ଖରାପ ହୋଇନଥାଏ ।



## ଉନ୍ନତ ସ୍ୱାସ୍ଥ୍ୟସେବା ପାଇବେ ସ୍ୱାଭିମାନ ଅଂଚଳବାସୀ

ଭୁବନେଶ୍ୱର,୨୭।୯ (ନି.ପ୍ର): ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଅଂଚଳବାସୀଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ କରିବାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଖୁସି ବ୍ୟକ୍ତ କରିଛନ୍ତି। ଚିତ୍ରକୋଣ୍ଡାରେ ବିଶେଷଜ୍ଞ ଦଳ ପହଂଚି ସ୍ୱାସ୍ଥ୍ୟସେବା ଆରମ୍ଭ କରିଥିବାବେଳେ ପ୍ରତି ସପ୍ତାହରେ ବିଭାଗୀୟ ବିଶେଷଜ୍ଞମାନେ ବିଭିନ୍ନ ସ୍ଥାନ ଗସ୍ତ କରି ସ୍ୱାସ୍ଥ୍ୟ ସୁବିଧା ଯୋଗାଇଦେବେ ବୋଲି ସେ କହିଛନ୍ତି।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରୀକ୍ଷା ବିଭ୍ରାଟକୁ ଏ.ଆଇ.ଡି.ଏସ୍.ଓ ର ଦୃଢ ନିନ୍ଦା

ଭୁବନେଶ୍ୱର,୨୭।୯ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ଓ ଏହା ସହିତ ଅନୁବନ୍ଧିତ ବିଭିନ୍ନ ମହିଳା ମହାବିଦ୍ୟାଳୟଗୁଡିକର ସ୍ନାତକ ଶେଷବର୍ଷ ପରୀକ୍ଷା ପରିଚାଳନାରେ ବିଭ୍ରାଟ ଘଟଣାରେ ଏ.ଆଇ.ଡି.ଏସ୍.ଓ ପକ୍ଷରୁ ଗଭୀର ଉଦ୍‌ବେଗ ପ୍ରକାଶ କରାଯିବା ସହିତ ଏହି ଘଟଣାକୁ ଦୃଢ ନିନ୍ଦା କରାଯାଇଛି। ସଙ୍ଗଠନର ରାଜ୍ୟ ସଭାପତି ଗଣେଶ ତ୍ରିପାଠୀ, ସମ୍ପାଦକ ସୁବାସ ନାୟକ ଏକ ପ୍ରେସ୍ ବିବୃତି ମାଧ୍ୟମରେ ରାଜ୍ୟର ହଜାର ହଜାର ଛାତ୍ରୀମାନଙ୍କ କ୍ୟାରିୟର ଓ ଭବିଷ୍ୟତ ସହିତ ଖେଳ ଖେଳୁଥିବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି। ନଚେତ୍ ଆଗାମୀ ଦିନରେ ଯେଉଁ ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ସଙ୍ଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ ଯେ, କରୋନା ମହାମାରୀ ପରିସ୍ଥିତିରେ ମଧ୍ୟ ସରକାର ଛାତ୍ରଛାତ୍ରୀମାନଙ୍କ ଜୀବନକୁ ବିପଦରେ ପକାଇ ବିଭିନ୍ନ ପରୀକ୍ଷା ଦେବା ପାଇଁ ବାଧ୍ୟ କରୁଛନ୍ତି ଏବଂ ରମାଦେବୀ କର୍ତ୍ତୃପକ୍ଷ ଅତ୍ୟନ୍ତ ଖାମଖିଆଲି ଭାବେ ଛାତ୍ରୀମାନଙ୍କୁ ପରୀକ୍ଷା ଓ ପ୍ରଶ୍ନପତ୍ର ସମ୍ବନ୍ଧୀୟ କୌଣସି ନିୟମାବଳୀ ପୂର୍ବରୁ ପ୍ରଦାନ ନକରି ପରୀକ୍ଷାର ମାତ୍ର କେତେ ମିନିଟ୍ ପୂର୍ବରୁ ବିଭିନ୍ନ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କ ପାଖକୁ ମେଲ୍ ପଠାଇଛନ୍ତି। ଫଳରେ ଅଫଲାଇନ୍ ଓ ଅନଲାଇନ୍‌ରେ ପରୀକ୍ଷା ଦେଉଥିବା ବହୁ ଛାତ୍ରୀ ପରୀକ୍ଷାର ନିୟମାବଳୀ ବିଶେଷକରି କେତୋଟି ପ୍ରଶ୍ନର ଉତର ଦେବାକୁ ହେବ ସେ ବିଷୟରେ ସଠିକ ଭାବରେ ଜାଣି ପାରିନାହାନ୍ତି। ଫଳସ୍ୱରୂପ ହଜାର ହଜାର ଛାତ୍ରୀ ବର୍ତମାନ ସେମାନଙ୍କର ପରୀକ୍ଷାର ମୂଲ୍ୟାୟନ, ଫଳାଫଳ ଓ କ୍ୟାରିୟରକୁ ନେଇ ମାନସିକ ଚାପ ଓ ଦ୍ୱନ୍ଦ୍ୱ ମଧ ଦେଇ ଗତି କରୁଛନ୍ତି।

### ବିଜେପି ରାଷ୍ଟ୍ରୀୟ ଟିମ୍ ରେ ଓଡିଶାରୁ ୪

# ଜେ.ପି.ନଡ୍ଡାଙ୍କୁ ଧନ୍ୟବାଦ ଜଣାଇଲେ ରାଜ୍ୟ ସଭାପତି ସମୀର ମହାନ୍ତି

ଭୁବନେଶ୍ୱର,୨୭।୯ (ନି.ପ୍ର): ରାଷ୍ଟ୍ରୀୟ ସଭାପତି ଶ୍ରୀ ଜେ.ପି.ନଡ୍ଡା ଅନୁମୋଦକ୍ରମେ ଆଜି ରାଷ୍ଟ୍ରୀୟ ପଦାଧିକାରୀଙ୍କ ନାମ ଘୋଷଣା ହୋଇଛି। ନୂତନ ପଦାଧିକାରୀ ତାଲିକା ଅନୁଯାୟୀ ରାଷ୍ଟ୍ରୀୟ ଉପସଭାପତି ଭାବେ ଶ୍ରୀ ବୈଜୟନ୍ତ ପଣ୍ଡା, ରାଷ୍ଟ୍ରୀୟ ସଂପାଦକ ଭାବେ ସାଂସଦ ଇଂ.ବିଶେଶ୍ୱର ଟୁଡୁ, ରାଷ୍ଟ୍ରୀୟ ମୁଖପାତ୍ର ଭାବେ ଡ.ସମ୍ବିତ ପାତ୍ର ଏବଂ ସାଂସଦ ଶ୍ରୀମତୀ ଅପରାଜିତା ଷଡଙ୍ଗୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଶ୍ୱର ସର୍ବବୃହତ ରାଜନୈତିକ ଦଳ ବିଜେପିର ରାଷ୍ଟ୍ରୀୟ ପଦାଧିକାରୀ ତାଲିକାରେ ୪ ଜଣ ଓଡିଆଙ୍କୁ ସ୍ଥାନ ମିଳିଥିବାରୁ ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ରାଷ୍ଟ୍ରୀୟ ସଭାପତି ଶ୍ରୀ ଜେ.ପି.ନଡ୍ଡାଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି। ଭାରତୀୟ ଜନତା ପାର୍ଟୀ ଓଡିଶାକୁ ସର୍ବଦା ଗୁରୁତ୍ୱ ପ୍ରଦାନ କରି ଆସୁଛି ଏବଂ ଏହା ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଓଡିଶାର ୪ ଜଣ ନବନିଯୁକ୍ତ ପଦାଧିକାରୀଙ୍କ ସମେତ ସମସ୍ତ ନୂତନ ରାଷ୍ଟ୍ରୀୟ ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୭ ଫୁଟ ର ଅଜଗର ସାପ କୁ ଉଦ୍ଧାର କଲେ ମହିଳା ଫରେଷ୍ଟର

ମାଲକାନଗିର,୨୭।୯ (ନି.ପ୍ର): ୬ ଟି କୁକୁଡ଼ା ଖାଇଥିବା ଏକ ଅଜଗର ସାପକୁ ଉଦ୍ଧାର କରି ପୁଣି ଚର୍ଚ୍ଚାରେ ସାଲିମିର ମହିଳା ଫରେଷ୍ଟର। ମାଲକାନଗିରି ଜିଲ୍ଲା ର ମାଥିଲି ରେଞ୍ଜ ଅଫିସିରେ କାର୍ଯ୍ୟ କରୁଥିବା ସାଲିମି ସେକ୍ସନର ମହିଳା ଫରେଷ୍ଟର କ୍ଷୀରଲତା ନାୟକ ଆଜି ଖବର ପାଇଥିଲେ ଯେ କର୍ତନପାଲ୍ଲୀ ଗ୍ରାମରେ ପସି ପ୍ରାୟ ୭ ଫୁଟ ଲମ୍ବର ଏକ ଅଜଗର ସାପ ଗ୍ରାମର ଲୋକମାନଙ୍କର ପ୍ରାୟ ୬ ଟି କୁକୁଡ଼ା ଖାଇଇଛି। ଏହାପରେ ସେ ଗ୍ରାମକୁ ଯାଇ, କିଛି ସ୍ଥାନୀୟ ଲୋକମାନ ଙ୍କ ସାହାର୍ଯ୍ୟରେ ୭ ଫୁଟର ସେହି ଅଜଗର ସାପକୁ ଉଦ୍ଧାର କରିଥିଲେ ଓ ପରେ ତାକୁନେଇ ନିକଟସ୍ଥ ଜଙ୍ଗଲରେ ଛାଡି ଦେଇ ଆସିଥିଲେ। ପ୍ରକାଶ ଥାଉକି ଏଥି ପୂର୍ବରୁ ସେ ବିନା ତାଲିମ ରେ ଅନେକ ଥର ବିଷଧର ସାପ କୁ ଏକାକୀ ଧରି ଜଙ୍ଗଲ ରେ ଛାଡିଛନ୍ତି।

# ବିକାଶ ବେହେରାଙ୍କ ବିୟୋଗରେ ଗଣମାଧ୍ୟମର ପ୍ରତିନିଧିଙ୍କ ମଧ୍ୟରେ ଶୋକର ଛାୟା

ବାରିପଦା,୨୭।୯ (ନି.ପ୍ର): ମୟୂରଭଞ୍ଜ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟରେ ଆସିଷ୍ଟାଂଟ ଅପରେଟର ଭାବେ କାର୍ଯ୍ୟରତ ବିକାଶ ବେହେରା ଆଉ ଆମ ଗହଣରେ ନାହାନ୍ତି। ଭୁବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ହୃଦଘାତରେ ତାଙ୍କର ଅକାଳ ବିୟୋଗକୁ ନେଇ ଗତ କାଲି ରାତିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀ ରବୀନ୍ଦ୍ର କୁମାର ନାୟକ ସାମାଜିକ ଗଣମାଧ୍ୟମ ଜରିଆରେ ସମସ୍ତ କାର୍ଯ୍ୟରତ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେବା ପରେ ଗଣମାଧ୍ୟମର ପ୍ରତିନିଧିମାନଙ୍କ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ପ୍ରକାଶ ଥାଉକି, ଶ୍ରୀବେହେରା ଜଣେ ଭଦ୍ର ଓ ନମ୍ର ବ୍ୟକ୍ତିତ୍ୱର ଆଧାରୀ ରହିଥିବାରୁ କାର୍ଯ୍ୟାଳୟର ସମସ୍ତ କର୍ମଚାରୀମାନଙ୍କ ସହ ଗଣମାଧ୍ୟମର ସମସ୍ତ ପ୍ରତିନିଧିମାନଙ୍କର ଅତି ଆପଣାର ଥିଲେ। ବିରକ୍ତିର ଛାପ ତାଙ୍କ ମୁଖ ମଣ୍ଡଳରେ ଦେଖିବାକୁ ମିଳିନଥାଏ। ମାର୍ଜିତ ଆଚରଣ ଓ ଉଚ୍ଚାରଣ ତାଙ୍କ ବ୍ୟକ୍ତିତ୍ୱକୁ ଅଧିକ ରୁଦ୍ଧିମନ୍ତ କରାଇ ଦେଇଥିଲା। ସରକାରୀ ଚାକିରୀରେ ଏହି ଭଳି ଦରଦୀ ମଣିଷ ଖୁବ କମ୍ ଦେଖିବାକୁ ମିଳିଥାଏ। ନାମ ବିକାଶ କୁମାର ବେହେରା ହୋଇଥିବା ବେଳେ ସମସ୍ତେଙ୍କ ନିକଟରେ ଦଣ୍ଡୁଭାଇ ଭାବେ ପରିଚିତ ଥିଲେ। ଏହିଭଳି ସମୟରେ ତାଙ୍କ ପରିବାରକୁ ଭଗବାନ ଶକ୍ତି ଓ ସାହସ ଦେବା ସାଙ୍ଗକୁ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ଭଗବାନଙ୍କ ନିକଟରେ ଗଣମାଧ୍ୟମର ପ୍ରତିନିଧିମାନେ ପ୍ରାର୍ଥନା ଜଣାଇଛନ୍ତି।

# ବିଜୁଳି ଦର ପ୍ରତ୍ୟାହାର କର, ନଚେତ୍ ବିଜେଡି ନେତା କେହି ଶୋଇପାରିବେ ନାହିଁ: ତାରା ବାହିନିପତି

ଜୟପୁର,୨୭।୯ (ନି.ପ୍ର): କରୋନା ସମୟରେ ରାଜ୍ୟ ସାରା ଲୋକ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିବା ବେଳେ ରାଜ୍ୟ ସରକାର ବିଜୁଳି ଦର ବଢାଇ ବିଜୁଳି ଉପଭୋକ୍ତାଙ୍କ ଉପରେ ଚାବୁକ ପ୍ରହାର କରିଛନ୍ତି। ଏନେଇ ଆଜି ଏକ ଖବରଦାତା ସମ୍ମିଳନି ଆୟୋଜନ କରି ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଅଭିଯୋଗ କରିଛନ୍ତି ଯେ, ତାଳଚେର ଓ ଅବିଭକ୍ତ କୋରାପୁଟ ଜିଲାରେ ବିଦ୍ୟୁତ ଉତ୍ପାଦନ ହେଉଥିବା ବେଳେ ସରକାର କେତେ ଗ୍ରାମକୁ ବିଦ୍ୟୁତ ଦେଇଛନ୍ତି ଓ କେତେ ଗ୍ରାମ ଆଜିବି ବିଦ୍ୟୁତ ସେବାରୁ ବଂଚିତ ରହିଛ ତାହାର ଜବାବ ଦିଅନ୍ତୁ। ଯେଉଁ ମାନେ ଏହି ବିଜୁଳ ଦର ବୃଦ୍ଧି କରିଛନ୍ତି ସେମାନଙ୍କର ଜ୍ଞାନ ଗାରିମା ବୋଧେ ନାହିଁ। କୋଭିଡ-୧୯ ପରି ସମୟରେ ଦର ବଢାଇଛନ୍ତି ଫଳରେ ମଧ୍ୟବିତ ପରିବାର ଓ ବ୍ୟବସାୟୀ ହଇରାଣ ହରକତ ହେବେ। ଦୀର୍ଘ ୬ ମାସ ହେବ ଦୋକାନ, ବଜାର ବନ୍ଦ ରହିଛି ଯଦି ଦର ବଢିବ ବେପାର ବାଟ ନଥିବା ବେଳେ ସେମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେବେ। ଯେଉଁ ବିଲ୍ ବଢାଇଛନ୍ତି ତାହା ତୁରନ୍ତ ବନ୍ଦ କରନ୍ତୁ ରାଜ୍ୟ ସରକାର। ୟୁନିଟ ପିଛା ୪ ପ୍ରତିଶତ ବଢାଯାଇଛି ତାହା କମ୍ ନୁହଁ। ତେଣୁ ମୁଖ୍ୟମନ୍ତ୍ରୀ ନବିନ ପଟ୍ଟନାୟକ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ବିଦ୍ୟୁତ ଦର ବୃଦ୍ଧିକୁ ପ୍ରତ୍ୟାହାର କରନ୍ତୁ। ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବା ସହ ରାଜ୍ୟ ସରକାର ନ ମାନିଲେ ରାଜ୍ୟ ସାରା ଆନ୍ଦୋଳନ ହେବ। ବିଜେଡି ର କେହି ନେତା ଶାନ୍ତିରେ ଶୋଇପାରିବେ ନାହିଁ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ବିଧାୟକ ଶ୍ରୀ ବାହିନିପତି।

## ହଠାତ ପିଆଜ ଦର ବୃଦ୍ଧି- କେଜି ୫୦ ଟଙ୍କା

ନୂଆପଡା,୨୭।୯ (ନି.ପ୍ର): ନୂଆପଡା ଜିଲ୍ଲାରେ ଗତ ୧୫ ଦିନ ହେବ ହୁହୁଁ ଭାବରେ ପିଆଜ ଦର ବୃଦ୍ଧି ପାଉଛି। ଜିଲ୍ଲାରେ ଗତ କିଛି ଦିନ ମଧ୍ୟରେ ପିଆଜ ଦର ହଟାତ ବୃଦ୍ଧି କରାଯାଇ ୫୦ ଟଙ୍କା ଦରରେ ବିକ୍ରୟ ହେଉଥିବା ଅଭିଯୋଗ ହେଉଛି। ବଜାରରେ ଗତ ୧୫ ଦିନ ତଳେ ୨୦ ରୁ ୨୫ ଟଙ୍କା ଦରରେ ପିଆଜକୁ ବିକ୍ରୟ କରାଯାଉଥିଲା। କିନ୍ତୁ ବର୍ତମାନ ହଟାତ ପିଆଜ ଦର ୫୦ ଟଙ୍କାରେ କେଜି ପ୍ରତି ବିକ୍ରୟ କରାଯାଉଛି। ପିଆଜ ସହ ଆଳୁ ମଧ୍ୟ ୪୦ ଟଙ୍କାରେ ବିକ୍ରୟ କରାଯାଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ପିଆଜ ଦର କମାଇବାକୁ ସାଧାରଣରେ ଦାବୀ ହେଉଛି।

# କରୋନା ପରବର୍ତ୍ତୀ ପଦକ୍ଷେପ ନେଇ ସାମ୍ବାଦିକମାନଙ୍କ ଭୂମିକା ଶୀର୍ଷକ ଆଲୋଚନା ଚକ୍ର

କନ୍ଧମାଳ,୨୭।୯ (ନି.ପ୍ର): ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀର କାର୍ଯ୍ୟାଳୟଠାରେ ଆନ୍ତର୍ଜାତୀୟ ଅନୁଷ୍ଠାନ ସେଭ୍ ଦି ଚିଲ୍‌ଡ୍ରେନ୍ ସହାୟତାରେ କୋରୋନା ବିରୋଧରେ ଲଢ଼େଇ ଓ ବାଲ୍ୟ ବିବାହ ବନ୍ଦ କରିବାରେ ସାମ୍ବାଦିକମାନଙ୍କ ଭୂମିକା ସମ୍ପର୍କୀତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦୈନିକ ଖବରକାଗଜ ସମ୍ବାଦର ଜିଲ୍ଲା ପ୍ରତିନିଧି ବଟକୃଷ୍ଣ ବିହାରୀ, ଓଟିଭି ପ୍ରତିନିଧି ତ୍ରିନାଥ ସାହୁ, ଇଟିଭି ପ୍ରତିନିଧି ସଦାଶିବ ପାତ୍ର ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଚାଲିଥିବା କୋଭିଡ୍ ନିୟନ୍ତ୍ରଣ ସମ୍ପର୍କରେ ତଥ୍ୟ ରଖିବା ସହ ଯତ୍ନହୀନତା ଭାବେ ଏଥିରେ ସଂକ୍ରମିତ ହୋଇ କିପରି ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାହା ଆଲୋକପାତ କରିଥିଲେ। ସ୍ୱାତୀର ସମ୍ପାଦକ ଇଂ.ହରିଶଙ୍କର ରାଉତ କୋଭିଡ୍ ସମୟର ଅନୁଭୂତି ବାଂଟିବା ସହ ଏହି ଭୂତାଣୁ ସମ୍ପର୍କୀତ ସମସ୍ତ ତଥ୍ୟ କିପରି ଗାଁ ସ୍ତରରେ ବସବାସ କରୁଥିବା ଶେଷ ପରିବାର ପାଖରେ ପହଂଚା ଯାଇପାରିବ ସେ ଦିଗରେ ସମସ୍ତେ ଚେଷ୍ଟିତ ହେବା ପାଇଁ ଆହ୍ୱାନ ଦେଇଥିଲେ। ସେଭ୍ ଦି ଚିଲ୍‌ଡ୍ରେନ୍‌ର ସହାକରୀ ପରିଚାଳକ ମନୋଜ କୁମାର ମିଶ୍ର କାର୍ଯ୍ୟକ୍ରମ ମାଧ୍ୟମରେ ମହାମାରୀ ସମୟରେ ଘଟୁଥିବା ବାଲ୍ୟ ବିବାହର ସମ୍ଭାବନା, ରୋଜଗାର ହରାଇବା ଭୟ ଓ ଦାରିଦ୍ର୍ୟତାକୁ କିପରି ଗାଁ ସ୍ତରରେ ଦୂରେଇ ଦିଆଯାଇପାରିବ ସେଥିପାଇଁ କିଶୋରୀ ବାଳିକାଙ୍କଠାରୁ ଆରମ୍ଭ କରି ସମାଜର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ସାମ୍ବାଦିକ ବନ୍ଧୁମାନଙ୍କ ପର୍ଯ୍ୟନ୍ତ ସମସ୍ତେ ମିଳିମିଶି କାର୍ଯ୍ୟ କରିବାର ସମୟ ଆସିଛି ବୋଲି କହିଥିଲେ। ସ୍ୱାତୀର ଅଧକ୍ଷ ପ୍ରଶାନ୍ତ ଶତପଥି କୋଭିଡ୍ ସହ ଲଢ଼େଇ ଜାରି ରଖିବାକୁ ସମସ୍ତଙ୍କୁ ଉତ୍ସାହିତ କରିଥିବା ବେଳେ ଅନୁଷ୍ଠାନର କୋଷାଧକ୍ଷ ଶାନ୍ତନୁ କୁମାର ମିଶ୍ର କୋରୋନା ଭୂତାଣୁ ମନୁଷ୍ୟକୁ ବିଭିନ୍ନ ଶିକ୍ଷା ଦେବା ସହ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଏକ ପ୍ରତିଯୋଗିତା ଆରମ୍ଭ ହୋଇଯାଇଥିବା କଥା କହିଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ କୁମାର ସ୍ୱାଇଁ ପରିଚାଳନା କରିଥିବା ବେଳେ କ୍ଷେତ୍ର ସ୍ତରରୁ ଆସିଥିବା ଚାଇଲ୍ଡ ଚମ୍ପିଆନ୍ ଜଲି ନାୟକ, ଯମୁନା ପ୍ରଧାନ, ସସ୍ମିତା ସାହୁ ପ୍ରମୁଖ କୋଭିଡ୍-୧୯ ସମୟରେ କରିଥିବା କାର୍ଯ୍ୟକ୍ରମ ଗୁଡ଼ିକୁ ଉପସ୍ଥାପନା କରି ପ୍ରଶଂସା ପାଇଥିଲେ। ଉପରୋକ୍ତ ସମସ୍ତ କାର୍ଯ୍ୟକ୍ରମକୁ ବୈଦ୍ୟନାଥ ଖଟୁଆ, ଅଶୋକ କୁମାର ତ୍ରିପାଠୀ, ବିଶ୍ୱରଞ୍ଜନ କର, ସର୍ବେଶ୍ୱର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ବୈଜୟନ୍ତ ପଣ୍ଡା ପ୍ରଧାନମନ୍ତ୍ରୀ ଓ ପାର୍ଟି ନେତୃତ୍ୱ ପ୍ରତି ଜଣାଇଲେ କୃତଜ୍ଞତା

ଭୁବନେଶ୍ୱର,୨୭।୯ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଭାବେ ନିଯୁକ୍ତ ହେବା ପରେ ବୈଜୟନ୍ତ ପଣ୍ଡା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାର୍ଟୀର କେନ୍ଦ୍ରୀୟ ନେତୃତ୍ୱ ପ୍ରତି କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ପଣ୍ଡା ଟ୍ୱିଟ କରି କହିଛନ୍ତି ଯେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାର୍ଟୀର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରୁଛି। ପାର୍ଟୀ ତାଙ୍କ ଉପରେ ଯେଉଁ ବିଶ୍ୱାସ ବ୍ୟକ୍ତ କରିଛି ତାକୁ ଠିକ ବୋଲି ପ୍ରମାଣିତ କରିବାକୁ ସେ ପ୍ରୟାସ କରିବେ। କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ତାଙ୍କୁ ଯେଉଁ ସହଯୋଗ ଓ ମାର୍ଗଦର୍ଶନ ଦେଇଛନ୍ତି ତାକୁ ନେଇ ସେ ଋଣୀ ବୋଲି କହିଛନ୍ତି। ଏହା ବାଦ ଶ୍ରୀ ପଣ୍ଡା ନବ ନିଯୁକ୍ତ ପଦାଧିକାରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଆଜିଠୁ ଆଗାମୀ ୪ ଦିନ ପାଇଁ ଭିମ୍ସୁଟ୍ ବନ୍ଦ

ସମ୍ବଲପୁର,୨୭।୯ (ନି.ପ୍ର): ଆଜିଠୁ ଆଗାମୀ ୪ ଦିନ ପାଇଁ ଅର୍ଥାତ୍ ଆସନ୍ତା ମଙ୍ଗଳବାର ପର୍ଯ୍ୟନ୍ତ ବନ୍ଦ ରହିବ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜ ଆଣ୍ଡ ହସ୍ପିଟାଲ (ଭିମ୍ସୁଟ୍)। ବିଶେଷ କରି ଏଠାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ଯୋଗୁଁ ଏହି ପଦକ୍ଷେପ ନିଆଯାଇଥିବା ନେଇ ଭିମ୍ସୁଟର କୁଳପତି ଘୋଷଣା କରିଛନ୍ତି। ଏହି ସମୟ ମଧ୍ୟରେ ଭିମ୍ସୁଟ୍ ର କ୍ୟାମ୍ପସ୍ କୁ ସମ୍ପୂର୍ଣ୍ଣ ସାନିଟାଇଜ୍ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ଅପରାଜିତା ପ୍ରଧାନମନ୍ତ୍ରୀ ଓ ପାର୍ଟୀ ନେତୃତ୍ୱକୁ ଦେଲେ ଧନ୍ୟବାଦ

ଭୁବନେଶ୍ୱର,୨୭।୯ (ନି.ପ୍ର): ପାର୍ଟୀର ରାଷ୍ଟ୍ରୀୟ ପ୍ରବକ୍ତା ଭାବେ ନିଯୁକ୍ତି ପାଇବା ପରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପାର୍ଟୀର କେନ୍ଦ୍ରୀୟ ନେତୃତ୍ୱ ପ୍ରତି ତାଙ୍କ ଉପରେ ବିଶ୍ୱାସ ବ୍ୟକ୍ତ କରିଥିବାରୁ ଧନ୍ୟବାଦ ଦେଇଛନ୍ତି। ଅପରାଜିତା ଟ୍ୱିଟ କରି କହିଛନ୍ତି ଯେ ରାଷ୍ଟ୍ରୀୟ ପ୍ରବକ୍ତା ରୂପେ ନିଯୁକ୍ତ କରି ତାଙ୍କ ଉପରେ ବିଶ୍ୱାସ ବ୍ୟକ୍ତ କରିଥିବାରୁ ସେ ପ୍ରଧାନମନ୍ତ୍ରୀ ମୋଦି, କେନ୍ଦ୍ରୀ. ଗୃହ ମନ୍ତ୍ରୀ ଅମିତ ଶାହ ତଥା ପାର୍ଟୀର ରାଷ୍ଟ୍ରୀୟ ସଭାପତି ଜେପି ନଡ୍ଡାଙ୍କୁ ସେ ଧନ୍ୟବାଦ ଦେଉଛନ୍ତି। ନିଜର ଦାୟିତ୍ୱକୁ ଠିକ ନିର୍ବାହ କରିବାକୁ ଯଥା ସମ୍ଭବ ଚେଷ୍ଟା କରିବେ। ସମସ୍ତଙ୍କର ଶୁଭେଚ୍ଛା ଓ ଆଶୀର୍ବାଦ ସେ ଚାହାନ୍ତି ବୋଲି ସେ କହିଛନ୍ତି।

## ମୋବାଇଲ ଫ୍ଲାସ ଲାଇଟରେ ଚାଲିଛି ଏ ଟିଏମରୁ ଟଙ୍କା ଉଠାଣ

ମାଲକାନଗିରି,୨୭।୯ (ନି.ପ୍ର): ଡିଜିଟାଲ ଯୁଗରେ ଡିଜିଟାଲ ସେବାର ଦୃଶ୍ୟ ଦେଖିବାକୁ ମିଳିଛି, ମାଲକାନଗିରି ଜିଲ୍ଲା ସଦର ମହକୁମା ରେ ଥିବା ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନିକଟସ୍ଥ ଏଟିଏମ ପ୍ରାୟ ୩ ରୁ ୪ ମାସ ହେବ ଅନ୍ଧକାର ମୟ ଅବସ୍ଥାରେ ଚାଲିଛି କ୍ଷ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଥିବା ଏଟିଏମରୁ କିଭଳି ଭାବରେ ଲୋକେ ନିଜ ସଂଚୟ ଜମା ରାଶି କୁ ଉଠାଣ ପାଇଁ ଅନ୍ଧାରରେ ଥିବା ଜରୁରୀ କାଳୀନ ସେବା ଯୋଗାଇବା ପାଇଁ ଥିବା ଏ ଟିଏମ ରେ ଲୋକମାନେ ନିଜ ମୋବାଇଲ ଫ୍ଲାସ ଲାଇଟ ଦେଖାଇ ଏଟିଏମରୁ ପଇସା ଉଠାଉଛନ୍ତି। ଏ ନେଇ ଲୋକମାନେ ବହୁବାର ଅଭିଯୋଗ କରିଥିଲେ ମଧ୍ୟ ବିଭାଗୀୟ ବ୍ୟାଙ୍କ ଅଧିକାରୀ ଦୃଷ୍ଟି ଦେଉନଥିବା ଲୋକ ମାନେ ଅଭିଯୋଗ କରିଛନ୍ତି। ଖାଲି ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ନିକଟସ୍ଥ ଏଟିଏମ ନାହିଁ ସଦର ମହକୁମାର କେତୋଟି ହାତ ଗଣତି ବେସରକାରୀ ଏଟିଏମ କୁ ଛାଡି ଦେଲେ କୌଣସି ସରକାରୀ ବ୍ୟାଙ୍କ ର ରକ୍ଷଣା ବେକ୍ଷଣା ଠିକ ନାହିଁ। ଅଧିକାଂଶ ଏଟିଏମ ଏପରି ଅନ୍ଧକାର ମୟ କ୍ଷ ମାଲକାନଗିରି ଜିଲ୍ଲାର ସଦର ମହକୁମାରେ ବର୍ଷ ବର୍ଷ ଧରି ସବୁ ବେଳେ ଏଟିଏମ ଅଚଳ। ସ୍ଥାନୀୟ ବସ ଷ୍ଟାଣ୍ଡ ସାମନା ରେ ଏସବିଆଇ ବ୍ୟାଙ୍କ ଏବଂ ଏଟିଏମ ରହି ଥିଲା। କିନ୍ତୁ ତାହା ଉଠି ଅଲଗା ସ୍ଥାନ କୁ ସ୍ଥାନାନ୍ତରିତ ହୋଇଯାଇଛି। ସେ ସମୟ ରୁ ବସ ଷ୍ଟାଣ୍ଡ ନିକଟସ୍ଥ ଅଂଚଳରେ ଗୋଟିଏ ଭି ଏଟିଏମ ର ବ୍ୟବସ୍ଥା ନାହିଁ। ଲୋକେ ପଇସା ପାଇଁ ହନ୍ତସନ୍ତ ହେଉଛନ୍ତି ନିଜ ଆକାଉଂଟ ରେ ନିଜ ସଂଚୟ ପଇସା ଥିଲେ ଭି ଉଠାଇ ପାରୁ ନାହାନ୍ତି। ଏବେ ଦେଖିବାକୁ ବାକିରହିଲା ବିଭାଗୀୟ ବ୍ୟାଙ୍କ କତୃପକ୍ଷ କେବେ ଏହି ଏଟିଏମରେ ବିଜୁଳି ସେବା ଯୋଗାଉଛନ୍ତି।

## କନ୍ଧମାଳ ଛାତ୍ର ବିଜେଡ଼ି ସଭାପତି ହେଲେ ସୁନିଲ୍

କନ୍ଧମାଳ,୨୭।୯ (ନି.ପ୍ର): କନ୍ଧମାଳ ଜିଲା ଛାତ୍ର ବିଜେଡ଼ି ସଭାପତି ଭାବେ ସୁନିଲ୍ ସେଠୀଙ୍କୁ ଦଳର ସୁପ୍ରିମୋ ନବୀନ ପଟନାୟକ ନିଯୁକ୍ତି ଦେଇଛନ୍ତି। ଏହି ଦାୟିତ୍ୱ ଦେଇଥିବ ଯୋଗୁଁ ସେ ସୁପ୍ରିମୋ ଏବଂ ରାଜ୍ୟ ଛାତ୍ର ବିଜେଡ଼ି ସଭାପତିଙ୍କ ସମେତ କନ୍ଧମାଳ ସାଂସଦ ଡ଼. ଅଚ୍ୟୁତ ସାମନ୍ତ , ମନ୍ତ୍ରୀ ପଦ୍ମନାଭ ବେହେରା ଓ ବିକ୍ରମ କେଶରୀ ଆରୁଖ ଓ ଜିଲା ବିଜେଡ଼ି ସଭାପତି ସରୋଜ କର୍ଣ୍ଣକୁ ଧନ୍ୟବାଦ ଦେବା ସହିତ ଜିଲାର ଛାତ୍ର ବିଜେଡ଼ିକୁ ମଜଭୁଦ କରିବ। ପାଇଁ ସବୁ ପ୍ରକାର ଉଦ୍ୟମ କରିବେ ବୋଲି ତାଙ୍କ ପ୍ରତିକିୟାରେ ପ୍ରକାଶ କରିଛନ୍ତି। ଆଜି ଫୁଲବାଣୀ ଠାରେ ନବ ନିଯୁକ୍ତ ଯୁବ ବିଜେଡ଼ି ସଭାପତି ଶ୍ରୀ ସେଠୀଙ୍କୁ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର ,ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର , ଜିଲା ପରିଷଦ ଅଧକ୍ଷା ଶ୍ରୀମତି ଆକାଂକ୍ଷା ପ୍ରଧାନ,ରାଜ୍ୟ ସଂଖ୍ୟା ଲଘୁ ସେଲ୍‌ର ସାଧାରଣ ସଂପାଦକ ମହମ୍ମଦ ୟାସିନ୍ ବେଗ୍ ,ଜିଲା ପରିଷଦ ଉପାଧକ୍ଷା , ଜିଲା ପରିଷଦ ସଭ୍ୟା ଜୁଲିଲତା ଲେଙ୍କା, ମହିଳା ନେତ୍ରୀ ପୁନମ୍ କହଁର ଓ ଅନ୍ୟ ବରିଷ୍ଠ ନେତା ଏବଂ ଯୁବନେତାମାନେ ଫୁଲତୋଡ଼ା ଓ ଉପଠୋକନ ଦେଇ ସ୍ୱାଗତ କରିଥିଲେ।

## ସୋସିଆଲ ମିଡ଼ିଆ ରେ କିନ୍ନର ମାନେ ଅଭିଯୋଗ ଜଣାଇଲେ ପ୍ରଶାସନକୁ

ମାଲକାନଗିରି,୨୭।୯ (ନି.ପ୍ର): ମାଲକାନଗିରି ଜିଲ୍ଲାର କିନ୍ନର ମାନେ ସରକାର ଓ ଜିଲ୍ଲା ପ୍ରଶାସନ ପାଖରେ ସୋସିଆଲ ମିଡିଆ ମାଧ୍ୟମରେ ବିଭିନ୍ନ ଦାବି ଓ ଅଭିଯୋଗ ଜଣାଇଛନ୍ତି। ଜିଲ୍ଲାରେ କିନ୍ନରଙ୍କ ସଂଖ୍ୟା ବୃଦ୍ଧି ହେଉଥିବା ବେଳେ କିଛି କିନ୍ନର ସରକାରୀ ସୁବିଧା ପାଇ ମଧ ସରକାରଙ୍କ ନୀତିକୁ ଅବମାନନା କରି ଭିକ୍ଷାବୃତି କରୁଥିବା କିନ୍ନରଙ୍କ ପୂର୍ବତନ ସଭାପତି ପିଙ୍କି ଅଭିଯୋଗ ଆଣିଛନ୍ତି ଏବଂ ସେ କିନ୍ନର ମାନେ ଭିକ୍ଷାବୃତି ବନ୍ଦ କରିବାକୁ ଅନୁରୋଧ କରିଛନ୍ତି। ପିଙ୍କି କିନ୍ନର ସରକାର ଓ ଜିଲ୍ଲା ପ୍ରଶାସନ ନିକଟରେ ଏହି ଅନୁରୋଧ ଜଣାଉଛନ୍ତି କି ସରକାର ଓ ଜିଲ୍ଲା ପ୍ରଶାସନ ଦ୍ୱାରା ମାଲକାନଗିରି ଜିଲ୍ଲା ର କିଛି କିନ୍ନର କର୍ମ ନିଯୁକ୍ତି ପାଇଛନ୍ତି, ଆଉ କିଛି କିନ୍ନର ଏବେବି ସରକାରୀ ସହାୟତାରୁ ବଂଚିତ,ତେଣୁ ଆମେ ଜିଲ୍ଲାପାଳ ଙ୍କୁ ଏହି ଅନୁରୋଧ କରୁଅଛୁ କି ଯେଉଁ କିନ୍ନର ମନେ କର୍ମ ନିଯୁକ୍ତି ପାଇ ନାହାଁନ୍ତି ,ସେମାନଙ୍କୁ କର୍ମ ନିଯୁକ୍ତି ଦିଆଯାଉ, କାରଣ ସେମାନେ ଭିକ୍ଷାବୃତି କରି ଅନେକ ଅସୁବିଧାର ସମ୍ମୁଖୀନ ହୋଉଛନ୍ତି, ଏଥିପାଇଁ ସମ୍ପୂର୍ଣ୍ଣ ରୂପେ ଭିକ୍ଷାବୃତି ବନ୍ଦ କରିବା ପାଇଁ ନିଯୁକ୍ତି ଆବଶ୍ୟକତା ରହିଛି ଏବଂ କିଛି ଯୁବକ କିନ୍ନର ରୂପ ଧାରଣ କରି ଟଙ୍କା ଆଦାୟ କରୁଛନ୍ତି, ଏଣୁ କିନ୍ନର ମାନଙ୍କ ପଞ୍ଜିକରଣ କରାଯାଉ। କିନ୍ନର ମାନଙ୍କ ଶିକ୍ଷା ଗତ ଯୋଗ୍ୟତା ଦେଖି ସେମାନଙ୍କୁ କର୍ମ ନିଯୁକ୍ତି ଦିଆଯାଉ ଆଉ ଯେଉଁ ମାନେ ଅଶିକ୍ଷିତ ସେମାନଙ୍କୁ ବ୍ୟବସାୟ ପାଇଁ ସରକାରଙ୍କ ତରଫରୁ ଲୋନ ଦିଆଯାଉ ଯାହା ଦ୍ୱାରା ସ୍ୱଭିମାନ ର ସହ କିନ୍ନର ମାନେ ବଂଚି ପାରିବେ। ପୂର୍ବତନ ସଭାପତି ପିଙ୍କି କହିବାନୁସାରେ ପୂର୍ବରୁ ପ୍ରଶାସନ ଠାରୁ ସରକାରୀ ସୁବିଧା ପାଇବା ପରେ ଭିକ୍ଷାବୃତି କରିପାରିବେ ନାହିଁ କିନ୍ତୁ ଯେଉଁମାନେ ଏହିସବୁ ସୁବିଧା ର ଫାଇଦା ଉଠାଉଛନ୍ତି ସେମାନଙ୍କୁ ମନାକରିବାରୁ ବର୍ତମାନ କିନ୍ନରଙ୍କ ମଧରେ ଫାଟ ସୃଷ୍ଟି ହୋଇଛି।

# ପଶୁଙ୍କ ପ୍ରେମରେ ଅଂଜନ : ଲକଡାଉନ୍ ଆରମ୍ଭରୁ ରାତିରେ ବୁଲି ବାଂଟୁଛନ୍ତି ଖାଦ୍ୟ

ଭଦ୍ରକ, ୨୭/୯ (ହି.ସ.) - ଲକଡାଉନ୍ ସହରର ନିର୍ଜନ ରାତି। ପୁଲିସ୍ ଗାଡି ଓ ଆମ୍ବୁଲାନ୍ସର ସାଇରନ ନୀରବ ପରିବେଶକୁ ଭୟଙ୍କର ଗଢି ତୋଳିଥାଏ। ଠିକ୍ ଏତିକିବେଳେ କୌଣସି ଜଣେ ବ୍ୟକ୍ତି ସ୍କୁଟିରେ ଆସନ୍ତି। ମୁହଁରେ ମାସ୍କ। ବିଭିନ୍ନ ଛକ ସ୍ଥାନ ମାନଙ୍କରେ କୁକୁରଙ୍କ ପାଇଁ ପତ୍ରରେ ବାଢି ଦିଅନ୍ତି କିଛି ଖାଦ୍ୟ। ତା ପରେ ସେ ସ୍ଥାନ ଛାଡି ଚାଲିଯାଆନ୍ତି। ଏମିତି କିଛି ଦୃଶ୍ୟ ସୋସିଆଲ ମିଡିଆରେ ଦେଖିବାକୁ ମିଳୁଥିଲା। କିନ୍ତୁ ତାଙ୍କର ପରିଚୟ ଜାଣି ହେଉନଥିଲା। କିନ୍ତୁ ଲକଡାଉନ୍ କଟକଣା କୋହଳ ହେବା ପରେ ଚଳଚ ଳ ହୋଇଛି ବଜାର। ଆଉ ଏହି ଅଜଣା ବ୍ୟକ୍ତିଙ୍କ ପରିଚୟ ସଂପର୍କରେ ଜଣାପଡିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ନିକଟବର୍ତ୍ତୀ ଗୁହାରିଆ ସାହିର ଅଂଜନ କୁମାର ମହାନ୍ତି। ୬ ମାସ ପୂର୍ବେ ଜୀବନ ବୀମା ନିଗମ କାର୍ଯ୍ୟାଳୟରୁ ଅବସର ଗ୍ରହଣ କରିଥିବା ଅଂଜନ ଏବେ ନିଜର ପତ୍ନୀ ଓ ଏକମାତ୍ର ପୁତ୍ର ସହ ଅପର୍ତିବିନ୍ଧା ନ୍ୟୁ କଲୋନୀର ନିଜର ନୂତନ ଘରେ ରହିବା ସହ ନିଜର ମାର୍ବଲ ବିଜିନେସ୍ ଚଳାଉଛନ୍ତି। ମାର୍ଚ୍ଚ ମାସ ଶେଷ ସପ୍ତାହରୁ ଆଜିପର୍ଯ୍ୟନ୍ତ ଏପରି କରି ଚାଲିଛନ୍ତି ଅଂଜନ। ରାତି ୧୦ ବାଜିଲେ ସ୍କୁଟି ଧରି ଘରୁ ବାହାରନ୍ତି। ଆଗରେ ଥାଏ ୩ଟି ବଡ ବ୍ୟାଗ୍। ଦୁଇଟି ବ୍ୟାଗ୍‌ରେ ୧୪ କେଜି ଚାଉଳର ଭାତ ଓ ଅନ୍ୟଟିରେ ୨ କେଜିର ମାଛ ତରକାରୀ। ଏଥିସହିତ କିଛି ପତ୍ର ମଧ୍ୟ। ସ୍କୁଟି ଡିକିରେ ଥାଏ କିଛି ବିସ୍କୁଟ। ମହତାବ ଷ୍ଟେଚ୍ୟୁ ଠାରୁ ଆରମ୍ଭ ହୁଏ ବୁଲା କୁକୁରଙ୍କୁ ଖାଦ୍ୟ ବାଂଟିବା। ଶେଷ ହୁଏ ରାଜଘାଟ ଛକରେ। ଏହି ସମୟରେ ପ୍ରାୟ ୨ ଶହ କୁକୁରଙ୍କୁ ଖାଦ୍ୟ ଦେଇଥାଆନ୍ତି ଅଂଜନ। ବୁଲା ଗୋରୁ ଓ ଷଣ୍ଢଙ୍କୁ ମଧ ଭାତ ଦେଇଥାଆନ୍ତି। ୨ ଘଂଟାର ଏତକ କାମ ପରେ ପୁଣି ଫେରିଆସନ୍ତି ଅଂଜନ ନିଜ ଘରକୁ। କେବଳ କୁକୁର ନୁହେଁ, ବିଲେଇଙ୍କ ପ୍ରତି ମଧ ରହିଛି ତାଙ୍କର ଅପୂର୍ବ ଦୁର୍ବଳତା। ଘରେ ଅଛନ୍ତି ୩୨ ଟି ବିଲେଇ। ନିଜ ଘରର ତୃତୀୟ ମହଲାକୁ ଭଡା ନଲଗାଇ ସେ ଏହି ବିଲେଇଙ୍କ ପାଇଁ ଛାଡି ଦେଇଛନ୍ତି। ବର୍ତମାନ ମଣିଷ ବସ୍ତୁବାଦୀ ହୋଇପଡିଛି। ସମସ୍ତେ ନିଜ ସ୍ୱାର୍ଥ ପଛରେ ଧାଉଁଛନ୍ତି। ଏଥିରେ କୌଣସି ଭୁଲ୍ ନାହିଁ। ତଥାପି ଆମେ ଏହି ପଶୁଜାତି ପ୍ରତି ସମ୍ବେଦନଶୀଳ ହେବାରେ କ୍ଷତି ମଧ କିଛି ନାହିଁ ବୋଲି କୁହନ୍ତି ଅଂଜନ। ଲକଡାଉନ୍ ସମୟର ସବୁ ଦୋକାନ ବଜାର ବନ୍ଦ ଥିଲାବେଳେ ପୌରକର୍ତ୍ତୃପକ୍ଷ ବୁଲା କୁକୁରଙ୍କୁ ଖାଇବାକୁ ଦେଇ ଫଟୋ ଉଠାଇ ଟ୍ୱିଟରରେ ପୋଷ୍ଟ କରି ଆସୁଥିବାବେଳେ, ଅଂଜନଙ୍କ ଏପରି ନୀରବ ପଶୁପ୍ରେମ ନିଶ୍ଚିତ ନିଆରା।

## କଟକରେ ଗତ ୨୪ ଘଂଟା ମଧ୍ୟରେ ମାସ୍କ ନ ପିନ୍ଧିଥିବାରୁ ୨୮୯ ଜଣଙ୍କ ଠାରୁ ଜୋରିମାନା

ଭୁବନେଶ୍ୱର,୨୭।୯ (ନି.ପ୍ର): କମିଶନରେଟ ପୋଲିସ ଗତ ୨୪ ଘଂଟା ମଧ୍ୟରେ ମାସ୍କ ପିନ୍ଧି ନ ଥିବା ଅଭିଯୋଗରେ କଟକରେ ୨୮୯ ଜଣଙ୍କ ଠାରୁ ଜୋରିମାନା ଆଦାୟ କରିଛି। ସେହିପରି ସାମାଜିକ ଦୂରତ୍ୱ ନିୟମ ପାଳନ କରି ନ ଥିବା ଅଭିଯୋଗରେ ୧୨୬୭ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। ମୋଟର ଯାନ ଆଇନ୍ ଓ ଓଡିଶା ସହରାଂଚଳ ପୋଲିସ ଆଇନ୍ ଉଲ୍ଲଂଘନ କରିଥିବା ୩୧୧ ଜଣଙ୍କ ଠାରୁ ଜୋରିମାନା ଆଦାୟ କରା ଯାଇଛି। କଟକ ଡିସିପି ଟ୍ୱିଟ କରି ଏହି ସୂଚନା ଦେଇଛନ୍ତି।

# ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ : ବିଧାନସଭାରେ ଉଠାଇବେ ବିଜୁଳି ଦର ବୃଦ୍ଧି

### ମନୁଷ୍ୟକୃତ ବନ୍ୟା, ବଗଲା ଧର୍ମଶାଳା , ତୃଟିପୂର୍ଣ୍ଣ କୋଭିଡ-୧୯ ପରିଚାଳନା ପ୍ରସଙ୍ଗ

ଭୁବନେଶ୍ୱର,୨୭।୯ (ନି.ପ୍ର): ଆସନ୍ତା ୨୯ ତାରିଖରୁ ମୌସୁମୀକାଳୀନ ରାଜ୍ୟ ବିଧାନସଭା ବୈଠକ ଅନୁଷ୍ଠିତ ହେବାର ସ୍ଥିର ହୋଇଛି। ମୁଖ୍ୟ ବିରୋଧୀ ଦଳ ଭାବେ ଭାରତୀୟ ଜନତା ପାର୍ଟୀ ରାଜ୍ୟବାସୀଙ୍କ ସମସ୍ୟା ଓ ଅଭିଯୋଗଗୁଡିକ ବିଧାନସଭାରେ ଉପସ୍ଥାପନ କରିବ। ରଣନୀତି ପ୍ରସ୍ତୁତି ପାଇଁ ଆଜି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକ ୱେବିନାର ଭିଡିଓ କନଫରେନ୍ସ ମାଧ୍ୟମରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକ, ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡଙ୍ଗୀ, ବରିଷ୍ଠ ନେତା ଓ ସାଂସଦ ଜୁଏଲ ଓରାମ, ସୁରେଶ ପୁଜାରୀ, କେ.ଭି.ସିଂହଦେଓ, ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ମୁଖ୍ୟ ସଚେତକ ମୋହନ ମାଝୀଙ୍କ ସମେତ ସମସ୍ତ ବିଧାୟକ, ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନ, ଗୋଲକ ମହାପାତ୍ର, ରବି ନାଏକ ଏବଂ ଡ,ଲେଖାଶ୍ରୀ ସାମନ୍ତସିଂହାର ପ୍ରମୁଖ ସାମିଲ ହୋଇଥିଲେ। ବିଜୁଳି ଦର ବୃଦ୍ଧି, ସାଂପ୍ରତିକ ମନୁଷ୍ୟକୃତ ବନ୍ୟା, ବଗଲା ଧର୍ମଶାଳା ଜମି ଦୁର୍ନୀତି, ତୃଟିପୂର୍ଣ୍ଣ କୋଭିଡ-୧୯ ପରିଚାଳନା, ପ୍ରବାସୀ ଓଡିଆ ଶ୍ରମିକ ସମସ୍ୟା, ନୂତନ ଓଡିଶା ବିଶ୍ୱବିଦ୍ୟାଳୟ ଆଇନ, ସାର ଦୁର୍ନୀତି, ଓଏମବିଡିଏସି/ ଡିଏମଏଫ/କାଂପା ଫଣ୍ଡର ବ୍ୟାପକ ଅନୀୟମିତତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଦୁର୍ନୀତି ଆଦି ମୁଖ୍ୟ ପ୍ରସଙ୍ଗ ରହିବ। ସେହିପରି ଆୟୁଷ୍ମାନ ଭାରତ ଯୋଜନାରେ ଓଡିଶା ସାମିଲ, ପ୍ରଧାନମନ୍ତ୍ରୀ କିଶାନ ଯୋଜନାରେ ହିତାଧିକାରୀଙ୍କ ସଂଖ୍ୟା କ୍ରମଶଃ ହ୍ରାସ ପାଇବା ସଂପର୍କରେ ମଧ ବିଧାନସଭା ଅଧିବେସନରେ ଆଲୋଚନା କରାଯିବ ବୋଲି ମୁଖ୍ୟ ସଚେତକ ମୋହନ ମାଝୀ ବୈଠକ ପରେ ସୁଚନା ଦେଇ କହିଛନ୍ତି।

# 'ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗ'ର ଶପଥ ଗ୍ରହଣ ଉତ୍ସବ

## ପଦମର୍ଯ୍ୟାଦା ସମ୍ପର୍କରେ ନବ ନିର୍ବାଚିତଙ୍କୁ ଜିଲ୍ଲା ଗଭର୍ଣ୍ଣରଙ୍କ ପରାମର୍ଶ




ବାଲେଶ୍ୱର,୨୭।୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଲାୟନ୍ସ କ୍ଲବ ଉମଙ୍ଗର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ସ୍ଥାନୀୟ ହୋଟେଲ ଲକ୍ସି ଇଣ୍ଟରନ୍ୟାସନାଲରେ ଆଜି ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପୂର୍ବତନ ଜିଲ୍ଲା ଗଭର୍ଣ୍ଣର ପ୍ରକାଶ ଜେନା ବରେଣ୍ୟ ଅତିଥି ଭାବେ ଯୋଗଦେଇ ନୂତନ କର୍ମକର୍ତ୍ତାଙ୍କୁ ପଦବୀର ଗୋପନୀୟତା ସମ୍ପର୍କରେ ଶପଥ ପାଠ କରାଇଥିଲେ। ଜିଲ୍ଲା ଗଭର୍ଣ୍ଣର ପ୍ରଫୁଲ୍ଲ ସାମଲ ଓ ଜିଲ୍ଲା ଉପ-ଗଭର୍ଣ୍ଣ ଭଗବାନ ଗୁପ୍ତା ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ନବ ନିର୍ବାଚିତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇବା ସହ ଦାୟିତ୍ୱବୋଧତା ତଥା ପଦ ମର୍ଯ୍ୟାଦା ସମ୍ପର୍କରେ ପରାମର୍ଶ ଦେଇଥିଲେ। ନବ ନିର୍ବାଚିତ ସଭାପତି ମନିଷା ଦାସ, ସମ୍ପାଦିକା ସ୍ନେହା ସରାଓ୍ୱଗୀ, କୋଷଧ୍ୟକ୍ଷା ଦର୍ଶନା ସାଙ୍ଗଭିଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ଏହି ଉତ୍ସବରେ ଶପଥ ଗ୍ରହଣ କରିଥିଲେ। ଲାୟନ ଲୀନା ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଲାୟନ ପ୍ରଜ୍ଞା ନାୟକ ମଞ୍ଚ ପରିଚାଳନା ସହ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ୟାବିନେଟ୍ ସେକ୍ରେଟାରୀ ଶରତ ପ୍ରଧାନ, ରିଜିଓନାଲ ଚେୟାରପର୍ସନ ସୁନୀଲ ମୋଦିଙ୍କ ସମେତ ମମତା ଦାସ, କ୍ରିଷ୍ଟା ଦାସ, ସୁମିତା ଦତ୍ତ, ମୀନତି ବଳିଆରସିଂହ, ବି ବବିତା, ପୂରବୀ ଦାସ, ଅମ୍ରିତା ଦତ୍ତ, ଗୋମତି ରଣା, ବବଲି ଖଣ୍ଡେଲୱାଲ, ଦୀପିକା ଦାଶ, ଗୀତାଞ୍ଜଳି ସେଠୀ, ରଶ୍ମିରେଖା ପଣ୍ଡା, ଗାର୍ଗୀ ସେନଗୁପ୍ତା, ସାଗରିକା ମହାନ୍ତି, ଯାଜ୍ଞେଶିନୀ ଦାଶ, ସରୋଜିନୀ ଦାସ ପ୍ରମୁଖ ଏଥିରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ସରକାରଙ୍କ କୋଭିଡ୍ ନିୟମ ପାଳନ ପୂର୍ବକ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଯୁବଯାଦବ ସଙ୍ଗଠନ ଉତ୍ସବ; ସମ୍ବର୍ଦ୍ଧନା ଓ ବୃକ୍ଷରୋପଣ

ଭଦ୍ରକ,୨୭।୯ (ନି.ପ୍ର): ଭଣ୍ଡାରିପୋଖରୀ କଲ୍ୟାଣମଣ୍ଡପ ପରିସରରେ ଭଦ୍ରକ ଜିଲ୍ଲା ଯୁବ ଯାଦବ ସଙ୍ଗଠନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ଉତ୍ସବ ରବିନାରାୟଣ ଖିଲାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ସହ ବୃକ୍ଷରୋପଣ କରାଯାଇଛି। ଏହି ଉତ୍ସବକୁ ବିଜେପି ନେତା ବଦ୍ରୀନାରାୟଣ ଧଳ ଭଗବାନ ଶ୍ରୀକୃଷ୍ଣଙ୍କ ଫଟୋ ଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ଜ୍ୱଳନ କରି ଉଦଘାଟନ କରିଥିଲେ। ଉଦଘାଟକ ଶ୍ରୀ ଧଳ ଭଗବାନ ଶ୍ରୀକୃଷ୍ଣଙ୍କ ଅଦର୍ଶରେ ସମର୍ପିତ ଯାଦବ ସମ୍ପ୍ରଦାୟର ଭାରତୀୟ ସଂସ୍କୃତି ପ୍ରତି ଅବଦାନ ସମ୍ପର୍କରେ ଉଲ୍ଲେଖ କରି ସତ୍ୟ ଓ ଧର୍ମମାର୍ଗରେ ପରିଚାଳିତ ହେଉଥିବା ସଙ୍ଗଠନର ସାମାଜିକ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ରାଜ୍ୟ ସମ୍ପାଦକ ଅମର ନାୟକ, ଭଣ୍ଡାରିପୋଖରୀ ପଂଚାୟତ ସମିତି ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ, ଯାଦବ ସଂଘ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନିଲ ବାରିକ, ବ୍ଲକ ସଭାପତି ଧ୍ରୁବଚରଣ ବାରିକ, ଜିଲ୍ଲା ଯୁବ ଯାଦବ ସଙ୍ଗଠନ ସମ୍ପାଦକ ସନ୍ତୋଷ ଦାସ, ବ୍ଲକ ସମ୍ପାଦକ ହରେକୃଷ୍ଣ ନାୟକ, ପ୍ରକାଶ ମହାପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମନୋରଞ୍ଜନ ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓ ସନ୍ତୋଷ କୁମାର ଦାସ ଧନ୍ୟବାଦ ପ୍ରଦାନ କରିଥିଲେ। ଏହି ଅବସରରେ ଯୁବ ଯାଦବ ସଙ୍ଗଠନ ପକ୍ଷରୁ କଲ୍ୟାଣମଣ୍ଡପ ପରିସରରେ ବୃକ୍ଷ ରୋପଣ କରାଯିବା ସହ ଏକ ସମ୍ବର୍ଦ୍ଧନା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ବିଶିଷ୍ଟ କଳାକାର ଓ ଓସ୍ତାତ ଟେରୁ ପଣ୍ଡାଙ୍କ ପରଲୋକ : କଳାକାର ମହଲରେ ଶୋକ

ଜଳେଶ୍ୱର, ୨୭/୯ (ନି.ପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ନାମ୍ପୋ ଗାଁର ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠାତା ଓ ଜଗନ୍ନାଥ ସଂସ୍କୃତିର ପୃଷ୍ଠପୋଷକ ତଥା ବିଶିଷ୍ଟ କଳାକାର, ହାସ୍ୟରସର, ଯାଦୁକର, ସଂଗୀତ ନିର୍ଦ୍ଦେଶକ, ଓଡିଶୀ ନୃତ୍ୟ ଶିଳ୍ପୀ ଓ ତବଲା ବାଦକ ତଥା ଚିତ୍ରକର ଟେରୁ ପଣ୍ଡା (ଧନେଶ୍ୱର ପଣ୍ଡା) ଗତ ଶୁକ୍ରବାର ମଧ୍ୟାହ୍ନରେ ପରଲୋକ ଗମନ କରିଛନ୍ତି। ଅନ୍ନପୂର୍ଣ୍ଣ ଥିଏଟରର ସୁପରିଚିତ କଳାକାର ମିଷ୍ଟ ଭାଷି ସ୍ୱର୍ଗତ ପଣ୍ଡାଙ୍କ ଜନ୍ମସ୍ଥାନ ବାଲେଶ୍ୱର ବାରବାଟି ଗ୍ରାମ ହୋଇଥିଲେ ମଧ୍ୟ ସେ ନାମ୍ପୋ ଠାରେ ବହୁ ବର୍ଷ ଧରି ଘରତୋଳି ବସବାସ କରି ଆସୁଥିଲେ। ଯାତ୍ରା ଓ ଥିଏଟର ଜଗତକୁ ତାଙ୍କର ଅବଦାନ ଅବର୍ଣ୍ଣନୀୟ। ସେ ଜଣେ ଚଳଚିତ୍ର ବଂଶୀବାଦକଭାବେ ପରିଚିତ ଥିଲେ। ଅନ୍ନପୂର୍ଣ୍ଣ ଥିଏଟର ପରେ କଂସା ବାସନ, ହାଟ ବାହୁଡା ଓ ଅମଡା ବାଟରେ ହାସ୍ୟ ଅଭିନୟ ସୃଷ୍ଟି କରି ସେ ଜନମନ କଣିପାରିଥିଲେ। ୮୪ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ ମଧ୍ୟ ପୂର୍ବରୁ ତାଙ୍କର ପତ୍ନୀଙ୍କର ବିୟୋଗ ଓ ବଡ ଝିଅ ଓ ପୁଅଙ୍କର ବିୟୋଗ ଘଟିସାରିଥିଲା। ଝିଅ ସୁଚିସ୍ମିତା ପଣ୍ଡା ବାଲେଶ୍ୱରସ୍ଥିତ ବାଲିଘାଟ ମୋକ୍ଷଠାରେ ମୁଖାଗ୍ନି ଦେଇଥିଲେ। ମୃତ୍ୟୁ ବେଳେ ଦୁଇ ଝିଅ, ନାତି ନାତୁଣୀ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ଜଣାଯିବାପରେ ଉତ୍ତର ବାଲେଶ୍ୱରର କଳାକାର ମହଲରେ ଶୋକର ଛାୟା ଖେଳି ଯାଇଛି। ତାଙ୍କ ମୃତ୍ୟୁରେ ବିଧାୟକ ଅଶ୍ୱିନୀ ପାତ୍ର, ମାନସ ଜେନା, ଜାମିନୀ ଦତ୍ତ, ବାଣିଦାସ ମହାପାତ୍ର, ପ୍ରଣବେଶ ମହାନ୍ତି, ବିଦୁ ଭୂଷଣ ଦାସ, ରାମ ଶଂକର ଜେନା, ମୁନା ଜେନା, ସୁଶିଲ ପରିଡା ପ୍ରମୁଖ ବହୁ ବ୍ୟକ୍ତି ଶୋକ ସନ୍ତପ୍ତ ପରିବାରକୁ ଶାନ୍ତ୍ୱନା ପ୍ରଦାନ କରିଛନ୍ତି।

# ମୃତ କୋଭିଡ ରୋଗୀଙ୍କ ଶବ ଦାହକୁ ବିରୋଧ

## ପୁଣି ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବା ସହିତ ସ୍ୱର୍ଗରଥ ଗାଡିକୁ କଲେ ଭଙ୍ଗାରୁଜା



ବାରିପଦା ,୨୭।୯ (ନି.ପ୍ର): ବାରିପଦା ପୌରାଂଚଳର ୨୨ ନମ୍ବର ଓ୍ୱାର୍ଡ ରଘୁନାଥପୁର ଅଂଚଳର ମଇଳାଖାଦାନ ପରିସରରେ ନିର୍ମିତ ସ୍ୱତନ୍ତ୍ର ଶ୍ମଶାନରେ କରୋନା ସଂକ୍ରମିତ ଶବଦାହକୁ ବିରୋଧ କରି ସ୍ଥାନୀୟ ଅଧିବାସୀ ମାନେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧରେ ବସିବା ସହିତ ଉତେଜନା ଦେଖାଯାଇଛି। ମୟୂରଭ ଜିଲ୍ଲା ପ୍ରଶାସନ ପକ୍ଷରୁ କୋଭିଡରେ ଆକ୍ରାନ୍ତ ହୋଇ ମୃତବରଣ କରିଥିବା ବ୍ୟକ୍ତିଙ୍କ ଶବଦାହକୁ ବିରୋଧ କରି ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ପ୍ରତିବାଦ କରିବା ସହିତ ରାସ୍ତା ଅବରୋଧ କରାଯାଇଛି। ସୂଚନାଯୋଗ୍ୟ, ରବିବାର ଦିବା ସମୟରେ କୋଭିଡରେ ଆକ୍ରାନ୍ତ ହୋଇ ମୃତବରଣ କରିଥିବା ବ୍ୟକ୍ତିଙ୍କ ଶବକୁ ଦାହ ନିମନ୍ତେ ସ୍ଥାନୀୟ ୨୨ ନମ୍ବର ଓ୍ୱାର୍ଡ ରଘୁନାଥପୁର ଅଂଚଳର ମଇଳାଖାଦାନକୁ ନିଆ ଯାଇଥିଲା। ଏହାକୁ ସ୍ଥାନୀୟ ଅଂଚଳର ଲୋକମାନେ ବିରୋଧ କରିବା ସହିତ ମୃତ ବ୍ୟକ୍ତିଙ୍କ ଶବ ନେଇ ଯାଇଥିବା ସ୍ୱର୍ଗରଥ ଉପରେ ଆକ୍ରମଣ କରି ଭଙ୍ଗାରୁଜା କରିଥିବାର ଜଣାଯାଇଛି। ସ୍ଥାନୀୟ ଲୋକମାନଙ୍କ ଅଭିଯୋଗ ଅନୁଯାୟୀ ଜିଲ୍ଲା ପ୍ରଶାସନ କରୋନାରେ ପୀଡିତ ହୋଇ ମୃତ୍ୟୁ ବରଣ କରିଥିବା ଶବକୁ ଆଣି ଏଠାରେ ଦାହ କରୁଛନ୍ତି। ଯାହା ଫଳରେ ଶବଟିର ପୋଡା ଧୂଆଁ ପବନ ଆଖ ପାଖ ଅଂଚଳକୁ ବିଷାକ୍ତ କରୁଛି। ସ୍ଥାନୀୟ ଲୋକମାନେ ସଂକ୍ରମଣ ଶିକାର ହେବାର ବହୁ ସମ୍ଭାବନା ରହିଛି। ତେବେ ଏନେଇ କିଛି ଦିନ ପୂର୍ବରୁ ସ୍ଥାନୀୟ ଲୋକମାନେ ବାରିପଦା-କୋଷ୍ଟା ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ବାରିପଦା ତହସିଲଦାର ଓ ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଘଟଣା ସ୍ଥଳରେ ଲୋକମାନଙ୍କୁ ବୁଝା ସୁଝା କରିବା ପରେ ଏହି ରାସ୍ତା ଅବରୋଧ ହଟିଥିଲା। ଶନିବାର ଦିନ ମଧ ପ୍ରସାଶନ ପକ୍ଷରୁ ଉକ୍ତ ରଘୁନାଥପୁର ମଶାଣିରେ ଦୁଇଟି କୋଭିଡ ଆକ୍ରାନ୍ତ ଶବଦାହ ପାଇଁ ନିଆଯାଇଥିବା ବେଳେ ପୁଣି ଉତେଜନା ପ୍ରକାଶ ପାଇଥିବାର ଦେଖାଯାଇଥିଲା। ବହୁ ସଂଖ୍ୟାରେ ମହିଳା ମାନେ ଏକତ୍ରିତ ହୋଇ ରାସ୍ତା ଉପରେ ଛିଡା ହୋଇ ଶବଦାହକୁ ବିରୋଧ କରୁଥିବାର ଦେଖା ଯାଇଥିଲା। ତେବେ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇ ଶବଦାହ କାର୍ଯ୍ୟ ସମ୍ପାଦନ କରାଯାଇଥିଲା। ତେବେ ଏନେଇ ସେମାନେ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅବଗତ କରିଥିଲେ ମଧ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନଯିବାରୁ ଆଜି ଗ୍ରାମବାସୀ ମାନେ ଦାହ ପାଇଁ ଆସିଥିବା କୋଭିଡ ଆକ୍ରାନ୍ତ ଶବ ଦାହକୁ ବିରୋଧ କରିଥିଲେ। ଏଥି ସହିତ ସ୍ୱର୍ଗରଥ ଗାଡିକୁ ଭଙ୍ଗାରୁଜା କରିବା ସହିତ ରାସ୍ତା ଅବରୋଧ କରି ବସିଥିଲେ। ସ୍ଥାନୀୟ ତହସିଲଦାର ଓ ପୁଲିସ ଅଧିକାରୀ ମାନେ ଘଟଣାସ୍ଥଳରେ ପହଂଚି ଲୋକଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ କିନ୍ତୁ ବିଫଳ ହୋଇଥିଲେ। ଜିଲ୍ଲାପାଳ ଉକ୍ତ ସ୍ଥାନକୁ ଆସି ଘଟଣାର ବାବଦରେ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା ନକରିବା ଯାଇଁ ଏମିତି ଅବରୋଧ ଜାରି ରହିବ ବୋଲି ସ୍ଥାନୀୟ ଲୋକମାନେ କହିଥିଲେ। ବହୁ ସମୟର ବୁଝାସୁଝା ପରେ ଉକ୍ତ ରାସ୍ତା ଅବରୋଧଟି ହଟିଥିଲା। ପୁଲିସ ପକ୍ଷରୁ ଘଟଣାସ୍ଥଳରେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଦେବାଶିଷ ଖାଡଙ୍ଗାଙ୍କୁ ରାୟଗଡ଼ା ଜିଲ୍ଲା ବିଜେଡ଼ି ଯୁବ ସଭାପତି ଭାବେ ନିଯୁକ୍ତି

ରାୟଗଡ଼ା ,୨୭।୯ (ନି.ପ୍ର):ରାୟଗଡ଼ା ଜିଲ୍ଲାରେ ଗତ କିଛିମାସ ହେବ ବିଭିନ୍ନ ସଂଗଠନ ଗୁଡିକର କର୍ମକର୍ତ୍ତାଙ୍କ ଚୟନ ପ୍ରକ୍ରିୟା ଚାଲିଥିବା ବେଳେ, ଏହି କ୍ରମରେ ରାୟଗଡା ଜିଲ୍ଲା ବିଜୁ ଜନତା ଦଳର ମଧ ନୂତନ କମିଟି ଚୟନ ହୋଇଯାଇଛି। ରାୟଗଡା ଜିଲ୍ଲାର ଜ୍ୟୋତି ପ୍ରକାଶ ସାହୁ ଏହି ଦଳର ରାଜ୍ୟ ସମ୍ପାଦକ ଭାବେ ଘୋଷଣା ହୋଇଥିବା ବେଳେ, ଜିଲ୍ଲା ସଭାପତି ଭାବେ ଦେବାଶିଷ ଖାଡଙ୍ଗାଙ୍କୁ ନିଯୁକ୍ତି କରାଯାଇଛି। ଦେବାଶିଷ ଏକାଧାରରେ ଜଣେ କର୍ମଠ, ମେଳାପୀ ଓ ସାଙ୍ଗଠନିକ ସ୍ୱଭାବର ଲୋକ। ଦଳପାଇଁ ସବୁବେଳେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କରିଥିଲେ। ଶ୍ରୀଯୁକ୍ତ ଖାଡଙ୍ଗା ପୂର୍ବରୁ ଦଳର ଆଇଟି ସେଲର କାର୍ଯ୍ୟଭାର ଅତି ସୁନ୍ଦର ଭାବରେ ତୁଲାଉଥିଲେ। ସଭାପତି ପଦବୀ ପାଇଁ ଅନେକ ସଭ୍ୟ ଆଶାୟୀ ଥିଲେ ବି ସମସ୍ତଙ୍କୁ ପଛରେ ପକାଇ ଦେବାଶିଷ ହିଁ ଶେଷରେ ସଭାପତି ପଦବୀ ମଣ୍ଡନ କରିଥିଲେ। ଦଳ ପାଇଁ ଦୀର୍ଘଦିନ ଧରି ନିରବଛିନ୍ନ ଭାବେ ବହୁତ କିଛି ସେବା କରି ଆସୁଥିଲେ। ଦେବାଶିଷ ବିଜୁ ଯୁବ ଜନତା ଦଳର ଜଣେ ଶୃଙ୍ଖଳିତ ତଥା ନିଷ୍ଠାପର କର୍ମୀ ଥିଲେ। ଆଗକୁ ଦଳକୁ ଶୃଙ୍ଖଳିତ ଓ ସଙ୍ଘଠିତ କରି ସମସ୍ତ କାର୍ଯ୍ୟକର୍ତ୍ତା କର୍ମୀଙ୍କୁ ନେଇ ଦଳକୁ ଆହୁରି ମଜବୁତ କରିବି ବୋଲି ସେ କହିଛନ୍ତି। ବିଜୁ ଜନତା ଦଳ ପ୍ରତି ଦେବାଶିଷଙ୍କର ଅବଦାନକୁ ଲକ୍ଷ୍ୟକରି ଦଳ ମୁଖିଆ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦେବାଶିଷଙ୍କୁ ଏହି ଗୁରୁଦାୟିତ୍ୱ ପ୍ରଦାନ କରିଥିଲେ। ସେଥିପାଇଁ ଶ୍ରୀଯୁକ୍ତ ଖାଡଙ୍ଗା ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧନ୍ୟବାଦ ଜ୍ଞାପନ କରିଥିଲେ। ସଭାପତି ପଦମଣ୍ଡନ କରିଥିବା ଦେବାଶିଷଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଶୁଭକାମନାର ସୁଅ ଛୁଟି ଆସିବା ସହ ତାଙ୍କ ଚଲାପଥ କୁସୁମିତ ହେବାର ଆଶିଷ ପ୍ରଦାନ କରିଛନ୍ତି।

### ସ୍ୱର୍ଗତଃ ବିଜୟ...

ଜୀବନକାଳ ବ୍ୟାପି ସାମ୍ବାଦିକ ମାନଙ୍କୁ ଯେଉଁସବୁ ଅଗ୍ରାଧିକାର ଦେଇଛନ୍ତି ସେ ସଂପର୍କରେ ମଧ୍ୟ ଆଲୋଚନା କରାଯିବାସହ ତାଙ୍କର ସ୍ମୃତିଚାରଣ କରାଯାଇଥିଲା। ସମ୍ବାଦ ସହ ସ୍ୱର୍ଗତଃ ପଟ୍ଟନାୟକଙ୍କର ସମ୍ପର୍କ ଓ ସାହିତ୍ୟାନୁରାଗ ସମ୍ବନ୍ଧରେ ଉପସ୍ଥିତ ବ୍ୟକ୍ତିବିଶେଷ ସୁଚନା ଦେବାସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ବିଶେଷକରି ସ୍ୱର୍ଗତଃ ପଟ୍ଟନାୟକ ଜଗତସିଂହପୁର ଜିଲ୍ଲାର ଜଣେ ସୁପୁତ୍ର ଭାବେ ପରିଚିତ ଥିଲେ। ଏହି ଶ୍ରଦ୍ଧାଳି ସଭାରେ ପାରାଦୀପ ପ୍ରେସ୍ ମିଡିଆର ସଭାପତି ବସନ୍ତ କୁମାର ସାହୁ, କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ପରିଡା, ଉପସଭାପତି ଅରୁଣ କୁମାର ଓଝା, ସାଧାରଣ ସଂପାଦକ ବଟକୃଷ୍ଣ ଦାସ, ସହସଂପାଦକ ମନୋଜ କୁମାର ଦାସ, କୋଷାଧକ୍ଷ ସୁରେନ୍ଦ୍ର କୁମାର ବିଶ୍ୱାଳ, ସ୍ତମ୍ଭକାର ଅକ୍ଷୟ କୁମାର ରାଉତ, ବରିଷ୍ଠ ସାମ୍ବାଦିକ ଅଜିତ୍ କୁମାର ଦାସ, ରାକେଶ କୁମାର ପଟନାୟକ, ଭୃଗୁ ପ୍ରସାଦ ବେଉରା, ମନୋଜ କୁମାର ମହାନ୍ତି, ରଶ୍ମିରଂଜନ ରାଉତରାୟ, ସୁମନ୍ତ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ସ୍ୱାଇଁ, ଦିପକ କୁମାର ବାରିକ, ପର୍ଶୁରାମ ମନ୍ତ୍ରୀ, ବବୃବାହାନ ରାଉତ, ଜ୍ଞାନରଂଜନ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ରାଉତ, ପ୍ରଭାତ ମହାପାତ୍ର, ଅରକ୍ଷିତ ଦାସ, ନୃସିଂହ ଚରଣ ବାରିକଙ୍କ ସମେତ ବିଭିନ୍ନ ବର୍ଗର ମାନ୍ୟଗଣ୍ୟ ବ୍ୟକ୍ତି ଓ ବୁଦ୍ଧିଜିବୀ ସାମିଲ୍ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କୃଷକ ସଶକ୍ତି ହେଲେ...

ସେତିକି ଆତ୍ମନିର୍ଭର ହୋଇପାରିବ। କୃଷକ ସଶକ୍ତ ହେଲେ ହିଁ ଆତ୍ମନିର୍ଭର ଭାରତର ମୂଳଦୁଆ ମଜବୁତ ହେବ। ଏବେ କୃଷକମାନଙ୍କୁ ନିଜ ଇଚ୍ଛା ମୁତାବକ ନିଜ ଅମଳ ବିକ୍ରି କରିବାର ସ୍ୱାଧୀନତା ମିଳିଛି ବୋଲି ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ପୁଣି କହିଛନ୍ତି, ମୁଁ ମୋ ଜୀବନର ଦୀର୍ଘ ସମୟ ଜଣେ ଭ୍ରମଣକାରୀ ହିସାବରେ ରହିଛି। ଭ୍ରମଣ ହିଁ ମୋ ଜୀବନ ଥିଲା। ପ୍ରତିଦିନ ନୂଆ ନୂଆ ଗାଁ, ନୂଆ ଲୋକ, ନୂଆ ପରିବାର ସହ ଯୋଡ଼ିହେବା ହିଁ ମୋର ଜୀବନ ଥିଲା। ଭାରତରେ କଥା କାହାଣୀ କହିବାର ପ୍ରାଚୀନ ଓ ସମୃଦ୍ଧ ପରମ୍ପରା ରହିଛି। ଆମ ଦେଶର ଧାର୍ମିକ କାହାଣୀ ବର୍ଣ୍ଣନା କରିବାର ପ୍ରାଚୀନ ପଦ୍ଧତି ରହିଛି। ପ୍ରତ୍ୟେକ ପରିବାରରେ କେହି ନା କେହିଁ ବୟସ୍କ, ବୟୋଜ୍ୟେଷ୍ଠ କାହାଣୀ କହୁଥିଲେ। ଏହାଦ୍ୱାରା ଘର ପରିବାରରେ ନୂତନ ଉର୍ଜା ଏବଂ ପ୍ରେରଣା ଭରିଯାଉଥିଲେ। ଲୋକମାନେ ରଚନାତ୍ମକ ଏବଂ ସମ୍ବେଦନଶୀଳ ପକ୍ଷକୁ ସାମ୍ନାକୁ ଆଣୁଥିଲେ, ଉପସ୍ଥାପନ କରୁଥିଲେ। ଏହାସହ କାର୍ଯ୍ୟକ୍ରମ ମାଧ୍ୟମରେ ଦେଶବାସୀଙ୍କୁ କରୋନା ସଙ୍କଟ କାଳରେ ସାମାଜିକ ବୀରତ୍ୱ ବଜାୟ ରଖିବାକୁ ଅପିଲ କରିଛନ୍ତି। ସାରା ଦୁନିଆ ଏବେ ଅନେକ ପରିବର୍ତ୍ତନ ଦେଇ ଗତି କରୁଛି। ଆଜିର ସମୟର ଦୁଇ ଗଜ ଦୂରତା ବାଧ୍ୟତାମୂଳକ ହୋଇଥିବା ବେଳେ ଅନ୍ୟପଟେ ପରିବାର ସଦସ୍ୟଙ୍କୁ ପରସ୍ପର ସହ ନିବିଡ଼ତା ବଢ଼ାଇବାର ସୁଯୋଗ ମଧ୍ୟ ଆଣିଦେଇଛି ବୋଲି ମୋଦି କହିଛନ୍ତି।

### ବିଧାନସଭା ପୂର୍ବରୁ କରୋନା ...

ପର୍ଯ୍ୟନ୍ତ ଚାଲିବ। କରୋନା ନେଗେଟିଭ୍ ଥିବା ବିଧାୟକମାନେ ବିଧାନସଭାକୁ ଯାଇପାରିବେ ବୋଲି ପୂର୍ବରୁ ବାଚସ୍ପତି ଘୋଷଣା କରିଥିଲେ। ଏହାଛଡ଼ା ଯେଉଁ ବିଧାୟକମାନେ ଗୃହକୁ ଆସିବାକୁ ଚାହୁଁ ନାହାନ୍ତି, ତାହାହେଲେ ସେମାନେ ଆଗୁଆ ଜଣାଇଲେ ସେମାନଙ୍କ ପାଇଁ ଜିଲ୍ଲାପାଳଙ୍କ ଭିଡିଓ କନଫରେନ୍ସ ହଲରେ ବ୍ୟବସ୍ଥା କରାଯିବ ବୋଲଇ ପୂର୍ବରୁ ବାଚସ୍ପତି ଘୋଷଣା କରିଥିଲେ।

### ଅକ୍ଟୋବର ମାସରେ...

ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ପର୍ଯ୍ୟଟନ ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ ପୁରୀର ଶ୍ରୀଜଗନ୍ନାଥ ମନ୍ଦିର ଖୋଲିବା ନେଇ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେବ। ଅପରପକ୍ଷରେ ଅନ୍ୟ ମନ୍ଦିରଗୁଡ଼ିକ କେବେ ଖୋଲିବ ସେଥିନେଇ ଆଇନ୍ ବିଭାଗ ନିଷ୍ପତ୍ତି ନେବ।

### ପୂର୍ବତନ କେନ୍ଦ୍ରମନ୍ତ୍ରୀ ...

ସେ ମଲ୍ଟିଅରଗାନ୍ ଡିସଫଙ୍କସନ ସିଣ୍ଡ୍ରୋମ ସହିତ ସେପସିସ୍ ପାଇଁ ଚିକିତ୍ସିତ ହେଉଥିଲେ। ରବିବାର ସକାଳେ ତାଙ୍କର ହୃଦ୍‌ଘାତରେ ପରଲୋକ ଘଟିଥିଲା। ତେବେ ତାଙ୍କର କରୋନା ରିପୋର୍ଟ ନକାରାତ୍ମକ ଥିଲା। ତାଙ୍କ ମୃତ୍ୟୁରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ , ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ , ଗୃହ ମନ୍ତ୍ରୀ ଅମିତ୍ ଶାହା , ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିଓ୍ୱାଲଙ୍କ ସମେତ ବହୁ ବିଶିଷ୍ଟ ନେତା ଶୋକ ପ୍ରକାଶ କରିଛନ୍ତି। ଜଶଓ୍ୱନ୍ତ ସିଂ ୧୯୬୦ ରେ ସେନାରେ ମେଜର ପଦରୁ ଇସ୍ତଫା ଦେଇ ରାଜନୀତି କ୍ଷେତ୍ରରେ ପ୍ରବେଶ କରିଥିଲେ। ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନଡିଏ ସରକାରରେ ସେ ତାଙ୍କ କ୍ୟାରିୟରର ଶୀର୍ଷରେ ଥିଲେ। ୧୯୯୮ ରୁ ୨୦୦୪ ପର୍ଯ୍ୟନ୍ତ ଏନଡିଏ ଶାସନ ସମୟରେ ଜସଓ୍ୱନ୍ତ ଅର୍ଥ, ପ୍ରତିରକ୍ଷା ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ନେତୃତ୍ୱ ନେଇଥିଲେ। ଜଶଓ୍ୱନ୍ତ ଏନଡିଏ ଶାସନ ସମୟରେ ସର୍ବଦା ଅଟଳ ବିହାରୀ ବାଜପେୟୀଙ୍କର ଘନିଷ୍ଠ ବିଶ୍ୱାସୀ ଥିଲେ। ସେ ବ୍ରଜେଶ ମିଶ୍ର ଏବଂ ପ୍ରମୋଦ ମହାଜନଙ୍କ ସହ ବାଜପେୟୀ ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ପରେ ସେ ୨୦୦୯ ପର୍ଯ୍ୟନ୍ତ ରାଜ୍ୟସଭାରେ ବିରୋଧୀ ଦଳର ନେତା ରହିଥିଲେ ଏବଂ ଗୋରଖାଲାଣ୍ଡ ପାଇଁ ଲଢୁଥିବା ସ୍ଥାନୀୟ ଦଳର ପ୍ରସ୍ତାବରେ ଦାର୍ଜିଲିଂରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ଏବଂ ଜିତିଥିଲେ। ଅଗଷ୍ଟ ୨୦୦୯ ରେ ପାକିସ୍ତାନର ପ୍ରତିଷ୍ଠାତା ମହମ୍ମଦ ଅଲି ଜିନ୍ନାଙ୍କୁ ତାଙ୍କ ପୁସ୍ତକ 'ଜିନ୍ନା: ବିଭାଜନ ଅଫ୍ ଇଣ୍ଡିଆ ଏବଂ ସ୍ୱାଧୀନତା'ରେ ପ୍ରଶଂସା କରିଥିଲେ। ଯେଉଁଥିପାଇଁ ତାଙ୍କୁ ସମାଲୋଚନାର ଶୀକାର ହେବାକୁ ପଡିଥିଲା।

### ପ୍ରମୁଖ ପର୍ଯ୍ୟଟନ...

ସରକାରଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ଆଦର୍ଶ ପର୍ଯ୍ୟଟନ ସ୍ଥଳି ଗୁଡ଼ିକରେ ପର୍ଯ୍ୟଟକମାନେ ବ୍ୟବହାର କରୁଥିବା ଯାନବାହାନ ଯଥା ବୋଟ, ଯନ୍ତ୍ରଚାଳିତ ଡଙ୍ଗା ଓ ଗାଡି ଗୁଡିକ ଡିଜେଲ, ପେଟ୍ରୋଲ, କିରୋସିନରେ ଚାଲୁଛି। ତେବେ ଏହି ଯାନବାହାନକୁ ଏଲଏନଜି, ପିଏନଜି ଭଳି ସ୍ୱଚ୍ଛ ଇନ୍ଧନରେ ରୂପାନ୍ତରିତ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଉଭୟ ପର୍ଯ୍ୟଟକ, ବୋଟ ଓ ଅନ୍ୟାନ୍ୟ ଯାନବାହାନ ମାଲିକାନାରେ ଥିବା ବ୍ୟକ୍ତିମାନେ ଲାଭ ହେବେ ଏବଂ ପରିବେଶ ସୁରକ୍ଷିତ ରହିବ ବୋଲି ସେ କହିଛନ୍ତି। ଦେଶରେ ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ବିଶେଷଭାବରେ ମନ୍ଦିର ସବୁଠୁ ବଡ଼ ପର୍ଯ୍ୟଟନ ସ୍ଥଳ ଭାବେ ଉଭା ହୋଇଛି। ସେହିପରି ବିସ୍ତୀର୍ଣ୍ଣ ବେଳାଭୂମି, କ୍ରୀଡା ପର୍ଯ୍ୟଟନ, ଆଡଭେଞ୍ଚର, ଜଳ କ୍ରୀଡ଼ା, ବନ୍ୟଜନ୍ତୁ, ପରିବେଶ ଓ ପ୍ରାକୃତିକ ପରିବେଶ ସମ୍ପଦରେ ପର୍ଯ୍ୟଟନ ବୃଦ୍ଧି କରିବା ଦିଗରେ ଅନେକ ସୁଯୋଗ ରହିଛି। ଦେଶରେ ବିଭିନ୍ନ ଗ୍ରାମାଂଚଳ ଗୁଡ଼ିକରେ ଥିବା ପ୍ରମୁଖ ପର୍ଯ୍ୟଟନ ସ୍ଥଳି ଗୁଡ଼ିକୁ ଚିହ୍ନଟ କରାଯାଇ ଏହି ପର୍ଯ୍ୟଟନ ସ୍ଥଳି ଗୁଡ଼ିକରେ ଆଂଚଳିକ ଭାଷାକୁ ଗୁରୁତ୍ୱ ଦେବା ସହ ଏଠାରେ ଆଗାମୀ ଦିନରେ ସ୍ଥାନୀୟ ଟୁରିଷ୍ଟ ଗାଇଡ଼ଙ୍କୁ ନିଯୁକ୍ତ କରିବା ପାଇଁ ଯୋଜନା ପ୍ରସ୍ତୁତ କରିବା ପାଇଁ କେନ୍ଦ୍ର ସଂସ୍କୃତି ଓ ପର୍ଯ୍ୟଟନ ପ୍ରହ୍ଲାଦ ସିଂହ ପଟେଲଙ୍କୁ ଶ୍ରୀ ପ୍ରଧାନ ପରାମର୍ଶ ଦେଇଛନ୍ତି। ଏହା ହେଲେ ସ୍ଥାନୀୟ ଅଂଚଳରେ ରୋଜଗାର ବଢ଼ିବ, ପର୍ଯ୍ୟଟନ ଓ ଅର୍ଥନୀତିର ବିକାଶ ହେବ। ସେ କହିଛନ୍ତି ସାଂପ୍ରତିକ ସମୟରେ କୋରାନା ମହାମାରୀ ଦ୍ୱାରା ଲୋକମାନେ ପ୍ରଭାବିତ ହୋଇଛନ୍ତି। ଅର୍ଥନୀତି ମଧ ଚ୍ୟାଲେଞ୍ଜପୂର୍ଣ୍ଣ ହୋଇଛି। ଏଭଳି ସମୟରେ ଲୋକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପର୍ଯ୍ୟଟନ ମନ୍ତ୍ରଣାଳୟ ପକ୍ଷରୁ 'ସାଥୀ' ପଦକ୍ଷେପ ନିଆଯିବା ପ୍ରଶଂସନୀୟ। ଏହି ଯୋଜନାରେ କୋଭିଡ୍ ଗାଇଡଲାଇନକୁ ଦୃଷ୍ଟିରେ ରଖି ୨୫ ହଜାର ହୋଟେଲକୁ ପର୍ଯ୍ୟଟନର ଇକୋ ସିଷ୍ଟମରେ ସାମିଲ କରାଯାଇଛି। ପର୍ଯ୍ୟଟନ ମନ୍ତ୍ରଣାଳୟ ଅଭିନବ ପଦକ୍ଷେପ ମାଧ୍ୟମରେ ଅର୍ଥନୀତିକୁ ସ୍ୱାଭାବିକ ସ୍ଥିତିକୁ ଆଣିବା ଦିଗରେ କାମ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

### ଓଡ଼ିଶାରୁ ବିଳମ୍ବରେ ...

ଏହାପରେ ପଂଜାବ, ହରିୟାଣା, ଛତିଶଗଡ଼, ପୂର୍ବ ରାଜସ୍ଥାନରୁ ଓ ପରେ ଉତ୍ତର ଭାରତରୁ ଧୀରେଧୀରେ ଅପସରି ଯିବ। କିନ୍ତୁ ଓଡ଼ିଶାରେ ଏହା ସ୍ୱାଭାବିକ ସମୟଠାରୁ ୫ରୁ ୭ ଦିନ ବିଳମ୍ବ ହେବ। ରାଜ୍ୟକୁ ବର୍ତ୍ତମାନ ଉତ୍ତର-ପଶ୍ଚିମ ଭାରତରୁ ପବନ ବହୁଛି। ଏହା ଅକ୍ଟୋବର ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। ତେଣୁ ଅକ୍ଟୋବର ୧୫ ତାରିଖ ପରେ ରାଜ୍ୟରୁ ମୌସୁମୀ ଫେରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି କୁହାଯାଉଛି। ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ପୂର୍ବ ବିହାର ଓ ସଂଲଗ୍ନ ଅଂଚଳ ଉପରେ ରହିଥିବା ଲଘୁଚାପ ବଳୟ ଆଜି ବି ଉକ୍ତ ସ୍ଥାନରେ ରହିଛି। ଏହାସହ ମୌସୁମୀ ଟ୍ରଫ୍ ବି ଅମୃତସର, ପଟିଆଲା, ବରେଲି, ଗୋରଖପୁର ହୋଇ ଲଘୁଚାପ କେନ୍ଦ୍ର ଦେଇ ଗତି କରୁଛି। ମୌସୁମୀ ଟ୍ରଫ୍ ଏବେ ଲଘୁଚାପ କ୍ଷେତ୍ର ସହ ଜଡ଼ିତ ଘୂର୍ଣ୍ଣିବଳୟ ମଧ୍ୟ ଦେଇ ଆନ୍ଧ୍ରପ୍ରଦେଶ ଉପକୂଳର ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଆଡ଼କୁ ଗତି କରୁଛି। ଫଳରେ ଦେଶରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହୋଇଛି। ଆସନ୍ତା ୨୮ ତାରିଖରୁ ପଶ୍ଚିମ ରାଜସ୍ଥାନ ଓ ସଂଲଗ୍ନ ଅଂଚଳରୁ ମୌସୁମୀ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିବ। ପାଣିପାଗ ବିଶେଷଜ୍ଞ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଭାରତୀୟ ପାଣିପାଗ ବିଭାଗ ଘୋଷଣା କରିଛି, ସେପ୍ଟେମ୍ବର ୨୮ରେ ପଶ୍ଚିମ ରାଜସ୍ଥାନରୁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କରିବା ସ୍ୱାଭାବିକ ଭାବେ ସେପ୍ଟେମ୍ବର ୧୭ରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। କିନ୍ତୁ ଚଳିତବର୍ଷ ଏହା ୧୧ ଦିନ ବିଳମ୍ବ ହେବାକୁ ଯାଉଛି। ଏହି କ୍ରମରେ ଓଡ଼ିଶାରୁ ମଧ୍ୟ ମୌସୁମୀ ଫେରିବାରେ ବିଳମ୍ବ ହେବ ବୋଲି ଆଶା କରାଯାଉଛି।

### ସାତ ଦିନିଆ...

ଦୋକାନରେ ବାରିପଦା ବ୍ୟବସାୟୀ ସଂଘର କର୍ମକର୍ତା ମାନେ ବନ୍ଦ କରୁଥିବା ବେଳେ ଉତେଜନା ପ୍ରକାଶ ପାଇଥିବାର ଦେଖାଯାଇଥିଲା। ମଧୁବନ ଠାରେ ବ୍ୟବସାୟୀ ସଂଘର ଜନୈକ କର୍ମକର୍ତାଙ୍କୁ ସ୍ଥାନୀୟ ଦୋକାନୀ ମାନେ ଜୋର ଜବର ଦସ୍ତ କରୁଥିବାର ଅଭିଯୋଗ କରି ଦୀର୍ଘ ସମୟ ଧରି ଦୋକାନ ଘର ଭିତରେ ଅଟକ ରଖିଥିଲେ। ଘଟଣାକୁ ନେଇ ଉତେଜନା ବଢିଚାଲିବାରୁ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ବ୍ୟାପକ ପୋଲିସ ମୁତୟନ ମଧ୍ୟ କରାଯାଇଥିଲା। ତେବେ ଏହି ବନ୍ଦରେ ପ୍ରସାଶନର କୌଣଷି ଭୂମୀକା ନଥିଲା ବେଳେ ବାରିପଦା ନାଗରୀକ କ୍ରୀୟାନୁଷ୍ଠାନ କମିଟି ତରଫରୁ ଲୋକଙ୍କୁ କରୋନା ସଂକ୍ରମଣର ଚେନକୁ ଭାଙ୍ଗିବା ନିମନ୍ତେ ବନ୍ଦରେ ସହଯୋଗ କରିବାକୁ ଅନୁରୋଧ କରାଯାଇଥିଲା। କିନ୍ତୁ ୨୬ ତାରିଖ ସଂଧ୍ୟାରେ ବନ୍ଦପାଇଁ ଅନୁଷ୍ଠିତ ମଟର ସାଇକେଲ ରେଲି ଓ ଆଜି ବିଭିନ୍ନ ସ୍ଥାନରେ ସାଧାରଣ ବନ୍ଦ ଭଳି ପିକେଟିଂ କରିବାକୁ ନେଇ ବ୍ୟାପକ ଉତେଜନା ପ୍ରକାଶ ପାଇଥିଲା। ତେବେ ସ୍ୱେଚ୍ଛାକୃତ ଭାବରେ ଆଜି ବାରିପଦାର ପ୍ରାୟ ସମସ୍ତ ଦୋକାନ ବଜାର ବନ୍ଦ ରହିଥିବାର ଦେଖାଯାଇଥିଲା।

### ୮ଲକ୍ଷ ୪୦ ହଜାର...

ହୋଇଥିବା ୧୪୦ ବସ୍ତା ମାରୁତି ଛାପ ସହ ଘଟଣାରେ ପୋଲିସ ଏସ୍ ଭେଙ୍କେଟରାଓ, ଏମ ପ୍ରସାଦ ଓ ବିନୟ କୁମାର ଅଗ୍ରଓ୍ୱାଲଙ୍କୁ ଗିରଫ କରିବା ସହ ଏହି ଘଟଣାରେ କେଉଁମାନେ ସବୁ ସମ୍ପୃକ୍ତ ଅଛନ୍ତି ଅଧିକ ତଦନ୍ତ ଜାରି ରଖିଛି ପୋଲିସ। ମିଳିଥିବା ସୂଚନା ମୁତାବକ ଏହିସବୁ ଜିନିଷ ବିକ୍ରି କରୁଥିବା ବ୍ୟବସାୟୀ ଅନେକଙ୍କୁ କହୁଛନ୍ତି ଯେ, ବର୍ତ୍ତମାନ ଗୁଟଖା ଓ ଭାଙ୍ଗ ବିକ୍ରିକୁ ଅନୁମତି ମିଳିଯାଇଛି କହି ପୋଲିସକୁ ଚଖମା ଦେବାକୁ ପଛାଉ ନାହାନ୍ତି। ଅତିଶୀଘ୍ର ଏହିପରି ବ୍ୟବସାୟୀଙ୍କ ପ୍ରତି କଡା କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ସାଧାରଣରେ ଚର୍ଚ୍ଚା ହେଉଛି। ଗତ ଜୁଲାଇ ୨୧ତାରିଖରେ ମଧ ବିଷମକଟକ ପୋଲିସ ୮୦ ବସ୍ତା ଭାଙ୍ଗ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପୋଲିସ ଜାଣିବାକୁ ପାଇ ଗାଡି ସହ ଖଇନି ବସ୍ତା ଜବତ କରି ଘଟଣାରେ ସଂପୃକ୍ତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଜିଲ୍ଲା ଅରକ୍ଷୀ ଅଧିକ୍ଷକ ଡ଼ଃ ଶ୍ରାବଣ ବିବେକ ଏମ ପ୍ରେସ ବିବୃତି ମାଧମରେ ଗଣମାଧମକୁ ସୂଚନା ଦେଇଛନ୍ତି। ଜବତ ହୋଇଥିବା ୧୪୦ ଟି ବସ୍ତାରୁ ମାରୁତି ଛାପ ଖଇନି ୭୦୦୦ ହଜାର ଛୋଟ ପ୍ୟାକେଟ ରହିଥିଲା। ତାହାର ମୂଲ୍ୟ ୮ଲକ୍ଷ ୪୦ ହଜାର ଟଙ୍କା ବୋଲି ପୋଲିସ ସୂଚନା ଦେଇଥିଲା। ଗିରଫ ଅଭିଯୁକ୍ତ ମାନେହେଲେ ରାୟଗଡା ସହର ସ୍ଥିତ ବୁଦୁରାଓ୍ୱାଲସା ଅଞ୍ଚଳର ଏସ,ଭେଙ୍କଟରାଓ,(୨୭) ଏମ,ପ୍ରସାଦ(୩୦)ଓ ଜେକେପୁରର ବିନୟ କୁମାର ଅଗ୍ରଓ୍ୱାଲ ବୋଲି ଜଣାପଡିଛି। ଅଭିଯୁକ୍ତ ମାନଙ୍କୁ ବିରୋଧ ରେ ବିଷମକଟକ ଥାନା କେସ ନଂ ୧୦୭ୟୁ/ଏସ ୪୨୦/୩୪ ଆପିସି ଆର ଡବ୍ଲ୍ୟ ସେକ୍ସନ ୨୦ ଅଫ କୋଟପା ଏକ୍ସରେ ଗିରଫ କରାଯାଇ କୋର୍ଟ ଚାଲାଣ କରା ଯାଉଛି।

ସୋମବାର,୨୮ ସେପ୍ଟେମ୍ବର ୨୦୨୦

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

## ଦାନ୍ତୁନ ଗ୍ରାମୀଣମେଳା କମିଟି ପକ୍ଷରୁ ବିଦ୍ୟାସାଗର ଜୟନ୍ତି ଓ ପ୍ରଣବ ମୁଖାର୍ଜି ସ୍ମୃତି ସଭା

ଜଳେଶ୍ୱର,୨୭।୯ (ନି.ପ୍ର): ଓଡିଶା - ପର୍ଶ୍ଚିମବଂଗ ମୌତ୍ରୀ ବନ୍ଧନରେ କାର୍ଯ୍ୟ କରି ଆସୁଥିବା ଦାନ୍ତୁନ ଗ୍ରାମୀଣ ମେଳା କମିଟି ପକ୍ଷରୁ ଦାନ୍ତୁନ ଉଚ୍ଚ ମାଧ୍ୟମିକ ସ୍କୁଲ ପରିସରରେ ବିଦ୍ୟାସାଗର ଜୟନ୍ତି, ପ୍ରଣବ ମୁଖାର୍ଜି ସ୍ମୃତି ସଭା ଓ ପ୍ରତିଭା ସମ୍ମାନ ପ୍ରଦାନ ସଭା ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଉପାନ୍ତର ସମାଜସେବୀ ତଥା ଦାନ୍ତୁନ ମେଳା କମିଟିର ପ୍ରତିଷ୍ଠାତା ଅଲୋକ ନନ୍ଦି ଅଧ୍ୟକ୍ଷତା କରି ସ୍ୱାଗତ ଓ ସୂଚନା ପ୍ରଦାନ କରିଥିଲେ । ମୁଖ୍ୟ ଅତିଥିଭାବେ ଦୀନକୃଷ୍ଣ ସ୍ମୃତି ପରିଷଦର ପ୍ରତିଷ୍ଠାତା ସଂପାଦକ ପ୍ରଫେସର ବିପିନ ବିହାରୀ ବିଶ୍ୱାଳ ଯୋଗ ଦେଇ ବିଦ୍ୟାସାଗରଙ୍କ ବର୍ଣ୍ଣପରିଚୟ ପୁସ୍ତକ ଆଧାରରେ ଓଡିଶାରେ ମଧୁସୂଦନ ରାଓ ବର୍ଣ୍ଣବୋଧ ଲେଖିଥିଲେ । ଏହି ପୁସ୍ତକ ବ୍ୟତିତ ବ୍ୟାକରଣ କୌମୁଦି, ସୀତାର ବନବାସ ଇତ୍ୟାଦି ପୁସ୍ତକ ବିଦ୍ୟାସାଗର ଲେଖି ଶ୍ରେଷ୍ଠତ୍ୱ ପ୍ରତିପାଦନ କରିଥିବା କହିଥିଲେ । ଭାରତ ରତ୍ନପ୍ରାପ୍ତ ଭାରତର ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ରାଜନୈତିକ ଜୀବନ, ଦେଶ ସେବା, ଓ ଦେଶ ପ୍ରିତୀ ସଂପର୍କରେ କହିଥିଲେ । ମୁଖ୍ୟବକ୍ତାଭାବେ ପର୍ଶ୍ଚିମବଂଗର ପ୍ରକ୍ଷାତ ସାହିତ୍ୱିକ ସୁନୀଲ ମାଝି ଯୋଗ ଦେଇ ପର୍ଶ୍ଚିମବଂଗ ସାହିତ୍ୟକୁ ବିଦ୍ୟାସାଗରଙ୍କ ଅତୁଳନୀୟ ଦାନ ଏବଂ ପ୍ରଣବ ମୁଖାର୍ଜୀଙ୍କ ଦେଶ ବତ୍ସଳତା ସଂପର୍କରେ କହିବା ସହିତ ଭବିଷ୍ୟତ ପିଢୀକୁ ଅଧିକ ଜ୍ଞାନ ଦେବାଲାଗି ପ୍ରତିଭା ସମ୍ମାନ ପ୍ରଦାନ ଏକାନ୍ତ ଜରୁରୀ ବୋଲି କହିଥିଲେ । ସମ୍ମାନୀତ ଅତିଥିଭାବେ ଆଶିଷ ସାହୁ, ରାଜୀବ ରାୟ, ସନ୍ଦିପ ସିଂହ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ୨୨ଟି ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ବିଶେଷ ଉତ୍କର୍ଷତା ପାଇଁ ପୁରସ୍କାର ପ୍ରଦାନ କରାଯାଇଥିଲା ।

## ବ୍ୟୋମକେଶ ରାୟ ହେଲେ ବିଜୁ ଯୁବ ଜନତା ଦଳର ସଭାପତି

ଭୁବନେଶ୍ୱର,୨୭।୯ (ନି.ପ୍ର): ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଡ. ବ୍ୟୋମକେଶ ରାୟ, ବିଧାୟକ, ଚାନ୍ଦବାଲିଙ୍କୁ ବିଜୁ ଯୁବ ଜନତା ଦଳର ସଭାପତି ଏବଂ ଦେବୀ ରଂଜନ ତ୍ରିପାଠୀ, ବିଧାୟକ, ବାଙ୍କୀଙ୍କୁ ବିଜୁ ଛାତ୍ର ଜନତା ଦଳର ସଭାପତି ଭାବେ ନିଯୁକ୍ତି କରିଛନ୍ତି ବୋଲି ମାନସ ରଂଜନ ମଙ୍ଗରାଜ, ସାଧାରଣ ସମ୍ପାଦକ (ମିଡ଼ିଆ ବ୍ୟାପାର) ଏକ ପ୍ରେସ୍ ଇସ୍ତାହାରରେ ଜଣାଇଛନ୍ତି ।

## ଦିନକରେ ୭୨ ପଜିଟିଭ୍ ଚିହ୍ନଟ : ଜିଲ୍ଲାର ସଂକ୍ରମିତ ସଂଖ୍ୟା ୭୨୦୦କୁ ବୃଦ୍ଧି

ବାଲେଶ୍ୱର,୨୭।୯ (ନି.ପ୍ର): ଦେଶର କରୋନା ସଂକ୍ରମିତଙ୍କ ସଂଖ୍ୟା ୫୯ ଲକ୍ଷ ଅତିକ୍ରମ କରିଥିବା ବେଳେ ମୃତ୍ୟୁ ସଂଖ୍ୟା ବି୯୩,୪୨୪ରେ ପହଞ୍ଚିଛି । ସେହିଭଳି ଓଡ଼ିଶାରେ ଆଜି ଗୋଟିଏ ଦିନରେ ୩୯୨୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟର ଆଜି ସୁଦ୍ଧା କରୋନା ସଂକ୍ରମିତଙ୍କ ସଂଖ୍ୟା ୨ଲକ୍ଷ ୯ ହଜାର ଟପିଛି । ଅନ୍ୟପକ୍ଷରେ ଆଜି ୧୪ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅଦ୍ୟାବଧି ରାଜ୍ୟରେ କରୋନା ମୃତ୍ୟୁ ସଂଖ୍ୟା ୭୯୭ ଛୁଇଁଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି । ସେହିପରି ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା




ତୁଳନାରେ ବାଲେଶ୍ୱରର କରୋନା ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି । ଆଜି ଗୋଟିଏ ଦିନରେ ୭୨ ଜଣ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ଜିଲ୍ଲାରେ ସଂକ୍ରମିତଙ୍କ ସଂଖ୍ୟା ୭୨୦୦ରେ ପହଞ୍ଚିଛି । ଏବେ ସୁଦ୍ଧା ଜିଲ୍ଲାରେ ୫୭୨୪ ଜଣ କରୋନା ରୋଗୀ ସୁସ୍ଥ ହୋଇଥିବା ବେଳେ ଏକ୍ଟିଭ୍ ଥିବା ୧୪୫୦ ଜଣ ଆକ୍ରାନ୍ତ କୋଭିଡ୍ ହସ୍ପିଟାଲ, କୋଭିଡ୍ କେୟାର ସେଣ୍ଟର ସହ ହୋମ ଆଇସୋଲେସନରେ ରହି ଚିକିତ୍ସିତ ହେଉଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର କରୋନା ଜନିତ ମୃତ୍ୟୁ ସଂଖ୍ୟା ୨୧ରେ ସ୍ଥିର ରହିଛି ।

## ସାତ ଦିନିଆ ବାରିପଦା ବନ୍ଦର ପ୍ରଥମ ଦିନରେ ଉତ୍ତେଜନା

### ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉତ୍ତେଜନା ସ୍ଥଳରେ ବ୍ୟାପକ ପୋଲିସ ମୁତୟନ

ବାରିପଦା ,୨୭।୯ (ନି.ପ୍ର): ମୟୂରଭଂଜ ଜିଲ୍ଲାରେ ଦିନକୁ ଦିନ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିଚାଲିବା ସହିତ ସଂକ୍ରମଣର ଭୟାବହତା ମଧ ବେଶ ବୃଦ୍ଧି ପାଇବାରେ ଲାଗିଛି । ଏବେ ବାରିପଦା ପୌରାଂଚଳ ସଂକ୍ରମଣରେ ନୂଆ ହଟସ୍ପଟ ସାଜିଛି । ମହାମାରୀ କରୋନା ସଂକ୍ରମଣ ବଢୁଥିବାରୁ କରୋନା ସଂକ୍ରମଣର ଚେନକୁ ଭାଙ୍ଗିବା ପାଇଁ ବାରିପଦା ସହରକୁ ୨୭ ତାରିଖ ଠାରୁ ୩ ତାରିଖ ପର୍ଯ୍ୟନ୍ତ ୭ ଦିନ ବନ୍ଦ ରଖିବାକୁ ବିଭିନ୍ନ ସଂଗଠନ ସହାୟତାରେ ବାରିପଦା ନାଗରୀକ



କ୍ରୀୟାନୁଷ୍ଠାନ କମିଟି ପକ୍ଷରୁ ନଷ୍ପତ୍ତି ନିଆଯାଇ ଆଜିଠାରୁ ସମସ୍ତ ଦୋକାନ ବଜାର ବନ୍ଦ କରାଯାଇଥିଲା । ବାରିପଦାର ଯୁବ ସଂଗଠନ, ବ୍ୟବସାୟୀ ସଂଘ, ବଣିକ ସଂଘ, ଓକିଲ ସଂଘ ପ୍ରମୁଖ ଅନୁଷ୍ଠାନ ସହର ବନ୍ଦ ରଖିବା ସପକ୍ଷରେ ସକାଳେ ବାରିପଦା ସହରର ବିଭିନ୍ନ ଅଂଚଳ ବୁଲି ବନ୍ଦ ପାଇଁ ପିକେଟିଂ କରୁଥିବାର ଦେଖାଯାଇଥିଲା । ତେବେ ସହରର ବାଲେଶ୍ୱର ଗୋଲେଇ ସ୍ଥିତ ଏକ ଆଳୁ ଗୋଦାମ ଓ ମଧୁବନ ଗ୍ୟାରେଜ ଛକ ନିକଟ ଏକ ଚା

▶▶ପୃଷ୍ଠା ୭

## ବିଜେପିର ମିଶ୍ରଣ ପର୍ବ : ପୌରାଞ୍ଚଳର ଶତାଧିକ କର୍ମୀଙ୍କ ଯୋଗଦାନ

ବାଲେଶ୍ୱର,୨୭।୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବିଜେପି ପକ୍ଷରୁ ଏକ ମିଶ୍ରଣ ପର୍ବ ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ଉପସ୍ଥିତିରେ ଆଜି ଅନୁଷ୍ଠିତ ହୋଇଯାଇଛି । ଅନ୍ୟାନ୍ୟ ରାଜନୈତିକ ଦଳରୁ ବହୁ କର୍ମୀ ଆଜି ବିଜେପିରେ ଯୋଗ ଦେଇଥିଲେ । ବାଲେଶ୍ୱର ବିଜେପି ନଗର ସଭାପତି ଚିତ୍ତରଂଜନ ପଣ୍ଡାଙ୍କ ସଭାପତିତ୍ୱ ଓ ଜିଲ୍ଲା ଯୁବମୋର୍ଚ୍ଚା ଉପସଭାପତି ରଂଜିତ୍ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରାଞ୍ଚଳର ଅଙ୍ଗାରଗଡ଼ିଆ, ଗୁଡ଼ିପଦା, ଗୋଧିବସା ପ୍ରଭୃତି ଅଞ୍ଚଳରୁ ଅନ୍ୟାନ୍ୟ ଦଳର ଶତାଧିକ କର୍ମୀ ଆଜି ବିଜେପିରେ ଆନୁଷ୍ଠାନିକ ଭାବେ ଯୋଗଦାନ କରିଥିଲେ । କର୍ମକର୍ତ୍ତାମାନେ ନବାଗତଙ୍କୁ ଦଳର ପ୍ରାଥମିକ



ସଦସ୍ୟତା ପ୍ରଦାନ ସହ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ । ନୂତନ କର୍ମୀଙ୍କ ଆଗମନ ବିଜେପିର ସଂଗଠନଙ୍କୁ ଆହୁରି ସୁଦୃଢ଼ କରିବ ବୋଲି ଏହି ମିଶ୍ରଣ ପର୍ବରେ ଉପସ୍ଥିତ ବିଜେପି ଜିଲ୍ଲା ସଭାପତି ଶ୍ରୀ ମହାପାତ୍ର ଆଶା ପ୍ରକାଶ କରିଥିଲେ । ଲୋକପ୍ରିୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସୁଶାସନ ଓ ଦଳୀୟ ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେପିରେ ଯୋଗ ଦେଇଥିବା ନୂତନ କର୍ମୀମାନେ କହିଥିଲେ । ଦଳର ନୀତି ଓ ଅନୁଶାସନ ମାନି କାର୍ଯ୍ୟ କରିବେ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ । ମୁକ୍ତିକାନ୍ତ ଦାସ, ଜ୍ୟୋତି ପ୍ରକାଶ ଦାସ, ଶେଖ୍ ୟୁନୁସ୍, ସଂଜୟ କୁମାର ଦେ, ଅନନ୍ତ କୁମାର ଦାସ, ନଟବର ପାତ୍ର, ପ୍ରସନ୍ନଜିତ ପାତ୍ରଙ୍କ ସମେତ ଶତାଧିକ କର୍ମୀଙ୍କୁ ଏହି ମିଶ୍ରଣ ପର୍ବରେ ବିଜେପିରେ ସାମିଲ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶୁଭଙ୍କର ମହାପାତ୍ର, ଶୋଭନା ମହାନ୍ତି, ପୂର୍ବତନ ନଗର ସଭାପତି ପ୍ରଦୀପ ପତି, ଯୁବନେତା ପିଣ୍ଟୁ ପୋଦାର, ନିତୁନ୍ ସାହା ପ୍ରମୁଖ ଏହି ମିଶ୍ରଣ ପର୍ବରେ ଉପସ୍ଥିତ ରହି ନବାଗତ କର୍ମୀଙ୍କୁ ସ୍ୱାଗତ ଜଣାଇଥିଲେ । ସୁବୋଧ ଚନ୍ଦ୍ର ପଣ୍ଡା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଏନ୍‌ସିସି ଅଫିସର କ୍ୟାପଟେନ ରିତାରାଣୀ ମିଶ୍ରଙ୍କୁ ଜାତୀୟ ମହିଳା ସଶକ୍ତିକରଣ ଆୱାର୍ଡ଼

ରାୟଗଡ଼ା ,୨୭।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ସଦର ମହକୁମାରେ ଥିବା ରାୟଗଡା ମହିଳା ମହାବିଦ୍ୟାଳୟର ଏନସିସି ଅଫିସର କ୍ୟାପଟେନ ରିତାରାଣୀ ମିଶ୍ର ଭାରତୀୟ ମହିଳା ଅଲମ୍ପିକ ଆସୋସିସୋନ ତରଫରୁ ଜାତୀୟ ମହିଳା ସଶକ୍ତି କରଣ ଆୱାର୍ଡ଼ରେ ସମ୍ମାନିତ ହୋଇ ରାୟଗଡା ଜିଲ୍ଲାପାଇଁ ଗୌରବ ଆଣିଛନ୍ତି ।ଭାରତୀୟ ମହିଳା ଅଲମ୍ପିକ ଆସୋସିଏସନ ଏକ ବିଜ୍ଞାପନରେ ଯେ କୌଣସି କର୍ମଜୀବୀ ମହିଳା ଯେପରିକି ଶିକ୍ଷା, ରାଜନୀତି,ବ୍ୟବସାୟ, ସ୍ୱାସ୍ଥ୍ୟ ବିଭାଗ, କିମ୍ବା ସାମାଜିକ କାର୍ଯ୍ୟରେ ପାରଙ୍ଗମ ହୋଇଥିବେ ଏବଂ ସେମାନଙ୍କର ପ୍ରମାଣ ପତ୍ରକୁ ଆଧାରକରି ଏହି ଆୱାର୍ଡ଼ଟି ଘୋଷଣା କରାଯାଉ ଥିବା ଜଣାପଡିଛି । ପୂର୍ବରୁ ଶ୍ରୀମତି ମିଶ୍ର ଶ୍ରେଷ୍ଠ ଏନସିସି ଅଧିକାରୀ ଭାବେ ପୁରସ୍କୃତ ହୋଇଥିବା ବେଳେ ଶେଷ ଡ୍ରାମା ନିର୍ଦ୍ଦେଶକ, ଶ୍ରେଷ୍ଠ କଳାକର, ଶେଷ ରେଡ଼ିଓ କଳାକର, ଶେଷ ସଂପାଦିକା ଭାବେ ସମ୍ମାନୀତ ହୋଇଛନ୍ତି । ଯାହାର ଫଳସ୍ୱରୂପ ଲାଇଫଟାଇମ ଏଚିଭମେଣ୍ଟ ଫର କଁଟ୍ରିବ୍ୟୁସନ୍ ଟୁୱାର୍ଡ଼ସ ଦି ସୋସାଇଟିରେ ଜାତୀୟ ମହିଳା ସଶକ୍ତିକରଣ ଆୱାର୍ଡ଼ରେ ସମ୍ମାନିତ କରାଯାଇଛି । ତେବେ ଏହି ଆୱାର୍ଡ଼ ପାଇ ଶ୍ରୀମତି ମିଶ୍ର ବେଶଖୁସି




ଥିବାବେଳେ, ଆଗାମୀ ଦିନରେ କ୍ରିଡ଼ା ଓ ସମାଜିକ କାର୍ଯ୍ୟରେ ଆହୁରି ଅଧିକ ମନନିବେଶ କରିବେ ବୋଲି କହିଛନ୍ତି ଜିଲ୍ଲାର ବିଭିନ୍ନ ମହଲରେ ଶ୍ରୀମତି ମିଶ୍ରଙ୍କୁ ଭୂରି ଭୂରି ପ୍ରଶଂସା ଓ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।

## ସ୍ୱର୍ଗତଃ ବିଜୟ ପଟ୍ଟନାୟକଙ୍କୁ ଅଶ୍ରୁଳ ଶ୍ରଦ୍ଧାଳି



ପାରାଦୀପ,୨୭।୯ (ନି.ପ୍ର): ବର୍ଷିୟାନ ପତ୍ରକାର ତଥା ଦୈନିକ ଖବରକାଗଜ 'ସମ୍ବାଦ' ର ପ୍ରକାଶକ ସ୍ୱର୍ଗତଃ ବିଜୟ ପଟ୍ଟନାୟକଙ୍କ ବିୟୋଗରେ ପାରାଦୀପ ପ୍ରେସ୍ ମିଡିଆ ପକ୍ଷରୁ ଏକ ଶୋକସଭା ଅନୁଷ୍ଠିତ ହେବାସହ ତାଙ୍କ ଅମର ଆତ୍ମା ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । ଏହି ଅବସରରେ ପ୍ରେସ୍ କ୍ଲବ୍ ପରିସରରେ ପାରାଦୀପ ପ୍ରେସ୍ ମିଡିଆ ଉପଦେଷ୍ଟା ଚିତ ରଂଜନ ସ୍ୱାଇଁଙ୍କ ପୌରହିତରେ ଏକ ଶ୍ରଦ୍ଧାଳି ସଭା ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ପ୍ରଥମେ ସ୍ୱର୍ଗତଃ ପଟ୍ଟନାୟକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତଃ ପଟ୍ଟନାୟକ ଜଣେ ନିର୍ଭିକ, ନିରପେକ୍ଷ ଓ ସାହାସୀ ପତ୍ରକାର ତଥା ସାହିତ୍ୟାନୁରାଗି ଭାବେ ପରିଚିତ ଥିଲେ । ସେ ଦୈନିକ ଖବର କାଗଜ 'ସମ୍ବାଦ' ଆରମ୍ଭରୁ ପ୍ରକାଶକ ଭାବେ ଦାୟିତ୍ୱ ତୁଲାଇ ଅନେକ ସଂସ୍କାର ଆଣିଛନ୍ତି । ସାମ୍ବାଦିକ ମାନଙ୍କ ପ୍ରତି ତାଙ୍କର ତ୍ୟାଗ ଅତୁଳନୀୟ ବୋଲି ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧୀମାନେ ନିଜର ମତବକ୍ତ କରିଥିଲେ । ସ୍ୱର୍ଗତଃ ପଟ୍ଟନାୟକ ତାଙ୍କ

▶▶ପୃଷ୍ଠା ୭

## ରାତ୍ରୀ ଅଧରେ ମରଣାନ୍ତକ ଆକ୍ରମଣ କରି ଘର ଡିହର ବାଡ଼ କାଟିବା ସହ ପୋଡ଼ିଦେଲେ ଘର



ବାଲିଆପାଳ,୨୭।୯ (ନି.ପ୍ର): ରାତ୍ରୀ ଅଧରେ ଖଣ୍ଡା,ଭୁଜାଲି ଓ ଠେଙ୍ଗା ଧରି ଅତର୍କିତ ମରଣାନ୍ତକ ଆକ୍ରମଣ କରି ଘର ଡିହ ବାଡ କାଟି ଘରେ ନିଆଁ ଲଗାଇ ପୋଡି ଦେଲେ । ଆକ୍ରମଣରେ ଘର ମାଲିକ ଦୁଇ ଭାଇ ଗୁରୁତର ଅବସ୍ଥାରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାରେ ଜୀବନ ସହିତ ସଂଗ୍ରାମ କରୁଛନ୍ତି । ଘଟଣା ବିଷୟରେ ବାଲିଆପାଳ ଥାନାରେ ଅଭିଯୋଗ ହୋଇଛି । ଏଭଳି ଘଟଣା ବାଲିଆପାଳ ଅଞ୍ଚଳରେ ଆଲୋଡନା ସୃଷ୍ଟି କରିଛି । ବାଲିଆପାଳ ଥାନା ଅନ୍ତର୍ଗତ କୁମ୍ଭାରୀ ପଞ୍ଚାୟତ ରାଇଡେଙ୍ଗ ଗ୍ରାମର ସୁଧାଂଶୁ ତ୍ରିପାଠୀ ଓ ତାଙ୍କ ଭାଇ ଦିଲିପ ତ୍ରିପାଠୀ ରାତ୍ରୀ ପ୍ରାୟ ସାଢେ ନଅଟା ସମୟରେ ଖାଇବାକୁ ବସିଥିବା ବେଳେ ଘର ପଛପଟରେ ବାଡ ହାଣୁଥିବାର ଶବ୍ଦ ଶୁଣି ସୁଧାଂଶୁ ତ୍ରିପାଠୀଙ୍କ ପତ୍ନୀ ରତ୍ନେଶ୍ୱରୀ ତ୍ରିପାଠୀ ସ୍ୱାମୀ ସୁଧାଂଶୁକୁ କହିବାରୁ ସୁଧାଂଶୁ ଓ ଦିଲିପ ଦୁଇ ଭାଇ ଟର୍ଚ୍ଚ ଜାଳି ଦେଖନ୍ତି ଯେ ଗଡସାହି ବାଲିଆପାଳ ଗ୍ରାମର ସୁରେଶ ଚନ୍ଦ୍ର ଗିରି, ଲକ୍ଷ୍ମଣ ସେନାପତି,ପ୍ରଶାନ୍ତ ସିଂ, ପଞ୍ଚାନନ ମାହାଳିକ,ପର୍ଶୁରାମ ସେନାପତି, ଦିଲିପ ସେନାପତି, ଜୟନ୍ତ ଗିରି,ବଂଶୀଧର ଗିରି, ଅମର ଗିରି,ସୁଶାନ୍ତ ଗିରି, ବଂଶୀଧର ସାହୁ,ସର୍ବେଶ୍ୱର ବ୍ରହ୍ମଚାରୀଙ୍କ ସହିତ ଅନ୍ୟ ୬/୭ ଜଣ ବ୍ୟକ୍ତିମାନେ ହାତରେ ଖଣ୍ଡା,ଭୁଜାଲି,ଠେଙ୍ଗା ଓ ଅନ୍ୟାନ ମାରଣାସ୍ତ୍ର ଧରି ସୁଧାଂଶୁ ତ୍ରିପାଠୀଙ୍କ ଘର ଡିହ ମଧ ଦେଇ ରାସ୍ତା କରିବା ପାଇଁ ତାଙ୍କର ବହୁ ଦିନର ବାଡକୁ ହାଣି ସଫା କରୁଥିଲେ । ସୁଧାଂଶୁ ଓ ଦିଲିପ ପ୍ରତିବାଦ କରିବାରୁ ଉପରୋକ୍ତ ବ୍ୟକ୍ତିମାନେ ଦୁଇ ଭାଇଙ୍କୁ ଅତର୍କିତ ଭାବରେ ଜୀବନରୁ ମାରି ଶେଷ କରି ଦେବା ଉଦ୍ଦେଶ୍ୟରେ ନିସ୍ଥୁକ ମାଡ ମାରିଥିଲେ । ଆକ୍ରମଣ କାରୀଙ୍କ ଖଣ୍ଡା ଚୁଟ ରେ ଦିଲିପର ମୁଣ୍ଡ,ପିଠି ଖଣ୍ଡିଆ ଖାବରା ହୋଇଥିବା ବେଳେ ସୁଧାଂଶୁର ହାତକୁ ହାଣି ଭାଙ୍ଗିଦେବା ସହିତ ପାଖ ଗଡିଆରେ ବୁଡାଇ ଜୀବନରୁ ମାରିଦେବାର ଉଦ୍ୟମ କରୁଥିଲେ । ସୁଧାଂଶୁର ପତ୍ନୀ ରତ୍ନେଶ୍ୱରୀଙ୍କ ଆକୁଳ ନିବେଦନକୁ ଖାତିର ନ କରି ଆକ୍ରମଣ କାରୀମାନେ ମାଡ ମାରିଚାଲିଥିଲେ । ଦୁଇ ଭାଇଙ୍କୁ କିଛି ବ୍ୟକ୍ତିମାନେ ଆକ୍ରମଣ କରିଚାଲିଥିବା ସ୍ଥଳେ ଅନ୍ୟମାନେ ଘରକୁ ପୋଡି ଦେଇଥିଲେ । ସ୍ଥାନୀୟ ଲୋକମାନେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚିବାରୁ ଆକ୍ରମଣକାରୀମାନେ ଦୌଡି ପଳାଇଥିଲେ । ପରେ ମୁମୂର୍ଷ ଅବସ୍ଥାରେ ଗ୍ରାମବାସୀମାନେ ଦୁଇ ଭାଇଙ୍କୁ ଉଦ୍ଧାର କରି ବାଲିଆପାଳ ଥାନାକୁ ଆଣିଥିଲେ । ବାଲିଆପାଳ ଥାନା ପୁଲିସ ପରାମର୍ଶ କ୍ରମେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ପରେ ଅବସ୍ଥା ଗୁରୁତର ହେବାରୁ ଦୁଇ ଭାଇଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ରେଫର କରାଯାଇଥିଲା । ଏବେ ଦୁଇ ଭାଇଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି । ସୁଧାଂଶୁଙ୍କ ପତ୍ନୀ ରତ୍ନେଶ୍ୱରୀଙ୍କ ଏତଲା ଗ୍ରହଣ କରି ପୁଲିସ ତଦନ୍ତ କରୁଥିବା ବାଲିଆପାଳ ପୁଲିସ କହିଛି । ପ୍ରକାଶ ଥାଉକି ଗତ ଅଗଷ୍ଟ ମାସ ୧୮ ତାରିଖରେ ସୁଧାଂଶୁ ଓ ତାଙ୍କ ପତ୍ନୀ ଘରେ ଶୋଇଥିବା ବେଳେ ଉପରୋକ୍ତ ବ୍ୟକ୍ତିମାନେ ବାଡ କାଟି ରାସ୍ତା କରିବା ସହିତ ଗଡିଆରୁ ମାଛ ଧରିନେଇଥିଲେ । ପରେ ପୁଲିସର ହସ୍ତକ୍ଷେପ ଫଳରେ ସୁଧାଂଶୁ ନିଜର ଘର ଡିହ ସୀମାକୁ ବାଡ କରିଥିଲେ ।

## ବର୍ତ୍ତନା ପଂଚାୟତ ପକ୍ଷରୁ ଫଳବୃକ୍ଷ ରୋପଣ

ଜଳେଶ୍ୱର, ୨୭/୯ (ନି.ପ୍ର) : ଜଳେଶ୍ୱର ବ୍ଲକର ବର୍ତ୍ତନା ପଂଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ବିଭିନ୍ନ ଫଳବୃକ୍ଷ ରୋପଣ କରାଯାଉଥିବା ବେଳେ ଗତ ଶୁକ୍ରବାର ଦିନ ମା ଗାଜିଆଣି ପୋଖରୀ ହୁଡାରେ ନଡିଆ ଓ ଆମ୍ବବୃକ୍ଷ ରୋପଣ ନିଜେ ସରପଂଚ ପଦ୍ମଲୋଚନ ବେହେରା କରିଥିବା ଜଣାଯାଂଇଛି । ଏହି ପୋଖରୀ ହୁଡା ନିକଟରେ +୨ ମହାବିଦ୍ୟାଳୟ ଓ ମା ଗାଜିଆଣୀ ମନ୍ଦିର ଥିବାରୁ ଏହା ଏକ ପ୍ରସିଦ୍ଧ ସ୍ଥାନ ବୋଲି ସେ ଅଂଚଳରେ କଥିତ ଅଛି । ଏହି ସବୁ ଗଛକ ଗ୍ରାମବାସୀମାନେ ଯତ୍ନକଲେ ତାହା ସେମାନଙ୍କ କାର୍ଯ୍ୟରେ ଲାଗି ପାରିବ ବୋଲି ସରପଂଚ କହିଥିଲେ ।

## ୮ଲକ୍ଷ ୪୦ ହଜାର ଟଙ୍କାର ତମାଖୁ ଜବତ ୩ ଗିରଫ



ଗୁଣୁପୁର ,୨୭।୯ (ନି.ପ୍ର): ରାୟଗଡ଼ା ଜିଲ୍ଲା ଗୁଣୁପୁର ଉପଖଣ୍ଡ ବିଷମକଟକ ପୋଲିସ୍ ଦ୍ୱାରା ରାତ୍ର ୧୦ ଟା ସମୟରେ ପେଟ୍ରୋଲିଂ କରୁଥିବା ସମୟରେ ଏକ ମିନି ଟ୍ରକ୍ ରେ ୧୪୦ ବସ୍ତା ଭାଙ୍ଗ ଜବତ କରିଛି । ଜବତ ଭାଙ୍ଗର ମୂଲ୍ୟ ପ୍ରାୟ ୯ଲକ୍ଷ ଟଙ୍କା ହେବ । ଜିଲ୍ଲାରେ ପିଡ଼ିଏସ ଚାଉଳ ଯୋଗାଣ ଗାଡିର ପୋଷ୍ଟର ଲଗାଇ ଭାଙ୍ଗ ଓ ଖଇନି ଚାଲାଣ କରୁଛନ୍ତି କିଛି ଅସାଧୁ ବ୍ୟବସାୟୀ । ତେଣୁ ଜିଲ୍ଲାରେ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରାଯିବା ନିହାତି ଆବଶ୍ୟକ । ଦିନ ଦିନକୁ ବଢୁଛି ପାନମସଲା, ଗୁଟଖା, ଭାଙ୍ଗ ଓ ଖଇନି ବ୍ୟାପାର । ଲକ୍ ଡାଉନ୍ ଓ ସଟ୍ ଡାଉନ୍ ଠାରୁ ଜିଲ୍ଲାରେ ତମାଖୁ, ଗଇେ, ସିଗାରେଟ୍ ଭଳି ବହୁ ମଦକ୍ ଦ୍ରବ୍ୟର ଚୋରା ଚାଲାଣ ବଢ଼ି ଚାଲିଥିବା ଦେଖିବାକୁ ମିଳୁଛି । ପୋଲିସ୍ ଗାଡିରେ ଥିବା ୩ ଜଣ ଲୋକଙ୍କୁ ଗିରଫ କରିଛି । ଚୋରା ଚାଲାଣ ବେଳେ ରାୟଗଡା ଜିଲ୍ଲା ବିଷମକଟକ ପୋଲିସ ଏକ ମିନି ଟ୍ରକ ରେ ବୋଝେଇ

▶▶ପୃଷ୍ଠା ୭

## ଲକ୍ଷ ଲକ୍ଷ ଟଙ୍କାର ଚୋରା ବାଲି ଏବେ ବି ନଦୀ ତଟ ଗ୍ରାମରେ ଗଚ୍ଛିତ : ପ୍ରଶାସନ ନେଇ ପଦକ୍ଷେପ

ଜଳେଶ୍ୱର,୨୭।୯ (ନି.ପ୍ର): ଏବେବି ସୁବର୍ଣ୍ଣରେଖା ନଦୀର ତଟବର୍ତ୍ତୀ ଗ୍ରାମରେ ପର୍ବତ ପରିମାଣର ବାଲି ଠୁଳ କରି ରଖା ଯାଇଛି । ବାଲି ଅମୂଲମୂଲ ହୋଇଥିବା ବେଳେ ଏପରି ବେଆଇନ୍ ଜମା କରି ରଖିଥିବା ମୁନାଫାଖୋର ବ୍ୟବସାୟୀଙ୍କ ପ୍ରତି ଚରମ ପଦକ୍ଷେପ ନିଆଯାଉ ବୋଲି ସାଧାରଣରେ ଦାବି ହେଉଛି । ସୁବର୍ଣ୍ଣାଖା ନଦୀବାଲି ଲାଗି ଏବେ ୨ଟି ଏନ୍‌ଜିଟି ମାମଲା ଚାଲିଛି । ସୁଦର୍ଶନ ଦାସଙ୍କ ମାମଲା ଦିଲ୍ଲି ଏନ୍‌ଜିଟିରେ ଚାଲିଥିବା ବେଳେ ସମୀର ପାତ୍ରଙ୍କ ଦ୍ୱାରା ଅନ୍ୟଏକ ମାମଲା କୋଲକତାରେ ଚାଲିଛି । ଏନଜିଟିର ନିର୍ଦ୍ଦେଶରେ ବହୁ ପଦସ୍ଥ କର୍ମକର୍ତ୍ତା ରାଜ୍ୟ ଓ ଦେଶରୁ ଆସି ପରିସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି । ଫଳରେ ଉପାନ୍ତରେ ଥିବା ସବୁ ବାଲି ଖାଦାନ ଏବଂ ନିକଟରେ ଅନ୍ୟ ୩ଟି ବାଲି ଖାଦାନକୁ ଏନ୍‌ଜିଟିର ନିର୍ଦ୍ଦେଶରେ ବନ୍ଦ ରଖାଯାଇଛି । କିନ୍ତୁ ସେଠାରେ ୧୪୪ ଧାରା ଜାରି ହୋଇଛି କି ନା ଏ ସଂପର୍କରେ ଜନସାଧାରଣଙ୍କୁ ଅଜଣା । ଅନ୍ୟ ପକ୍ଷରେ ଶିଖରପୁର ଓ ମହମ୍ମଦନଗରପାଟଣା ଗାଁକୁ ଉଦାହରଣ ଭାବେ ନେଲେ ଅନ୍ୟ ନଦୀକୂଳିଆ ଗାଁ ଗୁଡିକରେ କେତେବାଲି ଜମା ରହିଛି ତାହା ସ୍ୱଷ୍ଟ ହେବ । ଗୋଟିଏ ଟ୍ରାକ୍ଟରରେ ୧୦୦ ଘନଫୁଟ ବାଲିପାଇଁ ରାଜ୍ୟସରକାର ୧୦୦ରୁ ୧୨୦ ଟଙ୍କା ରାଜସ୍ୱ ଦିଆଯାଉଥିବା ବେଳେ ଏବେ ବାଲି ଜମାରଖିଥିବା ବ୍ୟକ୍ତିମାନେ ଟ୍ରାକ୍ଟର ବର୍ତ୍ତି ବାଲି ପାଇଁ ୩୬୦୦ ଟଙ୍କା ନିଆଯାଉଛି । ନଦୀକୂଳ ଗ୍ରାମଗୁଡିକରେ ବାଲି ଜମା ରଖିଥିବା ବ୍ୟକ୍ତିମାନେ ଏବେ କୌଣସି ରୟାଲିଟି ସରକାରଙ୍କୁ ନ ଦେଇ ଟ୍ରାକ୍ଟର ପିଛା କେବଳ ୩୬୦୦ଟଙ୍କା ନେଉଥିବା ଜଣାଯାଇଛି । ଏବେବି ଏହି ଗାଁ ମାନଙ୍କରେ ହଜାର ହଜାର ଘନମିଟର ବାଲି ଗଚ୍ଛିତ ଥିବା ଦେଖିବାକୁ ମିଳୁଛି । ଏହାଛଡା ଜାତୀୟ ରାଜପଥ କଡ, ରାଜ୍ୟରାଜପଥ କଡ, ସରକାରୀ ଜାଗା ମାନଙ୍କରେ ବାଲି ଗଚ୍ଛିତ ଥିବା ଜଣାଯାଇଛି । ଅନ୍ୟପକ୍ଷରେ ସରକାରୀ ନିର୍ମାଣ , ପ୍ରଧାନମନ୍ତ୍ରୀ ଆବସ ଯୋଜନାରେ ଗୃହ ନିର୍ମାଣ ଲାଗି ବାଲି ମିଳୁନଥିବାରୁ ନିର୍ମାଣ କାର୍ଯ୍ୟ ଏକପ୍ରକାର ଠପ୍ ହୋଇଯାଇଛି । ଜଳେଶ୍ୱର, ଭୋଗରାଇ, ବାଲିଆପାଳ ବ୍ଲକ ଗୁଡିକରେ ନିର୍ମାଣ କାର୍ଯ୍ୟ ଓ ଆବାସ ଯୋଜନାରେ ଗୃହ ନିର୍ମାଣ ଲାଗି ଆବଶ୍ୟକୀୟ ବାଲି ସ୍ଥାନୀୟ ତହସିଲଦାରଙ୍କ ଜରିଆରେ ବାଲି ଖାଦାନମାନଙ୍କରୁ ଯୋଗାଇ ଦେବାକୁ ଦାବି ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo